ଈଶ୍ବର ଇଶ୍ରାୟେଲୀୟମାନଙ୍କ ସହ କରିଥିବା ନିୟମ ସମୋନଙ୍କୁ କହିବା ଉତ୍ତାରେ ସମୋନେ ସୀନୟ ପର୍ବତରୁ ବାହାରିଲେ  ଈଶ୍ବର ସମୋନଙ୍କୁ ପ୍ରତିଜ୍ଞାତ ଦଶେ ଆଡକୁ କଢାଇ ନଲେେ, ଯଉେଁ ଦଶେକୁ କିଣାନ କୁହାଯାଉଥିଲା  ମଘେ ସ୍ତମ୍ଭ ସମୋନଙ୍କ ଆଗେ ଆଗେ କିଣାନ ଆଡକୁ ଯାଉଥିଲା ଏବଂ ସମୋନେ ତାହାର ପଛେ ପଛେ ଚାଲୁଥିଲେ



ଅବ୍ରହାମ, ଇସହାକ୍‌ଓ ଯାକୁବଙ୍କୁ ପ୍ରତିଜ୍ଞାତ ଦଶେ ଦବୋ ନିମନ୍ତେ ଈଶ୍ବର ପ୍ରତିଜ୍ଞା କରିଥିଲେ, କିନ୍ତୁ ବର୍ତ୍ତମାନ ସହେି ଦଶେରେ ଅନକେ ଲୋକେଦଳ ବାସ କରୁଥିଲେ  ସମୋନଙ୍କୁ କିଣାନୀୟ କୁହାଯାଉଥିଲା  କିଣାନୀୟମାନେ ଈଶ୍ବରଙ୍କର ଉପାସନା କରୁନଥିଲେ କିମ୍ବା ତାଙ୍କର ଆଜ୍ଞାବହ ହଉେନଥିଲେ ସମୋନେ ଭ୍ରାନ୍ତ ଦବେଗଣକୁ ଉପାସନା କରୁଥିଲେ ଏବଂ ଅନକେ ମନ୍ଦ କାର୍ଯ୍ୟ କରୁଥିଲେ



ଇଶ୍ବର ଇଶ୍ରାୟଲୀୟମାନଙ୍କୁ କହିଲେ “ପ୍ରତିଜ୍ଞାତ ଦଶେରେ ତୁମ୍ଭମୋନେ ସମସ୍ତ କିଣାନୀୟ ଲୋକଙ୍କଠାରୁ ତ୍ରାହି ପାଇବ  ସମୋନଙ୍କ ସହ ଶାନ୍ତିର ସନ୍ଧି ସ୍ଥାପନ କରନାହିଁ କିମ୍ବା ସମୋନଙ୍କୁ ବିବାହ କରନାହିଁ ତୁମ୍ଭମୋନେ ସେ ସମସ୍ତଙ୍କର ପ୍ରତିମାଗୁଡିକୁ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ କରିବାକୁ ହବେ  ଯଦି ତୁମ୍ଭମୋନେ ମୋର ଆଜ୍ଞାବହ ହବେନାହିଁ, ମୋ ବଦଳରେ ତୁମ୍ଭମୋନେ ସମୋନଙ୍କର ପ୍ରତିମାଗୁଡିକର ଉପାସନା କରିବ ନାହିଁ ”



ଇଶ୍ରାୟଲୀୟମାନେ ଯେତେବେଳେ କିଣାନୀୟମାନଙ୍କ ସୀମାରେ ପହଞ୍ଚିଲେ, ସେତେବେଳେ ମୋଶା ପ୍ରତି ବଂଶରୁ ବାରଜଣଙ୍କୁ ମନୋନୀତ କଲେ  ସେ ସେହି ଲୋକମାନଙ୍କୁ ସେହି ଦଶେକୁ ଯାଇ ତାହା ଦେଖିବାକୁ କିପରି ତାହା ଗୁପ୍ତରେ ଦେଖି ଆସିବା ନିମନ୍ତେ କହିଥିଲେ  କିଣାନୀୟମାନେ ସମୋନଙ୍କଠାରୁ ବଳିଷ୍ଠ ବା ଦୁର୍ବଳ ଥିଲେ ତାହାର ମଧ୍ୟ ଅନୁସନ୍ଧାନ କରିବା ନିମନ୍ତେ ସମୋନଙ୍କୁ କୁହାଯାଇଥିଲା



ସେହି ବାରଜଣ କିଣାନ ସାରା ଚାଳିଶ ଦିନ ଭ୍ରମଣ କରି ଫେରିଆସିଲେ  ସେମାନେ ଲୋକମାନକିନ୍ତୁ ସେହି ଅନୁସନ୍ଧାନକାରୀ (ଚର)ଙ୍କ ମଧ୍ୟରୁ ଦଶଜଣ କହିଲେ “ତହିଁର ନଗରଗୁଡିକ ଅତି ଦୃଢ ଏବଂ ସେଥିର ଲୋକମାନେ ବିରାଟକାୟ ଅଟନ୍ତି! ଯଦି ଆମେ ସେମାନଙ୍କୁ ଆକ୍ରମଣ କରିବୁ, ସେମାନେ ନିଶ୍ଚୟ ଆମ୍ଭମାନଙ୍କୁ ପରାସ୍ତ କରି ଆମ୍ଭମାନଙ୍କୁ ହତ୍ୟା କରିବେ!”



ତତ୍କ୍ଷଣାତ୍ଅନ୍ୟ ଦୁଇଜଣ ଗୁପ୍ତଚର କାଲେବ ଓ ଯିହୋଶୂୟ କହିଲେ “ଏହା ସତ୍ୟ ଯେ କିଣାନର ଲୋକମାନେ ଦୀର୍ଘକାୟ ଓ ବଳିଷ୍ଠ ଅଟନ୍ତି, କିନ୍ତୁ ଆମେ ସେମାନଙ୍କୁ ନିଶ୍ଚୟ ପରାଜୟ କରିବା! ଈଶ୍ବର ଆମ୍ଭମାନଙ୍କ ପକ୍ଷରୁ ଯୁଦ୍ଧ କରିବେ!”



କିନ୍ତୁ ଲୋକମାନେ କାଲେବ ଓ ଯିହୋଶୂୟଙ୍କ କଥା ଶୁଣିଲେ ନାହିଁ  ସେମାନେ ମୋଶା ଓ ହାରୋଣଙ୍କ ଉପରେ କ୍ରୋଧ କରି କହିଲେ "ତୁମ୍ଭେ କାହିଁକି ଆମ୍ଭମାନଙ୍କୁ ଏପରି ଏକ ଭୟଙ୍କର ସ୍ଥାନକୁ ଆଣିଛ? ଆମେ ମିଶରରେ ରହି ବରଂ ଯୁଦ୍ଧରେ ମରିଥାନ୍ତୁ ଓ ଆମ୍ଭମାନଙ୍କ ସ୍ତ୍ରୀ ଓ ପିଲାମାନେ ଦାସ୍ୟ କର୍ମ କରିଥାନ୍ତେ " ଲୋକମାନେ ସେମାନଙ୍କ ନିମନ୍ତେ ଅନ୍ୟ ଜଣେ ନେତା ମନୋନୀତ କରିବାକୁ ଚାହିଁଲେ ଯିଏକି ସେମାନଙ୍କୁ ପୁନର୍ବାର ମିଶରକୁ ନେଇଯିବେ



ଇଶ୍ବର ଅତିଶୟ କ୍ରୋଧ କଲେ ଏବଂ ସମାଗମ ତମ୍ବୁକୁ ଆସିଲେ  ଇଶ୍ବର କହିଲେ "ଯେହେତୁ ତୁମ୍ଭେ ମୋ ବିରୁଦ୍ଧରେ ବିଦ୍ରୋହ କରିଅଛ, ସେଥିଯୋଗୁଁ ସମସ୍ତ ଲୋକ ପ୍ରାନ୍ତରରେ ପଥଭ୍ରଷ୍ଟ ଭାବେ ଭ୍ରମଣ କରିବେ  ଯିହୋଶୂୟ ଓ କାଲେବଙ୍କ ବ୍ୟତୀତ କୋଡିଏ ବର୍ଷ ବା ତଦ୍ଦୁର୍ଦ୍ଧ୍ବ ସମସ୍ତେ ସେଠାରେ ମରିବେ ଏବଂ ସେମାନେ କେବେ ବି ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବେ ନାହିଁ "



ଲୋକମାନେ ଯେତେବେଳେ ଏହି କଥା ଶୁଣିଲେ, ସେତେବେଳେ ସେମାନେ ଯେ ପାପ କରିଅଛନ୍ତି ସେଥିଯୋଗୁଁ ଦୁଃସେମାନେ ସେମାନଙ୍କ ଖଡ୍ଗ ନେଇ କିଣାନରେ ଥିବା ଲୋକମାନଙ୍କୁ ଆକ୍ରମଣ କରିବାକୁବାହାରିଲେ  ମୋଶା ସେମାନଙ୍କୁ ସେପେରି ନ ଯିବା ନିମନ୍ତେ କହି କହିଲେ ଯେ ଈଶ୍ବର ସେମାନଙ୍କ ସହିତ ନ ଥିଲେ, କିନ୍ତୁ ସେମାନେ ତାଙ୍କ କଥା ଶୁଣିଲେ ନାହିଁ



ଈଶ୍ବର ସେହି ଯୁଦ୍ଧରେ ସେମାନଙ୍କ ସହ ଗଲେ ନାହିଁ, ତେଣୁ ସେମାନେ ପରାସ୍ତ ହେଲେ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିହତ ହେଲେ  ତା'ପରେ ଈଶ୍ରାୟେଲୀୟମାନେ କିଣାନରୁ ବାହାରିଆସି ପ୍ରାନ୍ତରରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ଭ୍ରମଣ କଲେ



ଇଶ୍ରାୟଲୀୟମାନେ ପ୍ରାନ୍ତରରେ ଭ୍ରମଣ କରିବାର ଏହି ଚାଳିଶ ବର୍ଷ ମଧ୍ୟରେ ଈଶ୍ବର ସେମାନଙ୍କୁ ସମସ୍ତ ଆବଶ୍ୟକୀୟ ବିଷୟ ଯୋଗାଇଲେ  ସେ "ମାନ୍ନା" ନାମରେ ଜଣାଶୁଣା ସ୍ବର୍ଗୀୟ ଖାଦ୍ୟ ଦେଲେ  ଆହୁରି ସେ ସେମାନଙ୍କ ବସତି ସ୍ଥାନକୁ କୁଢ କୁଢ ଭାଟୋଇ ପକ୍ଷି ପଠାଇଲେ (ଯାହାସବୁ ମଧ୍ୟମ ଧରଣର ପକ୍ଷି ଥିଲା) ଯେପେରିକି ସେମାନେ ଖାଇବା ନିମନ୍ତେ ମାଂସ ପାଇପାରିବେ ଏହି ସମସ୍ତ ସମୟ ମଧ୍ୟରେ, ଈଶ୍ବର ସେମାନଙ୍କର ବସ୍ତ୍ର ଓ ପାଦୁକା ଜୀର୍ଣ୍ଣ ହେବାକୁ ଦେଲେନାହିଁ



ଈଶ୍ବର ଏପରିକି ଆଶ୍ଚର୍ଯ୍ୟଜନକ ଭାବେ ପଥରରୁ ସେମାନଙ୍କୁ ଜଳ ଦେଲେ  କିନ୍ତୁ ଏହି ସମସ୍ତ କାର୍ଯ୍ୟ ସତ୍ତ୍ବେ, ଇଶ୍ରାୟଲୀୟ ଲୋକମାନେ ଈଶ୍ବର ଓ ମୋଶାଙ୍କ ବିରୁଦ୍ଧରେ ଅଭିଯୋଗ କରି ମନେ ମନେ ବଚସା କରିବାକୁ ଲାଗିଲେ  ଏପରି ହେବା ସତ୍ତ୍ବେ ଈଶ୍ବର ଅବ୍ରହାମ, ଇସହାକ୍‌ଓ ଯାକୁବଙ୍କ ସହ କରିଥିବା ପ୍ରତିଜ୍ଞା ପ୍ରତି ବିଶ୍ବସ୍ତ ଥିଲେ



ଅନ୍ୟ ଏକ ସମୟରେ, ଲୋକମାନେ ଯେତେବେଳେ ଜଳ ପାଇଲେ ନାହିଁ, ଈଶ୍ୱର ମୋଶାଙ୍କୁ କହିଲେ "ସେହି ପଥରକୁ କଥା କୁହ ଓ ତହିଁରୁ ଜଳ ବାହାରିବ " କିନ୍ତୁ ମୋଶା ପଥରକୁ କଥା କହିବା ପରିବର୍ତ୍ତେ ଦୁଇଥର ଆଘାତ ଦେବା ଦ୍ୱାରା ସମସ୍ତ ଲୋକଙ୍କ ସମ୍ମୁଖରେ ଈଶ୍ୱରଙ୍କର ଅସମ୍ମାନ କଲେ ସମସ୍ତେ ଯେପରି ଜଳପାନ କରିବେ ସେଥିପାଇଁ ଜଳ ବାହାରି ଆସିଲା, କିନ୍ତୁ ଈଶ୍ୱର ମୋଶାଙ୍କ ଉପରେ ରାଗିଥିଲେ ଏବଂ ସେ କହିଲେ "ତୁମ୍ଭେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିପାରିବ ନାହିଁ "



ଇଶ୍ରାୟେଲୀୟମାନେ ଚାଳିଶ ବର୍ଷ ପ୍ରାନ୍ତରରେ ଭ୍ରମଣ କଲା ଉତ୍ତାରେ, ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିବା ସମସ୍ତେ ମଲେ ତା'ପରେ ଈଶ୍ୱର ପୁନର୍ବାର ପ୍ରତିଜ୍ଞାତ ଦେଶର ପ୍ରାନ୍ତକୁ ସେମାନଙ୍କୁ ନେଇଯାଇଥିଲେ ମୋଶା ବର୍ତ୍ତମାନ ଅତି ବୃଦ୍ଧ ହୋଇଯାଇଥିଲେ, ତେଣୁ ଲୋକମାନଙ୍କୁ ପଥ କଢାଇ ନେବାରେ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ସେ ଯିହୋଶୂୟଙ୍କୁ ମନୋନୀତ କଲେ ଈଶ୍ୱର ମୋଶାଙ୍କୁ ଆଉ ଏକ ମଧ୍ୟ ପ୍ରତିଜ୍ଞା କଲେ ଯେ, ସେ ମୋଶାଙ୍କ ପରି ଆଉ ଜଣେ ଭାବବାଦୀଙ୍କୁ ପଠାଇବେ



ତା'ପରେ ଈଶ୍ବର ମୋଶାଙ୍କୁ ଏକ ପର୍ବତର ଶିଖରକୁ ଚଢିବା ନିମନ୍ତେ କହିଲେ ଯେପରିକି ସେ ସେଠାରୁ ପ୍ରତିଜ୍ଞାତ ଦେଶ ଦେଖିପାରିବେ  ମୋଶା ପ୍ରତିଜ୍ଞାତ ଦେଶ ଦେଖିପାରିଥିଲେ କିନ୍ତୁ ସେ ସେଥିରେ ପ୍ରବେଶ କରିବା ନିମନ୍ତେ ଈଶ୍ବର ଅନୁମତି ଦେଲେନାହିଁ  ତା'ପରେ ମୋଶା ମଲେ, ଏବଂ ଇଶ୍ରାୟେଲୀୟମାନେ ତିରିଶି ଦିନ ତାଙ୍କ ନିମନ୍ତେ ଶୋକ କଲେ  ବର୍ତ୍ତମାନ ଯିହୋଶୂୟ ସେମାନଙ୍କର ନୂତନ ନେତା ହେଲେ  ଯିହୋଶୂୟ ଜଣେ ଉତ୍ତମ ନେତା ଥିଲେ କାରଣ ସେ ଈଶ୍ବରଙ୍କଠାରେ ଭରସା ରଖିଥିଲେ ଓ ତାଙ୍କର ଆଜ୍ଞାବହ ହେଉଥିଲେ

# 15. ପ୍ରତିଜ୍ଞାତ ଦଣ୍ଡ



ପରିଶଷେରେ ପ୍ରତିଜ୍ଞାତ ଦଶେ କିଣାନରେ ଇଶ୍ରାୟଲୀେୟମାନେ ପ୍ରବଶେ କରିବାର ଏକ ପ୍ରକୃଷ୍ଟ ବା ଠିକ୍‌ସମୟ ଥିଲା  ଦୃଢ ପ୍ରାଚୀର ଦ୍ଵାରା ପରିବଷ୍ଟେିତ ଯିରୀହୋ ନଗର ବିଷୟରେ ଅନୁସନ୍ଧାନ କରିବା ନିମନ୍ତେ ଯିହୋଶୂୟ ଦୁଇଜଣ ଗୁପ୍ତଚରଙ୍କୁ ପଠାଇଲେ  ସହେି ନଗରରେ ରାହବ ନାମ୍ନୀ ଜଣେ ବଶ୍ୟୋ ଥିଲା ଯିଏକି ସହେି ଗୁପ୍ତଚରମାନଙ୍କୁ ଲୁଚାଇ ପରେ ସମୋନେ ସଠେିରୁ ଖସି ପଳାଇଯିବାରେ ସମୋନଙ୍କୁ ସାହାଯ୍ୟ କଲା  ସେ ସପେରି କାର୍ଯ୍ୟ କଲା, କାରଣ ସେ ଈଶ୍ଵରଙ୍କଠାରେ ବିଶ୍ଵାସ କଲା  ଇଶ୍ରାୟଲୀେୟମାନେ ଯତେବେଳେ ଯିରୀହୋକୁ ବିନଷ୍ଟ କରିବେ ସତେବେଳେ ସମୋନେ ଯେ ରାହବ ଓ ତାହାର ପରିବାରକୁ ସୁରକ୍ଷା ଦବେେ ଏହା ପ୍ରତିଜ୍ଞା କଲେ



ଇଶ୍ରାୟଲୀେୟମାନେ ପ୍ରତିଜ୍ଞାତ ଦଶେରେ ପ୍ରବଶେ କରିବା ନିମନ୍ତେ ଯର୍ଦ୍ଦନ ନଦୀରେ ପାର ହବୋକୁ ପଡିଥିଲା  ଈଶ୍ଵର ଯିହୋଶୂୟଙ୍କୁ କହିଲେ “ଯାଜକମାନେ ପ୍ରଥମେ ଯାଆନ୍ତୁ “ ଯାଜକମାନେ ଯତେବେଳେ ଯର୍ଦ୍ଦନ ନଦୀର ପାଦ ଦବୋର ଆରମ୍ଭ କଲେ, ସତେବେଳେ ଉପର ଭାଗରେ ଥିବା ଜଳ ବହିବା ବନ୍ଦ ହୋଇଗଲା ଯପେରିକି ଇଶ୍ରାୟଲୀେୟମାନେ ଶୁଖିଲା ଭୂଇଁରେ ଚାଲି ଚାଲି ଯର୍ଦ୍ଦନ ନଦୀ ପାର ହବେେ



ଲୋକମାନେ ଯର୍ଦ୍ଦନ ନଦୀ ପାର ହେଲା ପରେ, ଶକ୍ତିଶାଳୀ ନଗର ଯିରୀହୋକୁ କିପରି ଆକ୍ରମଣ କରିବାକୁ ହେବେ ତାହା ଈଶ୍ବର ଯିହୋଶୂୟଙ୍କୁ କହିଥିଲେ ଲୋକମାନେ ଈଶ୍ବରଙ୍କର ଆଜ୍ଞାବହ ହେଲେ ଈଶ୍ବର ଯେପରି କହିଥିଲେ ତଦନୁସାରେ ସୈନ୍ୟମାନେ ଓ ଯାଜକମାନେ ଦିନକୁ ଥରେ ଏହିପରି ଛ' ଦିନ ଯିରୀହୋ ନଗର ଚାରିଦିଗରେ ବୁଲିଲେ



ତା'ପରେ ସପ୍ତମ ଦିନରେ, ଇଶ୍ରାୟେଲୀୟମାନେ ସାତ ଥର ବୁଲିଲେ ଯେତେବେଳେ ସେମାନେ ନଗରର ଚାରିଦିଗରେ ଶେଷଥର ନିମନ୍ତେ ବୁଲିଲେ, ସେତେବେଳେ ସୈନ୍ୟମାନେ ଜୟଧ୍ଵନି କଲେ ଏବଂ ଯାଜକମାନେ ସେମାନଙ୍କର ତୂରୀ ବଜାଇଲେ



ସେତେବେଳେ ଯିରୀହୋ ପ୍ରାଚୀର ଟଳି ପଡିଥିଲା! ଈଶ୍ୱର କହିଥିବା ଅନୁଯାୟୀ ଇଶ୍ରାୟେଲୀୟମାନେ ନଗରରେ ସମସ୍ତ ବିଷୟକୁ ବିନଷ୍ଟ କଲେ  ସେମାନେ କେବଳ ରାହବ ଓ ତାହାର ପରିବାରକୁ ରକ୍ଷା କଲେ, ଯେଉଁମାନେ ଇଶ୍ରାୟେଲର ଅଂଶବିଶେଷ ହୋଇସାରିଥିଲେ  କିଣାନରେ ଥିବା ଅନ୍ୟ ଲୋକମାନେ ଯେତେବେଳେ ଶୁଣିଲେ ଯେ ଇଶ୍ରାୟେଲୀୟମାନେ ଯିରୀହୋକୁ ବିନାଶ କରିଅଛନ୍ତି, ସେମାନେ ଭୟଭୀତ ହୋଇ ଭାବିବାକୁ ଲାଗିଲେ ଯେ ଇଶ୍ରାୟେଲୀୟମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବେ



କିଣାନର କୌଣସି ଲୋକଦଳ ସହ ଶାନ୍ତିଚୁକ୍ତି ନ କରିବା ନିମନ୍ତେ ଈଶ୍ୱର ଇଶ୍ରାୟେଲୀୟମାନଙ୍କୁ ଆଜ୍ଞା ଦେଇଥିଲେ  କିନ୍ତୁ ଗିବିୟୋନ ନାମକ ଏକ କିଣାନୀୟ ଲୋକଦଳ ଯିହୋଶୂୟଙ୍କୁ ମିଥ୍ୟା କହି କହିଲେ ଯେ ସେମାନେ କିଣାନରୁ ବହୁ ଦୂରରେ ଥିବା ଏକ ସ୍ଥାନରୁ ଆସିଅଛନ୍ତି  ସେମାନେ ଯିହୋଶୂୟଙ୍କୁ ସେମାନଙ୍କ ସହ ଏକ ଶାନ୍ତିଚୁକ୍ତି କରିବା ନିମନ୍ତେ କହିଲେ  ଗିବିୟୋନୀୟମାନେ କେଉଁଠାରୁ ଆସିଥିଲେ ତାହା ଯିହୋଶୂୟ ଏବଂ ଇଶ୍ରାୟେଲୀୟମାନେ ଈଶ୍ୱରଙ୍କୁ ପଚାରିନଥିଲେ  ତେଣୁ ଯିହୋଶୂୟ ସେମାନଙ୍କ ସହ ଏକ ଶାନ୍ତିଚୁକ୍ତି ସ୍ଥାପନ କଲେ



ଗିବିୟୋନୀୟମାନେ ସମୋନଙ୍କୁ ପ୍ରତାରଣା କରିଅଛନ୍ତି ବୋଲି ଇଶ୍ରାୟେଲୀୟମାନେ ଯେତେବେଳେ ଜାଣିବାକୁ ପାଇଲେ ସମୋନେ କ୍ରୋଧ କଲେ, କିନ୍ତୁ ସମୋନେ ସମୋନଙ୍କ ସହ କରିଥିବା ଶାନ୍ତିଚୁକ୍ତି ରକ୍ଷା କରିଥିଲେ କାରଣ ଏହା ଈଶ୍ବରଙ୍କର ଏକ ପ୍ରତିଜ୍ଞା ଥିଲା  କିଛି ସମୟ ପରେ, କିଣାନରେ ଥିବା ଅମୋରୀୟ ନାମକ ଅନ୍ୟ ଏକ ଲୋକଦଳର ରାଜାମାନେ ଶୁଣିବାକୁ ପାଇଲେ ଯେ ସମୋନେ ଇଶ୍ରାୟେଲୀୟମାନଙ୍କ ସହ ଏକ ଶାନ୍ତିଚୁକ୍ତି ସ୍ଥାପନ କରିଅଛନ୍ତି, ତେଣୁ ସମୋନେ ସମୋନଙ୍କର ସୈନ୍ୟବାହିନୀଗୁଡିକୁ ଏକ ବୃହତ୍‌ବାହିନୀରେ ପରିଣତ କରି ଗିବିୟୋନକୁ ଆକ୍ରମଣ କଲେ  ଗିବିୟୋନୀୟମାନେ ସାହାଯ୍ୟ ନିମନ୍ତେ ଯିହୋଶୂୟଙ୍କ ନିକଟକୁ ଏକ ବାର୍ତ୍ତା ପ୍ରେରଣ କଲେ



ତେଣୁ ଯିହୋଶୂୟ ଇଶ୍ରାୟେଲୀୟ ସୈନ୍ୟବାହିନୀକୁ ଏକତ୍ର କଲେ ଗିବିୟୋନୀୟମାନଙ୍କ ନିକଟରେ ପହଞ୍ଚିବା ନିମନ୍ତେ ସାରା ରାତ୍ରି ଯାତ୍ରା କଲେ  ଭୋର ସକାଳରେ ସମୋନେ ଅମୋରୀୟ ସୈନ୍ୟବାହିନୀକୁ ଆଶ୍ଚର୍ଯ୍ୟଚକିତ କରି ସମୋନଙ୍କୁ ଆକ୍ରମଣ କଲେ



ଈଶ୍ବର ସେହି ଦିନ ଇଶ୍ରାୟଲୀୟମାନଙ୍କ ପକ୍ଷରୁ ଯୁଦ୍ଧ କଲେ  ସେ ଅମୋରୀୟ ସୈନ୍ୟବାହିନୀକୁ ଦ୍ଵନ୍ଦରେ ପକାଇଦଲେେ ଓ କୁଆପଥର ପଠାଇଲେ ଯାହା ଅନକେ ଅମୋରୀୟଙ୍କ ଜୀବନ ନଇେଥିଲା



ଈଶ୍ବର ଆହୁରି ମଧ୍ୟ ସୂର୍ଯ୍ୟକୁ ଗୋଟିଏ ସ୍ଥାନରେ ଅଟକାଇ ରଖିଲେ ଯେପରିକି ଅମୋରୀୟମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିବା ପର୍ଯ୍ୟନ୍ତ ଏହା ଆଲୋକ ପ୍ରଦାନ କରୁଥିବ  ସେହି ଦିନ ଈଶ୍ବର ଇଶ୍ରାୟଲେ ନିମନ୍ତେ ଏକ ବୃହତ୍‌ବିଜୟ ପାଇଲେ



ଈଶ୍ବର ଏହି ସମସ୍ତ ସୈନ୍ୟବାହିନୀକୁ ପରାସ୍ତ କଲାପରେ, ଆହୁରି ଅନେକ କିଣାନୀୟ ଲୋକଦଳ ଇଶ୍ରାୟେଲୀୟମାନଙ୍କୁ ପରାସ୍ତ କରିବା ନିମନ୍ତେ ଏକାଠି ହେଲେ ଯିହୋଶୂୟ ଓ ଇଶ୍ରାୟେଲୀୟମାନେ ସେମାନଙ୍କୁ ଆକ୍ରମଣ କରି ବିନଷ୍ଟ କଲେ



ଏହି ଯୁଦ୍ଧ ପରେ, ଈଶ୍ବର ଇଶ୍ରାୟେଲର ପ୍ରତି ଗୋଷ୍ଠୀକୁ ପ୍ରତିଜ୍ଞାତ ଭାଗ ପ୍ରଦାନ କଲେ ଏହାପରେ ଈଶ୍ବର ଇଶ୍ରାୟେଲର ସୀମାରେ ଥିବା ସମସ୍ତ ଦେଶ ସହ ଶାନ୍ତିରେ ରହିବାକୁ ଦେଲେ



ଯିହୋଶୂୟ ଯେତେବେଳେ ବୃଦ୍ଧ ହେଲେ, ସେ ଇଶ୍ରାୟେଲର ସମସ୍ତ ଲୋକଙ୍କୁ ଏକାଠି କରି ଡାକିଲେ  ତା'ପରେ ଈଶ୍ବର ଇଶ୍ରାୟେଲୀୟମାନଙ୍କ ସହ ସୀନୟ ପର୍ବତରେ ଯେଉଁ ନିୟମ କରିଥିଲେ ସେହି ନିୟମ ପ୍ରତି ଲୋକମାନଙ୍କର ପ୍ରତିବଦ୍ଧତା ବିଷୟରେ ସେମାନଙ୍କୁ ସ୍ମରଣ କରାଇଲେ  ଲୋକମାନେ ଈଶ୍ବରଙ୍କ ପ୍ରତି ବିଶ୍ବସ୍ତ ରହିବାକୁ ଓ ତାହାଙ୍କ ନିୟମସବୁ ପାଳନ କରିବାକୁ ପ୍ରତିଜ୍ଞା କଲେ

*Joshua 1–24*

# 16. ଉଦ୍ଧାରକର୍ତ୍ତାଗଣ



ଯିହୋଶୂୟ ମୃତ୍ୟୁଭୋଗ କଲା ପରେ ଇଶ୍ରାୟେଲୀୟମାନେ ଈଶ୍ବରଙ୍କର ଅନାଜ୍ଞାବହ ହେଲେ ଏବଂ ସେମାନେ ଅବଶିଷ୍ଟାଂଶ କିଣାନୀୟଙ୍କୁ ବିତାଡିତ କରିପାରିଲେ ନାହିଁ କିମ୍ବା ଈଶ୍ବରଙ୍କ ବ୍ୟବସ୍ଥାସକଳ ପାଳନ କଲେନାହିଁ  ଇଶ୍ରାୟେଲୀୟମାନେ ସତ୍ୟ ଈଶ୍ବର ଯିହୋବାଙ୍କର ଉପାସନା କରିବା ପରିବର୍ତ୍ତେ କିଣାନୀୟମାନଙ୍କ ଦେବତାମାନଙ୍କର ଉପାସନା କରିବାକୁ ଲାଗିଲେ  ଇଶ୍ରାୟେଲୀୟମାନଙ୍କର କୌଣସି ରାଜା ନ ଥିଲେ, ତେଣୁ ପ୍ରତ୍ୟେକେ ଜଣ ତାଙ୍କ ଦୃଷ୍ଟିରେ ଯାହା ଉତ୍ତମ ଦେଖାଗଲା ସେମାନେ ତାହା କଲେ



ଯେହେତୁ ଇଶ୍ରାୟେଲୀୟମାନେ ଈଶ୍ବରଙ୍କର ଅନାଜ୍ଞାବହ ହୋଇ ଚାଲିଲେ, ତେଣୁ ଈଶ୍ବର ସେମାନଙ୍କର ଶତ୍ରୁମାନେ ସେମାନଙ୍କୁ ପରାଜୟ କରାଇ ଈଶ୍ବର ସେମାନଙ୍କୁ ଦଣ୍ଡ ଦେଲେ  ଏହି ଶତ୍ରୁମାନେ ଇଶ୍ରାୟେଲୀୟମାନଙ୍କୁ ଅନେକ ବିଷୟ ଚୋରି କଲେ, ସେମାନଙ୍କର ସମ୍ପତ୍ତି ବିନାଶ କଲେ, ଏବଂ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କଲେ  ଅନେକ ବର୍ଷ ଈଶ୍ବରଙ୍କର ଅନାଜ୍ଞାବହ ହୋଇ ଓ ସେମାନଙ୍କର ଶତ୍ରୁଗଣଠାରୁ ଉତ୍ପୀଡିତ ହୋଇ ଇଶ୍ରାୟେଲୀୟମାନେ ଅନୁତାପ କଲେ ଏବଂ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଈଶ୍ବରଙ୍କଠାରେ ପ୍ରାର୍ଥନା କଲେ



ତା'ପରେ ଈଶ୍ବର ସମୋନଙ୍କୁ ଜଣେ ଉଦ୍ଧାରକର୍ତ୍ତାଙ୍କୁ ଯୋଗାଇଲେ ଯିଏ ସମୋନଙ୍କୁ ସମୋନଙ୍କ ଶତ୍ରୁଗଣଠାରୁ ଉଦ୍ଧାରକଲେ ଏବଂ ଦେଶରେ ଶାନ୍ତି ଆଣିଲେ  କିନ୍ତୁ ତାହା ପରେ ଲୋକମାନେ ଈଶ୍ବରଙ୍କ ବିଷୟରେ ଭୁଲିଗଲେ ଏବଂ ପୁନର୍ବାର ପ୍ରତିମାପୂଜା କରିବାର ଆରମ୍ଭ କଲେ  ତେଣୁ ଈଶ୍ବର ନିକଟସ୍ଥ ଏକ ଲୋକଦଳ ମିଦିୟୋନୀୟମାନଙ୍କ ଦ୍ବାର ସମୋନଙ୍କୁ ପରାସ୍ତ ହେବାକୁ ଦେଲେ



ମିଦିୟୋନୀୟମାନେ ସାତବର୍ଷ ପର୍ଯ୍ୟନ୍ତ ଇଶ୍ରାୟେଲୀୟମାନଙ୍କ ଫସଲ ନେଲେ  ଇଶ୍ରାୟେଲୀୟମାନେ ଅତି ଭୟଭୀତ ଥିଲେ; ମିଦିୟୋନୀୟମାନେ ଯେପରି ସମୋନଙ୍କୁ ଦେଖିପାରିବେ ନାହିଁ ସେଥିପାଇଁ ସମୋନେ ଗୁମ୍ଫାଗୁଡିକରେ ଲୁଚିଲେ  ପରିଶେଷରେ, ସମୋନଙ୍କୁ ଉଦ୍ଧାର କରିବା ନିମନ୍ତେ ସମୋନେ ଈଶ୍ବରଙ୍କ ନିକଟରେ ଡାକ ପକାଇଲେ



ଦିନେ, ଗିଦିୟୋନ ନାମକ ଜଣେ ଇଶ୍ରାଏଲ ଗୁପ୍ତରେ ଶଷ୍ୟ ମଳୁଥିଲେ ଯେପରିକି ମିଦିୟୋନୀୟମାନେ ତାହା ନେଇନଯାଆନ୍ତି ଯିହୋବାଙ୍କର ଦୂତ ଗିଦିୟୋନଙ୍କ ନିକଟକୁ ଆସି କହିଲେ "ବଳିଷ୍ଠ ଯୋଦ୍ଧା, ଈଶ୍ବର ତୁମ୍ଭ ସହିତ ଅଛନ୍ତି ଯାଇ ଇଶ୍ରାୟେଲକୁ ମିଦିୟୋନୀୟମାନଙ୍କଠାରୁ ରକ୍ଷା କର "



ଏକ ପ୍ରତିମାକୁ ଉତ୍ସର୍ଗୀକୃତ ଯଜ୍ଞବେଦୀ ଗିଦିୟୋନଙ୍କ ପିତାଙ୍କଠାରେ ଥିଲା ସେହି ଯଜ୍ଞବେଦୀ ଖଣ୍ଡ ଖଣ୍ଡ କରିବାକୁ ଈଶ୍ବର ଗିଦିୟୋନଙ୍କୁ କହିଲେ କିନ୍ତୁ ଲୋକମାନଙ୍କୁ ଭୟ କଲେ, ତେଣୁ ସେ ରାତ୍ରି ହେବାଯାଏ ଅପେକ୍ଷା କଲେ ତେଣୁ ସେ ସେହି ଯଜ୍ଞବେଦୀକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଚୂର୍ଣ୍ଣ କରିଦେଲେ ପ୍ରତିମା ନିକଟରେ ଯେଉଁ ଯଜ୍ଞବେଦୀ ଥିଲା ସେହି ଯଜ୍ଞବେଦୀ ନିକଟରେ ସେ ଈଶ୍ବରଙ୍କ ନିମନ୍ତେ ଏକ ନୂତନ ଯଜ୍ଞବେଦୀ କଲେ



ପରଦିନ ସକାଳେ ଲୋକମାନେ ଦେଖିଲେ ଯେ କେହିଜଣେ ସେହି ଯଜ୍ଞବେଦୀ ଚିରି ଓ ଭାଙ୍ଗି ବିନଷ୍ଟ କରିପକାଇ ଅଛନ୍ତି, ଏବଂ ସେମାନେ ଅତି କ୍ରୋଧ କଲେ  ସେମାନେ ଗିଦିୟୋନଙ୍କୁ ହତ୍ୟା କରିବା ନିମନ୍ତେ ତାଙ୍କ ଗୃହକୁ ଗଲେ, କିନ୍ତୁ ଗିଦିୟୋନଙ୍କ ପିତା କହିଲେ "ତୁମ୍ଭେମାନେ କାହିଁକି ତୁମ ଦେବତାକୁ ସାହାଯ୍ୟ କରିବାକୁ ଚାହୁଁଅଛ? ଯଦି ସେ ଜଣେ ଈଶ୍ବର, ତେବେ ସେ ନିଜକୁ ରକ୍ଷା କରନ୍ତୁ!" ସେ ଏହି କଥା କହିବାରୁ ଲୋକମାନେ ଗିଦିୟୋନଙ୍କୁ ହତ୍ୟା କଲେନାହିଁ



ତା'ପରେ ମିଦିୟୋନୀୟମାନେ ଇଶ୍ରାୟେଲୀୟମାନଙ୍କଠାରୁ ଚୋରି କରିବା ନିମନ୍ତେ ପୁନର୍ବାର ଆସିଲେ  ସେମାସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ଗିଦିୟୋନ ଇଶ୍ରାୟେଲୀୟମାନଙ୍କୁ ଏକାଠି କଲେ  ଈଶ୍ବର ଯେ ଇଶ୍ରାୟେଲକୁ ଉଦ୍ଧାର କରିବାରେ ତାଙ୍କୁ ବ୍ୟବହାର କରିବାକୁ ଚାହାନ୍ତି ଏ ବିଷୟରେ ନିଶ୍ଚିତ ହେବା ନିମନ୍ତେ ଗିଦିୟୋନ ଈଶ୍ବରଙ୍କଠାରୁ ଦୁଇଗୋଟି ଚିହ୍ନ ମାଗିଲେ



ପ୍ରଥମ ଚିହ୍ନ ସ୍ୱରୂପେ, ଗିଦିୟୋନ ଭୂମିରେ ଏକ ଲୁଗା ବିଛାଇ ଈଶ୍ୱରଙ୍କୁ ଭୂମି ଉପରେ କାକର ନ ପକାଇ କେବଳ ସେହି ଲୁଗା ଉପରେ ହିଁ କାକର ପକାଇବାକୁ କହିଲେ ଈଶ୍ୱର ତାହା କଲେ ପର ରାତ୍ରିରେ, ସେ ଈଶ୍ୱରଙ୍କୁ ତାହାର ବିପରୀତ କହିଲେ ଅର୍ଥାତ୍‍କାକର ଲୁଗା ଉପରେ ନ ପଡି କେବଳ ଭୂମି ଉପରେ ପଡୁ ଈଶ୍ୱର ତାହା ମଧ୍ୟ କରି ଦେଖାଇଲେ ଏହି ଦୁଇଗୋଟି ଚିହ୍ନ ଗିଦିୟୋନଙ୍କୁ ନିଶ୍ଚିତ କରାଇଲା ଯେ ଇଶ୍ରାୟେଲୀୟମାନଙ୍କୁ ମିଦିୟୋନୀୟମାନଙ୍କଠାରୁ ଉଦ୍ଧାର କରିବା ନିମନ୍ତେ ଈଶ୍ୱର ତାହାଙ୍କୁ ବ୍ୟବହାର କରିବାକୁ ଚାହାନ୍ତି



32,000 ଇଶ୍ରାୟେଲୀୟ ସୈନ୍ୟ ଗିଦିୟୋନଙ୍କ ନିକଟକୁ ଆସିଲେ, କିନ୍ତୁ ଈଶ୍ୱର କହିଲେ ଯେ ଏହା ଅତି ଅଧିକ ଅଟେ ତେଣୁ ଯେଉଁମାନେ ଯୁଦ୍ଧ କରିବାକୁ ଭୟାଳୁ ଥିଲେ ଏପରି 22,000 ଲୋକଙ୍କୁ (ସୈନ୍ୟଙ୍କୁ) ସେ ଗୃହକୁ ପଠାଇଦେଲେ ଈଶ୍ୱର ଗିଦିୟୋନଙ୍କୁ କହିଲେ ଯେ ଏହି ସଂଖ୍ୟା ମଧ୍ୟ ଅତି ଅଧିକ ଅଟେ ତେଣୁ ଗିଦିୟୋନ 300 ଜଣ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ପଠାଇଦେଲେ



ସେହି ରାତ୍ରିରେ ଈଶ୍ବର ଗିଦିୟୋନଙ୍କୁ କହିଲେ "ମିଦିୟୋନୀୟ ଛାଉଣୀକୁ ଯାଅ ଯେଉଁଠି ସେମାନେ କଥା ହେଉଥିବା ବିଷୟକୁ ତୁମେ ଶୁଣିପାରିବ, ତୁମେ ଆଉ ଭୟଭୀତ ହେବନାହିଁ " ତେଣୁ ସେହି ରାତ୍ରିରେ, ଗିଦିୟୋନ ସେହି ଛାଉଣୀକୁ ଗଲେ ଏବଂ ଜଣେ ମିଦିୟୋନୀୟ ସୈନ୍ୟ ଦେଖିଥିବା ସ୍ବପ୍ନ ବିଷୟରେ ତାହାର ବନ୍ଧୁକୁ କହୁ ସେହି ଲୋକର ବନ୍ଧୁ କହିଲେ "ଏହି ସ୍ବପ୍ନର ଅର୍ଥ ହେଉଛି ଗିଦିୟୋନଙ୍କର ସୈନ୍ୟ ମିଦିୟୋନୀୟ ସୈନ୍ୟମାନଙ୍କୁ ପରାସ୍ତ କରିବେ!" ଗିଦିୟୋନ ଯେତେବେଳେ ଏହା ଶୁଣିଲେ, ସେ ଈଶ୍ବରଙ୍କର ଉପାସନା କଲେ



ସେତେବେଳେ ଗିଦିୟୋନ ତାଙ୍କ ସୈନ୍ୟଗଣ ନିକଟକୁ ଫେରିଯାଇ ସେମାନଙ୍କୁ ଏକ ଏକ ତୂରୀ, ଏକ ଏକ ମାଟି ପାତ୍ର ଓ ଏକ ଏକ ମଶାଲ ଦେଲେ ମିଦିୟୋନୀୟ ସୈନ୍ୟମାନେ ଯେଉଁଠି ଶୋଇଥିଲେ ସେମାନେ ସେହି ଛାଉଣୀର ଚାରିପଟ ଘେରିଲେ  ଗିଦିୟୋନଙ୍କ 300 ସୈନ୍ୟ ଯେଉଁ ମାଟିପାତ୍ରଗୁଡିକ ଧରିଥିଲେ ସେଥିରେ ସେମାନଙ୍କର ମଶାଲ ଘୋଡାଇ ରଖିଲେ ଯେଉଁଥିପାଇଁ ମିଦିୟୋନୀୟ ସୈନ୍ୟମାନେ ସେହି ଆଲୋକକୁ ଦେଖିପାରିଲେ ନାହିଁ



ତା'ପରେ, ଗିଦିୟୋନଙ୍କ ସମସ୍ତ ସୈନ୍ୟ ଏକା ସମୟରେ ସେମାନଙ୍କର ମାଟିପାତ୍ରଗୁଡିକ ଭାଙ୍ଗିଲେ, ଯଦ୍ଦ୍ବାରା ହଠାତ୍ ସେମାନଙ୍କ ପାତ୍ରରେ ଥିବା ସମସ୍ତ ମଶାଲ ଦେଖାଗଲା ସେମାନେ ଧରିଥିବା ତୂରୀ ବଜାଇ ଉଚ୍ଚ ସ୍ବରରେ କହିଲେ "ଯିହୋବା ଗିଦିୟୋନଙ୍କ ନିମନ୍ତେ ଏକ ଖଡ୍ଗ!"



ଈଶ୍ବର ମିଦିୟାନୀୟମାନଙ୍କୁ ଦ୍ବନ୍ଦରେ ପକାଇଦେଲେ, ଯଦ୍ଦ୍ବାରା ସେମାନେ ପରସ୍ପର ଆକ୍ରମଣ କରି ପରସ୍ପରକୁ ହତ୍ୟା କଲେ ସାଙ୍ଗେ ସାଙ୍ଗେ, ଅବଶିଷ୍ଟାଂଶ ଇଶ୍ରାୟେଲୀୟମାନଙ୍କୁ ସେମାନଙ୍କ ଗୃହରୁ ଡକାଯାଇ ମିଦିୟାନୀୟମାନଙ୍କୁ ଗୋଡାଇବାରେ ସାହାଯ୍ୟ କରିବା ନିମନ୍ତେ କୁହାଗଲା ସେମାନେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କଲେ ଏବଂ ସେମାନଙ୍କୁ ଅନେକଙ୍କୁ ଇଶ୍ରାୟେଲ ଦେଶର ବାହାରକୁ ଘଉଡାଇ ନେଲେ ସେହି ଦିନ 1,20,000 ମିଦିୟାନୀୟ ମଲେ ଈଶ୍ବର ଇଶ୍ରାୟେଲୀୟମାନଙ୍କୁ ଉଦ୍ଧାର କରିଥିଲେ



ଲୋକମାନେ ଗିଦିୟୋନଙ୍କୁ ସେମାନଙ୍କ ରାଜା କରିବାକୁ ଚାହିଁଲେ ଲୋକମାନେ ସେପରି କରିବାକୁ ଗିଦିୟୋନ ଅନୁମତି ଦେଲେନାହିଁ, କିନ୍ତୁ ମିଦିୟୋନୀୟମାନଙ୍କଠାରୁ ସେମାନେ ଯେଉଁକିଛି ସୁବର୍ଣ୍ଣ ମୁଦ୍ରିକା ନେଇଥିଲେ ସେଗୁଡିକ ମାଗିଲେ ଲୋକମାନେ ଗିଦିୟୋନଙ୍କୁ ପ୍ରଚୁର ପରିମାଣର ସୁବର୍ଣ୍ଣ ଦେଲେ



ତା'ପରେ ମହାଯାଜକ ପରିଧାନ କରୁଥିବା ପୋଷାକ ପରି ଏକ ବିଶେଷ ଧରଣର ବସ୍ତ୍ର ଗିଦିୟୋନ ସେହି ସୁବର୍ଣ୍ଣରେ ପ୍ରସ୍ତୁତ କଲେ କିନ୍ତୁ ଏହାକୁ ଏକ ପ୍ରତିମା ଭାବରେ ଲୋକମାନେ ପୂଜା କରିବାକୁ ଲାଗିଲେ ତେଣୁ ଇଶ୍ରାୟେଲ ପ୍ରତିମା ପୂଜା କରୁଥିବାରୁ ଇଶ୍ଵର ପୁନର୍ବାର ସେମାନଙ୍କୁ ଦଣ୍ଡ ଦେଲେ ସେମାନଙ୍କୁ ପରାସ୍ତ କରିବା ନିମନ୍ତେ ଇଶ୍ଵର ସେମାନଙ୍କୁ ଅନୁମତି ଦେଲେ ସେମାନେ ପରିଶେଷରେ ପୁନର୍ବାର ଇଶ୍ଵରଙ୍କ ସାହାଯ୍ୟ ନିମନ୍ତେ ପ୍ରାର୍ଥନା କଲେ, ଏବଂ ଇଶ୍ଵର ସେମାନଙ୍କ ନିମନ୍ତେ ଆଉ ଜଣେ ଉଦ୍ଧାରକର୍ତ୍ତାଙ୍କୁ ପ୍ରେରଣ କଲେ



ଏହି ନମୁନା ଅନେକ ଥର ପୁନରାବୃତ୍ତି ହୋଇଛି: ଇଶ୍ରାୟେଲୀୟମାନେ ପାପ କଲେ ଈଶ୍ବର ସେମାନଙ୍କୁ ଦଣ୍ଡ ଦେଉଥିଲେ, ତା'ପରେ ସେମାନେ ଅନୁତାପ କରୁଥିଲେ ଏବଂ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଈଶ୍ବର ଜଣେ ଉଦ୍ଧାରକର୍ତ୍ତାଙ୍କୁ ପ୍ରେରଣ କରୁଥିଲେ  ଅନେକ ବର୍ଷ ଧରି ଈଶ୍ବର ଅନେକ ଉଦ୍ଧାରକର୍ତ୍ତାଙ୍କୁ ଇଶ୍ରାୟେଲୀୟମାନଙ୍କ ନିକଟକୁ ସେମାନଙ୍କୁ ସେମାନଙ୍କ ଶତ୍ରୁଗଣଠାରୁ ରକ୍ଷା କରୁଥିଲେ



ପରିଶେଷରେ, ସମସ୍ତ ଦେଶରେ ଯେପରି ରାଜା ଥିଲେ ଠିକ୍‌ସେହିଭଳି ରାଜା ନିଯୁକ୍ତ କରିବା ନିମନ୍ତେ ଲୋକମାନେ ଈଶ୍ବରଙ୍କ ନିକଟରେ ପ୍ରାର୍ଥନା କଲେ  ସେମାନେ ଏପରି ଜଣେ ରାଜାଙ୍କୁ ଚାହିଁଲେ ଯିଏ ସୁଉଚ୍ଚ, ବଳିଷ୍ଠ ଓ ଯିଏ ସେମାନଙ୍କୁ ଯୁଦ୍ଧ ନିମନ୍ତେ ପଥ କଢାଇ ନେବେ ଈଶ୍ବର ଏହି ଅନୁରୋଧକୁ ପସନ୍ଦ କଲେନାହିଁ, କିନ୍ତୁ ସେମାନେ ଯେପରି ଚାହିଁଥିଲେ ସେହିପରି ଭାବରେ ଏକ ରାଜା ଦେଲେ

ବିଚାରକର୍ତ୍ତା *1–3; 6–8*

# 17. ଦାଉଦଙ୍କ ସହ କରିଥିବା ଈଶ୍ବରଙ୍କ ନିୟମ



ଶାଉଲ ଇଶ୍ରାୟଲେର ପ୍ରଥମ ରାଜା ଥିଲେ  ସେ ସୁଉଚ୍ଚ ଓ ଦଖେିବାକୁ ସୁନ୍ଦର ଥିଲେ, ଠିକ୍ଯପେଭେଳି ରାଜାଙ୍କୁ ଲୋକମାନେ ଚାହିଁଥିଲେ  ପ୍ରଥମ ଅଳ୍ପ ବର୍ଷ ପାଇଁ ଶାଉଲ ଏକ ଉତ୍ତମ ରାଜା ଥିଲେ ଯେତେବେଳେ ସେ ଇଶ୍ରାୟଲେ ଉପରେ ରାଜତ୍ଵ କଲେ  କିନ୍ତୁ ତାହା ପରେ ସେ ଏକ ଦୁଷ୍ଟ ବ୍ୟକ୍ତି ଯିଏ ଈଶ୍ଵରଙ୍କର ଆଜ୍ଞାବହ ହଲେନୋହିଁ, ତଣ୍ଣେ ଈଶ୍ଵର ଏକ ଭିନ୍ନ ବ୍ୟକ୍ତିଙ୍କୁ ମନୋନୀତ କଲେ ଯିଏ ଦିନେ ତାଙ୍କ ସ୍ଥାନରେ ରାଜା ହବେେ



ଶାଉଲଙ୍କ ପରେ ଈଶ୍ଵର ଜଣେ ଯୁବ ଇଶ୍ରାୟଲୀୟଙ୍କୁ ରାଜା ହବୋ ପାଇଁ ମନୋନୀତ କଲେ  ବେଥେଲିହିମ ସହରରୁ ଆସିଥିବା ଦାଉଦ ମଷେପାଳକ ଥିଲେ  ସେ ଯେତେବେଳେ ତାଙ୍କ ପିତାଙ୍କ ମଷେ ଜଗୁଥିଲେ ସେତେବେଳେ ଭିନ୍ନ ଭିନ୍ନ ସମୟରେ, ଦାଉଦ ତାଙ୍କ ମଷେଗୁଡିକୁ ଆକ୍ରମଣ କରୁଥିବା ଏକ ସିଂହ ଓ ଏକ ଭାଲୁକୁ ବଧ କରିଥିଲେ  ଦାଉଦ ଜଣେ ନମ୍ର ଓ ଧାର୍ମିକ ବ୍ୟକ୍ତି ଥିଲେ ଯିଏ ଈଶ୍ଵରଙ୍କଠାରେ ବିଶ୍ଵାସ କରି ତାହାଙ୍କର ଆଜ୍ଞାବହ ହୋଇଥିଲେ



ଦାଉଦ ଜଣେ ସୈନ୍ୟ ଏବଂ ନେତା ହୋଇଥିଲେ  ଦାଉଦ ଯୁବ ଥିବା ସମୟରେ, ସେ ଗଲିୟାତ ନାମକ ଜଣେ ବିରାଟକାୟ ବ୍ୟକ୍ତିଙ୍କ ସହ ଯୁଦ୍ଧ କରିଥିଲେ  ଗଲିୟାତ ଜଣେ ତାଲିମପ୍ରାପ୍ତ, ଅତି ବଳିଷ୍ଠ ସୈନ୍ୟ ଥିଲେ ଯିଏ ପାଖାପାଖି ତିନି ମିଟର ଉଚ୍ଚ ଥିଲେ  କିନ୍ତୁ ଇଶ୍ବର ଗଲିୟାତକୁ ବଧ କରି ଇଶ୍ରାୟେଲକୁ ଉଦ୍ଧାର କରିବା ନିମନ୍ତେ ଦାଉଦଙ୍କୁ ସାହାଯ୍ୟ କରିଥିଲେ ଏହାପରେ, ଦାଉଦ ଇଶ୍ରାୟେଲର ଶତ୍ରୁଗଣ ଉପରେ ଅନେକ ଥର ବିଜୟୀ ହୋଇଥିଲେ, ଯେଉଁଥିପାଇଁ ଲୋକମାନେ ତାହାଙ୍କର ପ୍ରଶଂସା କରିଥିଲେ



ଦାଉଦଙ୍କ ପ୍ରତି ଲୋକମାନଙ୍କର ପ୍ରେମକୁ ଶାଉଲ ସହିପାରିଲେ ନାହିଁ  ଶାଉଲ ଅନେକ ସମୟରେ ଦାଉଦଙ୍କୁ ମାରିବାକୁ ଚେଷ୍ଟା କଲେ, ତେଣୁ ଦାଉଦ ଶାଉଲଙ୍କଠାରୁ ଲୁଚିଲେ  ଦିନେ, ଦାଉଦଙ୍କୁ ମାରିବା ପାଇଁ ଶାଉଲ ତାଙ୍କୁ ଖୋଜୁଥିଲେ ଶାଉଲଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ ଦାଉଦ ନିଜକୁ ଯେଉଁ ଗୁମ୍ଫାରେ ଲୁଚାଇଥିଲେ ଶାଉଲ ସେହି ସ୍ଥାନକୁ ଗଲେ କିନ୍ତୁ ଶାଉଲ ତାଙ୍କୁ ଦେଖିପାରିନଥିଲେ  ଦାଉଦ ବର୍ତ୍ତମାନ ଶାଉଲଙ୍କର ଅତି ନିକଟରେ ପାଇଲେ ଏବଂ ସେ ତାହାକୁ ହତ୍ୟା କରିପାରିଥାନ୍ତେ, କିନ୍ତୁ ସେ ତାହା କଲେନାହିଁ  ବରଂ ଦାଉଦ ଶାଉଲଙ୍କର ଚୋଗା (ଲୁଗା) କାଟିଦେଲେ ଯେପରିକି ସେ ରାଜା ହେବା ପାଇଁ ସେ ତାହାଙ୍କୁ ହତ୍ୟା କଲେନାହିଁ ବୋଲି ପ୍ରମାଣ ପାଇବେ



ପରିଶେଷରେ, ଶାଉଲ ଯୁଦ୍ଧରେ ପ୍ରାଣତ୍ୟାଗ କଲେ, ଏବଂ ଦାଉଦ ଇଶ୍ରାୟେଲର ରାଜା ହେଲେ ସେ ଜଣେ ଉତ୍ତମ ରାଜା ଥିଲେ, ଏବଂ ଲୋକମାନେ ତାହାଙ୍କୁ ପ୍ରେମ କରିବାକୁ ଲାଗିଲେ ଈଶ୍ବର ଦାଉଦଙ୍କୁ ଆଶୀର୍ବାଦ କଲେ ଏବଂ ଲୋକମାନେ ତାହାଙ୍କୁ ସଫଳତା ଦେଲେ ଦାଉଦ ଅନେକ ଯୁଦ୍ଧ କରିଥିଲେ ଏବଂ ଈଶ୍ବର ଇଶ୍ରାୟେଲର ଶତ୍ରୁଗଣକୁ ପରାଜୟ କରିବା ନିମନ୍ତେ ତାହାଙ୍କୁ ସାହାଯ୍ୟ କଲେ ଦାଉଦ ଯିରୁଶାଲମକୁ ଜୟ କଲେ ଏବଂ ଏହାକୁ ତାହାର ରାଜଧାନୀ ନଗର କଲେ ଦାଉଦଙ୍କ ରାଜତ୍ବ କାଳରେ, ଇଶ୍ରାୟେଲ ଶକ୍ତିଶାଳୀ ଓ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ହେଲେ



ଦାଉଦ ଏକ ମନ୍ଦିର ନିର୍ମାଣ କରିବାକୁ ଚାହିଁଲେ ଯେଉଁଠି ସମସ୍ତ ଇଶ୍ରାୟେଲ ଈଶ୍ବରଙ୍କର ଉପାସନା କରିପାରିବେ ଏବଂ ତାଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିପାରିବେ ପ୍ରାୟ 400 ବର୍ଷ ଧରି, ଲୋକମାନେ ଈଶ୍ବରଙ୍କର ଉପାସନା କରୁଥିଲେ ଏବଂ ମୋଶା ନିର୍ମାଣ କରିଥିବା ସମାଗମ ତମ୍ବୁରେ ବଳି ଉତ୍ସର୍ଗ କରୁଥିଲେ



କିନ୍ତୁ ଈଶ୍ବର ନାଥନ ଭବିଷ୍ୟତ ବକ୍ତାଙ୍କୁ ଦାଉଦଙ୍କ ନିକଟକୁ ନିମ୍ନ ବାର୍ତ୍ତା ଦେଇ ପ୍ରେରଣ କଲେ "ଯେହେତୁ ତୁମ୍ଭେ ଯୁଦ୍ଧର ଏକ ମନୁଷ୍ୟ ଅଟ, ସେଥିପାଇଁ ତୁମ୍ଭେ ମୋ ନିମନ୍ତେ ଏହି ମନ୍ଦିର ନିର୍ମାଣ କରିବ ନାହିଁ " ତୁମ୍ଭର ପୁତ୍ର ତାହା ନିର୍ମାଣ କରିବ  କିନ୍ତୁ ମୁଁ ତୁମ୍ଭକୁ ବହୁଳ ରୂପରେ ଆଶୀର୍ବାଦ କରିବି  ତୁମ୍ଭବଂଶଧରଙ୍କ ମଧ୍ୟରୁ ଜଣେ ମୋ ଲୋକମାନଙ୍କ ଉପରେ ଚିରକାଳ ରାଜତ୍ବ କରିବେ!" ଚିରକାଳ ରାଜତ୍ବ କରିପାରୁଥିବା ଦାଉଦଙ୍କର ଏକମାତ୍ର ବଂଶଧର ହେଉଛନ୍ତି ମଶୀହ  ମଶୀହ ହେଉଛନ୍ତି ଈଶ୍ବରଙ୍କର ମନୋନୀତ ବ୍ୟକ୍ତି ଯିଏ ଜଗତର ଲୋକମାନଙ୍କୁ ସେମାନଙ୍କ ସମସ୍ତ ପାପରୁ ସେମାନଙ୍କୁ ରକ୍ଷା କରିବେ



ଯେତେବେଳେ ଦାଉଦ ଏହି ସମସ୍ତ ବାକ୍ୟ ଶୁଣିଲେ, ସେ ସାଙ୍ଗେ ସାଙ୍ଗେ ଈଶ୍ବରଙ୍କର ଧନ୍ୟବାଦ ଦେଇ ତାହାଙ୍କର ପ୍ରଶଂସା କଲେ କାରଣ ସେ ଦାଉଦଙ୍କୁ ଏହି ମହାନ୍ ସମ୍ମାନ ଓ ଅନେକ ଆଶୀର୍ବାଦ ଦେବା ପାଇଁ ପ୍ରତିଜ୍ଞା କରିଥିଲେ  ଈଶ୍ବର କେତେବେଳେ ଏହି ସମସ୍ତ ବିଷୟ କରିବେ ତାହା ଦାଉଦ ଜାଣିନଥିଲେ  କିନ୍ତୁ ଯେପରି ଘଟିଥିଲା, ଇଶ୍ରାୟେଲୀୟମାନେ ମଶୀହ ଆସିବାର 1000 ବର୍ଷ ଅପେକ୍ଷାକରିଥିଲେ



ଅନକେ ବର୍ଷ ଧରି ଦାଉଦ ନ୍ୟାୟ ଓ ବିଶ୍ବସ୍ତତାରେ ରାଜତ୍ବ କରିଥିଲେ ଏବଂ ଈଶ୍ବର ତାହାଙ୍କୁ ଆଶୀର୍ବାଦ କରିଥିଲେ  ଅଥଚ, ତାଙ୍କ ଜୀବନର ଶଷେ ଭାଗରେ ସେ ଈଶ୍ବରଙ୍କ ବିରୁଦ୍ଧରେ ଭୟଙ୍କର ପାପ କରିଥିଲେ



ଦିନେ, ଯେତେବେଳେ ଦାଉଦଙ୍କ ସୈନ୍ୟ ସମସ୍ତେ ଯୁଦ୍ଧ କରି ଗୃହରୁ ଦୂରରେ ଥିଲେ, ସେ ତାଙ୍କ ରାଜ ଦରବାରର ବାହାରକୁ ଦଖେିଲେ ଯେ ଜଣେ ସୁନ୍ଦର ସ୍ତ୍ରୀ ସ୍ନାନ (ଗାଧୋଉଅଛନ୍ତି) କରୁଅଛନ୍ତି  ସହେି ସ୍ତ୍ରୀର ନାମ ବତ୍ଶବୋ



ଚକ୍ଷୁ ଅନ୍ୟତ୍ର କରିବା ପରିବର୍ତ୍ତେ ଦାଉଦ ତାହାଙ୍କୁ ଆଣିବା ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ପଠାଇଲେ  ସେ ତାଙ୍କ ସହ ଶୟନ କଲେ ଏବଂ ତାହାକୁ ତାହାର ଗୃହକୁ ପଠାଇଦେଲେ  କିଛି ଦିନ ପରେ ବତ୍ଶେବା ଦାଉଦଙ୍କୁ ଏକ ବାର୍ତ୍ତା ପ୍ରେରଣ କରି କହିଲେ ଯେ ସେ ଗର୍ଭବତୀ ଅଛନ୍ତି



ଉରିୟ୍ ନାମକ ବତ୍ଶେବାଙ୍କ ସ୍ୱାମୀ ଦାଉଦଙ୍କ ସର୍ବୋତ୍ତମ ସୈନ୍ୟମାନଙ୍କ ମଧ୍ୟରୁ ଜଣେ ଥିଲେ  ଦାଉଦ ଉରିୟଙ୍କୁ ଯୁଦ୍ଧରୁ ଡାକି ତାଙ୍କ ସ୍ତ୍ରୀଙ୍କ ନିକଟକୁ ଯିବା ପାଇଁ କହିଲେ  କିନ୍ତୁ ଅନ୍ୟ ସୈନ୍ୟମାନେ ଯୁଦ୍ଧରେ ଥିବା ସମୟରେ ଉରିୟ୍ ଗୃହକୁ ଯିବା ପାଇଁ ଅମଙ୍ଗ ହେଲେ  ତେଣୁ ଦାଉଦ ଉରିୟଙ୍କୁ ପୁନର୍ବାର ଯୁଦ୍ଧକୁ ପଠାଇ ସେନାଧ୍ୟକ୍ଷଙ୍କୁ କହିପଠାଇଲେ ଯେ ସେ ଉରିୟଙ୍କୁ ଏପରି ସ୍ଥାନରେ ରଖନ୍ତୁ ଯେଉଁଠି ଶତ୍ରୁ ପକ୍ଷ ଅଧିକ ବଲିଷ୍ଠ ଅଛି ଯେପରିକି ଉରିୟଙ୍କୁ ଶତ୍ରୁ ପକ୍ଷ ବଧ କରାଯିବେ



ଉରିୟଙ୍କୁ ବଧ କରାଗଲା ପରେ, ଦାଉଦ ବତ୍ଶେବାଙ୍କୁ ବିବାହ କଲେ ପରବର୍ତ୍ତୀ ଅବସ୍ଥାରେ ସେ ଦାଉଦଙ୍କ ପୁତ୍ରଙ୍କୁ ଜନ୍ମ ଦେଲେ ଦାଉଦ ଯାହା କରିଥିଲେ ସେଥିଯୋଗୁଁ ଈଶ୍ବର ଅତିଶୟ କ୍ରୋଧ କରିଥିଲେ, ତେଣୁ ସେ ତାଙ୍କ ନିକଟକୁ ନାଥନ ଭବିଷ୍ୟତ ବକ୍ତାଙ୍କୁ ପ୍ରେରଣ କରି ତାଙ୍କ ପାପ କିପରି ମନ୍ଦ ଥିଲା ତାହା ଜଣାଇଥିଲେ ଦାଉଦ ତାଙ୍କ ପାପ ଯୋଗୁଁ ଅନୁତାପ କଲେ ଏବଂ ଈଶ୍ବର ତାଙ୍କୁ କ୍ଷମା ଦେଲେ ଦାଉଦ ତାଙ୍କ ଅବଶିଷ୍ଟାଂଶ ଜୀବନରେ, ଏପରିକି ତାଙ୍କର କଷ୍ଟକର ସମୟରେ ମଧ୍ୟ ଈଶ୍ବରଙ୍କର ଅନୁଗମନ କରି ତାଙ୍କର ଆଜ୍ଞାବହ ହେଲେ,



କିନ୍ତୁ ଦାଉଦଙ୍କ ପାପର ଦଣ୍ଡ ସ୍ବରୂପ ତାଙ୍କ ଶିଶୁ ପୁତ୍ରଟି ମରିଗଲା ଦାଉଦଙ୍କ ଅବଶିଷ୍ଟାଂଶ ଜୀବନ କାଳ ମଧ୍ୟରେ ମଧ୍ୟ ପରିବାର ମଧ୍ୟ ଦ୍ବନ୍ଦ ଲାଗି ରହିଥିଲା, ଏବଂ ଦାଉଦଙ୍କର ଶକ୍ତିକୁ ଅତିଶୟ ଦୁର୍ବଳ କରିଦିଆଯାଇଥିଲା ଯଦିଓ ଦାଉଦ ଈଶ୍ବରଙ୍କ ପ୍ରତି ଅବିଶ୍ବସ୍ତ ଥିଲେ, ତଥାପି ଈଶ୍ବର ତାହାଙ୍କ ପ୍ରତିଜ୍ଞାଗୁଡିକ ରକ୍ଷା କରିବା ନିମନ୍ତେ ବିଶ୍ବସ୍ତ ଅଟନ୍ତି ପରବର୍ତ୍ତୀ ସମୟରେ ଦାଉଦ ଓ ବତ୍ଶେବାଙ୍କଠାରୁ ଅନ୍ୟ ଏକ ପୁତ୍ର ଜନ୍ମଗ୍ରହଣ କଲେ, ଏବଂ ସମୋନେ ତାହାକୁ ଶଲୋମନ ନାମ ଦେଲେ

*1 ଶାମୁୟେଲ 10; 15–19; 24; 31; 2 ଶାମୁୟେଲ 5; 7; 11–12*

# 18. ବିଭକ୍ତ ରାଜ୍ୟ



ଅନେକ ବର୍ଷ ପରେ ଦାଉଦ ମଲେ, ଏବଂ ତାଙ୍କ ପୁତ୍ର ଶଲୋମନ ଇଶ୍ରାଏଲ ଉପରେ ରାଜତ୍ବ କରିବାକୁ ଆରମ୍ଭ କଲେ ଇଶ୍ବର ଶଲୋମନଙ୍କୁ କଥା କହିଲେ ଏବଂ ସେ କେଉଁ ବିଷୟକୁ ସବୁଠାରୁ ଅଧିକ ଚାହାନ୍ତି ତାହା ତାଙ୍କୁ ପଚାରିଲେ ଯେତେବେଳେ ଶଲୋମନ ବୁଦ୍ଧି ପାଇବା ନିମନ୍ତେ ପ୍ରାର୍ଥନା କଲେ, ଇଶ୍ବର ସେଥିରେ ସନ୍ତୁଷ୍ଟ ହୋଇଥିଲେ ଏବଂ ତାହାଙ୍କୁ ପୃଥିବୀର ସବୁଠାରୁ ଅଧିକ ଜ୍ଞାନୀ କଲେ ଶଲୋମନ ଅନେକ ବିଷୟ ଶିଖିଲେ ଏବଂ ସେ ଜଣେ ଅତି ବୁଦ୍ଧିମାନ୍ ବିଚାରକର୍ତ୍ତା ଥିଲେ ଆହୁରି ମଧ୍ୟ ଇଶ୍ବର ତାହାଙ୍କୁ ଅତି ଧନବାନ୍ କଲେ



ଯିରୁଶାଲମରେ, ଶଲୋମନଙ୍କ ପିତା ମନ୍ଦିର ନିର୍ମାଣ କରିବା ନିମନ୍ତେ ଯୋଜନା କରି ନିର୍ମାଣ ଉପକରଣ ସବୁ ରଖିଥିଲେ ସେ ସେଥିରେ ମନ୍ଦିର ନିର୍ମାଣ କଲେ ଲୋକମାନେ ସମାଗମ ତମ୍ବୁରେ ଇଶ୍ବରଙ୍କର ଉପାସନା କରିବା ଓ ତାଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଉତ୍ସର୍ଗ କରିବା ପରିବର୍ତ୍ତେ ମନ୍ଦିରରେ ସେହି ସମସ୍ତ ବିଷୟ କଲେ ଇଶ୍ବର ଆସି ମନ୍ଦିରରେ ଉପସ୍ଥିତ ରହିଲେ, ଏବଂ ସେ ତାଙ୍କ ଲୋକମାନଙ୍କ ସହ ବାସ କଲେ



କିନ୍ତୁ ଶଲୋମନ ଅନ୍ୟ ଦେଶର ସ୍ତ୍ରୀମାନଙ୍କୁ ପ୍ରେମ କଲେ  ସେ 1000 ବିଦେଶୀୟ ମହିଳାଙ୍କୁ ବିବାହ କରି ଈଶ୍ବରଙ୍କର ଅନାଜ୍ଞାବହ ହୋଇଥିଲେ  ଏହି ମହିଳାମାନଙ୍କ ମଧ୍ୟରୁ ଅନେକେ ବିଦେଶରୁ ଆସିଥିଲେ ଏବଂ ସେମାନଙ୍କ ସହ ସେମାନଙ୍କର ଦେବତାଗୁଡିକ ସହ ଆସିଥିଲେ ଏବଂ ସେମାନଙ୍କୁ ଉପାସନା କରିଚାଲିଥିଲେ  ଶଲୋମନ ଯେତେବେଳେ ବୃଦ୍ଧ ହେଲେ, ସେ ମଧ୍ୟ ସେମାନଙ୍କର ଦେବତାମାନଙ୍କର ଉପାସନା କଲେ



ଈଶ୍ବର ଶଲୋମନଙ୍କ ଉପରେ କ୍ରୋଧ କରିଥିଲେ ଏବଂ ଶଲୋମନଙ୍କ ଅବିଶ୍ବସ୍ତତାର ଦଣ୍ଡ ସ୍ବରୂପ ଶଲୋମନଙ୍କ ମୃତ୍ୟୁପରେ ସେ ଈଶ୍ରାୟେଲ ଦେଶକୁ ଦୁଇଗୋଟି ରାଜ୍ୟ ବା ପ୍ରଦେଶରେ ବିଭକ୍ତ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ



ଶଲୋମନ ମୃତ୍ୟୁଭୋଗ କଲା ପରେ, ତାହାଙ୍କ ପୁତ୍ର ରିହବିୟାମ ରାଜା ହଲେ ରିହବିୟାମ ଜଣେ ଦୁଷ୍ଟ ବ୍ୟକ୍ତି ଥିଲେ ଇଶ୍ରାୟଲେ ଦଶେର ସମସ୍ତ ଲୋକ ଏକାଠି ଆସି ତାହାଙ୍କୁ ଏକ ରାଜା ଭାବରେ ନିଶ୍ଚିତ କରିବା ନିମନ୍ତେ ଏକାଠି ହଲେ ସମୋନେ ରିହବିୟାମଙ୍କୁ ଅଭିଯୋଗ କରି କହିଲେ ଯେ ଶଲୋମନ ସମୋନଙ୍କୁ ଅନକେ କଷ୍ଟକର କାର୍ଯ୍ୟ କରିବାକୁ ଓ ଅନକେ କରଦବୋ କରାଇଅଛନ୍ତି



ରିହବିୟାମ ସମୋନଙ୍କୁ ମୂର୍ଖତା ଭାବରେ ଉତ୍ତର ଦଲେ "ତୁମ୍ଭମୋନେ ଭାବୁଛ ମୋ ପିତା ଶଲୋମନ ତୁମ୍ଭମାନଙ୍କୁ କଠିନ କାର୍ଯ୍ୟ କରାଇଅଛନ୍ତି, କିନ୍ତୁ ସେ ଯେତେ କଷ୍ଟକର କାର୍ଯ୍ୟ ତୁମ୍ଭମାନଙ୍କୁ କରିବାକୁ ଦଇେଅଛନ୍ତି ମୁଁ ଆହୁରି କଷ୍ଟକର କାର୍ଯ୍ୟ କରିବାକୁ ଦବେି, ଏବଂ ସେ ଯେତେ କଠୋର ଭାବରେ ତୁମ୍ଭମାନଙ୍କୁ ଦଣ୍ଡ ଦଉେଥିଲେ ମୁଁ ତୁମ୍ଭମାନଙ୍କୁ ଅଧିକ କଠୋର ଭାବରେ ଦଣ୍ଡ ଦବେି "



ଇଶ୍ରାୟେଲ ଦେଶର ଦଶଗୋଟି ଗୋଷ୍ଠୀ ରିହବିୟାମଙ୍କ ବିରୁଦ୍ଧରେ ଯୁଦ୍ଧ କଲେ  କେବଳ ଦୁଇଗୋଟି ଗୋଷ୍ଠୀ ତାହାଙ୍କ ପ୍ରତି ବିଶ୍ୱସ୍ତ ରହିଲେ  ଏହି ଦୁଇଗୋଟି ଗୋଷ୍ଠୀ ଯିହୂଦା ରାଜ୍ୟ ହେଲେ



ଇଶ୍ରାୟେଲ ଦେଶର ଅନ୍ୟ ଦଶଗୋଟି ଜାତି ରିହବିୟାମଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ଯାରବିୟାମ ନାମକ ଜଣେ ବ୍ୟକ୍ତିଙ୍କୁ ସେମାନଙ୍କର ରାଜା ହେବା ନିମନ୍ତେ ନିଯୁକ୍ତ କଲେ  ସେମାନେ ସେହି ଦେଶର ଉତ୍ତର ଭାଗରେ ସେମାନଙ୍କର ରାଜ୍ୟ ସ୍ଥାପନ କଲେ ଏବଂ ସେମାନଙ୍କୁ ଇଶ୍ରାୟେଲ ରାଜ୍ୟ ବା ପ୍ରଦେଶ କୁହାଗଲା



ଯାରବିୟାମ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ଲୋକମାନଙ୍କୁ ପାପ କରାଇଲେ ଯିହୂଦା ରାଜ୍ୟରେ ଥିବା ମନ୍ଦିରରେ ଈଶ୍ୱରଙ୍କ ଉପାସନା କରିବା ପରିବର୍ତ୍ତେ ସେ ପ୍ରତିମା ପୂଜା କରିବା ନିମନ୍ତେ ତାଙ୍କ ଲୋକମାନଙ୍କ ପାଇଁ ଦୁଇଗୋଟି ପ୍ରତିମା ନିର୍ମାଣ କଲେ



ଯିହୂଦା ରାଜ୍ୟ ଓ ଇଶ୍ରାୟେଲ ରାଜ୍ୟ ଶତ୍ରୁରେ ପରିଣତ ହେଲେ ଏବଂ ଅନେକ ସମୟରେ ପରସ୍ପର ବିରୁଦ୍ଧରେ ଯୁଦ୍ଧ କରିବାକୁ ଲାଗିଲେ



ନୂତନ ରାଜ୍ୟ ଇଶ୍ରାୟଲେରେ ସମସ୍ତ ରାଜା ମନ୍ଦ ଥିଲେ  ଏହି ସମସ୍ତ ରାଜାମାନଙ୍କ ମଧ୍ୟରୁ ଅନକେେ ଅନ୍ୟ ଇଶ୍ରାୟଲୀେୟମାନଙ୍କ ଦ୍ଵାରା ବଧ କରାଯାଇଥିଲେ ଯେଉଁମାନେ ସମୋନଙ୍କ ସ୍ଥାନରେ ରାଜା ହବୋକୁ ଚାହିଁଲେ .



ସମସ୍ତ ରାଜା ଓ ଇଶ୍ରାୟଲେ ରାଜ୍ୟର ସମସ୍ତ ଲୋକ ପ୍ରତିମା ପୂଜା କରୁଥିଲେ  ସମୋନଙ୍କ ପ୍ରତିମା ପୂଜାରେ ଅନକେ ସମୟରେ ଯୌନ ଅଶୁଚିତା ଏବଂ ଏପରିକି ବେଳେବେଳେ ଶିଶୁ ବଳିଦାନ ଦେଖିବାକୁ ମିଳୁଥିଲା



ଯିହୂଦାର ରାଜାମାନେ ଦାଉଦଙ୍କ ବଂଶଧର ଥିଲେ ଏହି ସମସ୍ତ ରାଜାଙ୍କ ମଧ୍ୟରୁ ଅନେକେ ଉତ୍ତମ ବ୍ୟକ୍ତି ଥିଲେ ଯେଉଁମାନେ କି ନ୍ୟାୟପରାୟଣ ଭାବରେ ରାଜତ୍ବ କରୁଥିଲେ ଏବଂ ଈଶ୍ବରଙ୍କ ଉପାସନା କରୁଥିଲେ କିନ୍ତୁ ଯିହୂଦାର ରାଜାମାନଙ୍କ ମଧ୍ୟରୁ ଅଧିକାଂଶ ମନ୍ଦ ଏବଂ ଅସାଧୁ ଥିଲେ ଏବଂ ସେମାନେ ପ୍ରତିମାପୂଜା କରୁଥିଲେ ରାଜାମାନଙ୍କ ମଧ୍ୟରୁ କେତେକେ ଏପରିକି ସେମାନଙ୍କର ପିଲାମାନଙ୍କୁ ଭ୍ରାନ୍ତ ଦେବତାମାନଙ୍କ ଉଦ୍ଦେଶ୍ୟରେ ବଳିଦାନ କରୁଥିଲେ ଯିହୂଦାର ଅଧିକାଂଶ ଲୋକ ମଧ୍ୟ ଈଶ୍ବରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ଅନ୍ୟ ଦେବତାମାନଙ୍କର ଉପାସନା କରୁଥିଲେ

*1* ରାଜାବଳୀ *1–6; 11–12*

# 19. ଭାବବାଦୀଗଣ



ଇଶ୍ରାୟଲୀୟ ଇତିହାସ ସାରା, ଈଶ୍ବର ସମୋନଙ୍କ ନିକଟକୁ ଭାବବାଦୀଗଣ ପ୍ରରେଣ କଲେ ଭାବବାଦୀଗଣ ଈଶ୍ବରଙ୍କଠାରୁ ବାର୍ତ୍ତା ଶୁଣିଲେ ଏବଂ ତା'ପରେ ଈଶ୍ବରଙ୍କ ବାର୍ତ୍ତାକୁ ଲୋକମାନଙ୍କ ନିକଟରେ କହିଲେ



ଆହାବ ଯେତେବେଳେ ଇଶ୍ରାୟଲେ ରାଜ୍ୟ ଉପରେ ରାଜା ଥିଲେ ସେତେବେଳେ ଏଲୀୟ ଜଣେ ଭାବବାଦୀ ଥିଲେ ଆହାବ ଜଣେ ମନ୍ଦ ବ୍ୟକ୍ତି ଥିଲେ ଯିଏ ବାଲ୍‌ନାମକ ଜଣେ ଭ୍ରାନ୍ତ ଦେବେତାକୁ ପୂଜା କରିବା ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରୁଥିଲେ ଏଲୀୟ ଆହବଙ୍କୁ କହିଲେ "ମୁଁ ନ କହିବା ପର୍ଯ୍ୟନ୍ତ ଇଶ୍ରାଏଲ ଦେଶେ (ବା ରାଜ୍ୟ)ରେ କୌଣସି ପ୍ରକାରେ ବର୍ଷା ବା କାକର ପଡିବ ନାହିଁ " ଏହା ଦ୍ବାରା ଆହାବ ଅତିଶୟ ରାଗିଗଲେ



ଏଲୀୟଙ୍କୁ ହତ୍ୟା କରିବା ପାଇଁ ଚାହୁଁଥିବା ଆହବଙ୍କଠାରୁ ନିଜକୁ ପ୍ରାନ୍ତରରେ ଥିବା ଏକ ଝରଣାରେ ଲୁଚାଇବା ନିମନ୍ତେ ଈଶ୍ୱର ଏଲୀୟଙ୍କୁ କହିଥିଲେ ପ୍ରତି ସକାଳ ଓ ପ୍ରତି ସଂନ୍ଧ୍ୟାରେ ପକ୍ଷିଗୁଡ଼ିକ ରୋଟୀ ଓ ମାଂସ ଆଣିଦେଉଥିଲେ ଆହାବ ଓ ତାହାଙ୍କ ସୈନ୍ୟ ଏଲୀୟଙ୍କୁ ଖୋଜିଲେ, କିନ୍ତୁ ସେମାନେ ତାଙ୍କୁ ପାଇପାରିଲେ ନାହିଁ ମରୁଡ଼ି ଏତେ ପ୍ରଖର ଥିଲା ଯେ ଝରଣାଗୁଡ଼ିକ ପରିଶେଷରେ ଶୁଖିଗଲା



ତେଣୁ ଏଲୀୟ ଏକ ନିକଟବର୍ତ୍ତୀ ଦେଶକୁ ପଳାଇଗଲେ ଦୁର୍ଭିକ୍ଷ ପଡ଼ିବାରୁ ସେହି ଦେଶର ଜଣେ ବିଧବା ଓ ତା' ପୁତ୍ରର ଖାଦ୍ୟ ସରିଯାଇଥିଲା କିନ୍ତୁ ସେମାନେ ଏଲୀୟଙ୍କର ଯତ୍ନ ନେଲେ, ଏବଂ ଈଶ୍ୱର ସେମାନଙ୍କୁ ଖାଦ୍ୟ ଯୋଗାଇଲେ ଯେପରିକି ସେମାନଙ୍କ ମଇଦା କଳସ ଏବଂ ତୈଳ ପାତ୍ର କେବେ ଶୂନ୍ୟ ହୋଇନଥିଲା ସେହି ଦୁର୍ଭିକ୍ଷ ସାରା ସେମାନଙ୍କର ଖାଦ୍ୟ ରହିଥିଲା ଏଲୀୟ ସେଠାରେ ଅନେକ ବର୍ଷ ପର୍ଯ୍ୟନ୍ତ ରହିଲେ



ସାଢେ ତିନି ବର୍ଷ ପରେ, ଇଶ୍ରାୟେଲେ ଦଶେକୁ ଫେରେି ଆହାବଙ୍କ ସହ କଥା ହବୋ ନିମନ୍ତେ ଈଶ୍ଵର ଏଲୀୟଙ୍କୁ କହିଲେ କାରଣ ସେ ବର୍ଷା ପ୍ରରେଣ କରିବାକୁ ଯାଉଥିଲେ  ଯେତେବେଳେ ଆହାବ ଏଲୀୟଙ୍କୁ ଦଖେିଲେ ସେତେବେଳେ ସେ କହିଲେ "ଏହି କି ତୁମ୍ଭେ ସମସ୍ୟା ସୃଷ୍ଟିକାରୀ!" ଏଲୀୟ ତାଙ୍କୁ ଉତ୍ତର ଦଲେେ "ତୁମ୍ଭେ ସମସ୍ୟା ସୃଷ୍ଟିକାରୀ! ତୁମ୍ଭେ ସତ୍ୟ ଈଶ୍ଵର ଯିହଶୋବାଙ୍କୁ ପରିତ୍ୟାଗ କରିଅଛ ଏବଂ ବାଲ୍‌ଦବେତାର ଉପାସନା କରିଅଛ  ଇଶ୍ରାୟେଲେ ରାଜ୍ୟର ସମସ୍ତ ଲଶୋକଙ୍କୁ କର୍ମିଲ ପର୍ବତ ନିକଟକୁ ଆଣ "



450 ବାଲ୍‌ର ଭବିଷ୍ୟତ ବକ୍ତାଙ୍କ ସମେତ ଇଶ୍ରାୟେଲେ ରାଜ୍ୟର ସମସ୍ତ ଲଶୋକ କର୍ମିଲ ପର୍ବତକୁ ଆସିଲେ  ଏଲୀୟ ଲଶୋକମାନଙ୍କୁ ଉତ୍ତର ଦଲେେ "ତୁମ୍ଭମୋନେ କେତେକାେଳ ତୁମ୍ଭମାନଙ୍କ ମନକୁ ପରିବର୍ତ୍ତନ କରିଚାଲିଥିବ? ଯଦି ଯିହଶୋବା ଈଶ୍ଵର ଅଟନ୍ତି, ତବେେ ତାଙ୍କର ସବେୋ କର! ଯଦି ବାଲ୍‌ଈଶ୍ଵର ଅଟନ୍ତି, ତବେେ ତାଙ୍କର ସବେୋ କର!"



ତା'ପରେ ଏଲୀୟ ବାଲ୍‌ର ଭାବବାଦୀଗଣଙ୍କୁ କହିଲେ "ଏକ ବୃଷ ବଧ କରି ଏହାକୁ ଯଜ୍ଞବେଦୀ ଉପରେ ବଳିଦାନ ଭାବରେ ରଖ, କିନ୍ତୁ ଏଥିରେ ଅଗ୍ନି ସଂଯୋଗ କରନାହିଁ ମୁଁ ତାହା କରିବି ଯେଉଁ ଈଶ୍ବର ଅଗ୍ନି ଦ୍ବାରା କଥା କହିବେ ସେ ପ୍ରକୃତ ଈଶ୍ବର ହବେ " ତେଣୁ ବାଲ୍‌ର ଭବିଷ୍ୟତ ବକ୍ତାଗଣ ଏକ ବଳିଦାନ (ଯଜ୍ଞବେଦୀ) ପ୍ରସ୍ତୁତ କଲେ କିନ୍ତୁ ସେଥିରେ ଅଗ୍ନି ଦେଲେ ନାହିଁ



ତା'ପରେ ବାଲ୍‌ର ଭବିଷ୍ୟତବକ୍ତାଗଣ ବାଲ୍‌ନିକଟରେ ପ୍ରାର୍ଥନା କରି କହିଲେ "ବାଲ୍, ଆମ ପ୍ରାର୍ଥନା ଶୁଣ!" ସମସ୍ତ ଦିନ ସେମାନେ ପ୍ରାର୍ଥନା କଲେ ଏବଂ ଉଚ୍ଚ ସ୍ବରରେ ଚିତ୍କାର କଲେ ଏବଂ ନିଜନିଜକୁ ଛୁରୀକାରେ କାଟିଲେ, କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ



ଦିନର ଶଷେ ଭାଗରେ, ଏଲୀୟ ଇଶ୍ବରଙ୍କ ନିକଟରେ ଏକ ବଳିଦାନ ପ୍ରସ୍ତୁତ କଲେ  ତା'ପରେ ଯଜ୍ଞବେଦୀର ମାଂସ, କାଷ୍ଠ ଏପରିକି ଯଜ୍ଞବେଦୀ ଚାରିପାଖର ଭୂମି ଜଳରେ ସମ୍ପୂର୍ଣ୍ଣ ନ ଭିଜିବା ପର୍ଯ୍ୟନ୍ତ ସେ ବାର କଳସ ଜଳ ଢାଳିବାକୁ କହିଲେ



ତା'ପରେ ଏଲୀୟ ପ୍ରାର୍ଥନା କରି କହିଲେ "ହେ ଅବ୍ରହାମଙ୍କ ଈଶ୍ବର, ଇସହାକଙ୍କ ଈଶ୍ବର ଓ ଯାକୁବଙ୍କ ଈଶ୍ବର ଯିହୋବା, ଆଜି ଆମ୍ଭମାନଙ୍କୁ ଦେଖାଇଦିଅ ଯେ ତୁମ୍ଭେ ଇଶ୍ରାୟଲେର ଈଶ୍ବର ଏବଂ ମୁଁ ତୁମ୍ଭର ଦାସ  ମୋତେ ଉତ୍ତର ଦିଅ ଯେପେରିକି ଏହି ସମସ୍ତ ଲୋକ ଜାଣିବେ ଯେ ତୁମେ ସତ୍ୟ ଈଶ୍ବର ଅଟ "



ତତ୍କ୍ଷଣାତ୍, ଆକାଶରୁ ଅଗ୍ନି ପଡି ଯଜ୍ଞବଦେୀରେ ଥିବା ମାଂସ, କାଷ୍ଠ, ପ୍ରସ୍ତର, ଧୂଳି ଏବଂ ଏପରିକି ଯଜ୍ଞବଦେୀ ଚାରିପାଖରେ ଥିବା ଜଳକୁ ଗ୍ରାସ କଲା  ଲଟେକମାନେ ଯେତେବେଳେ ଏହା ଦଖେିଲେ, ସମେଟନେ ମୁହଁମାଡି ପଡି କହିଲେ "ଯିହଟେବା ହିଁ ଇଶ୍ୱର! ଯିହଟେବା ହିଁ ଇଶ୍ୱର!"



ତା'ପରେ ଏଲୀୟ କହିଲେ, "ବାଲର କଣେସି ଭବିଷ୍ୟଦ ବକ୍ତାକୁ ଖସି ଚାଲିଯିବାକୁ ଦିଅନାହିଁ !" ତଣେୁ ଲଟେକମାନେ ବାଲର ଭବିଷ୍ୟତ ବକ୍ତାମାନଙ୍କୁ ଧରି ସମେଟନଙ୍କୁ ବଧ କଲେ



ତା'ପରେ ଏଲୀୟ ଆହବଙ୍କୁ କହିଲେ "ନଗରକୁ ଶୀଘ୍ର ଫେରିଯାଅ, କାରଣ ବର୍ଷା ଆସୁଅଛି " ଶୀଘ୍ର ଆକାଶ କଳା ହେବାକୁ ଲାଗିଲା ଏବଂ ପ୍ରଚୁର ବର୍ଷା ହେଲା  ଯିହୋବା ମରୁଡିକୁ ଶେଷ କରିସାରିଥିଲେ ଏବଂ ସେ ଯେ ସତ୍ୟ ଈଶ୍ୱର ତାହାର ପଥ ପରିଷ୍କାର କରିଦେଲେ



ଏଲୀୟଙ୍କ ସମୟ ପରେ, ଈଶ୍ୱର ଇଲିଶାୟ ନାମକ ଜଣେ ବ୍ୟକ୍ତିଙ୍କୁ ତାହାଙ୍କ ଭାବବାଦୀ ହେବା ନିମନ୍ତେ ମନୋନୀତ କଲେ  ଈଶ୍ୱର ଇଲିଶାୟଙ୍କ ଦ୍ୱାରା ଅନେକ ଆଶ୍ଚର୍ଯ୍ୟକର୍ମ କଲେ  ନାମାନଙ୍କ ପ୍ରତି ଏକ ଆଶ୍ଚର୍ଯ୍ୟକର୍ମ ଘଟିଥିଲା, ଯିଏ ଜଣେ ଶତ୍ରୁ ସେନାପତି ଥିଲେ, ଯାହାଙ୍କର ଭୟଙ୍କର ଚର୍ମ ରୋଗ ହୋଇଥିଲା  ସେ ଇଲୀଶାୟଙ୍କ ବିଷୟରେ ଶୁଣିଥିଲେ ତେଣୁ ସେ ଯାଇ ତାଙ୍କୁ ସୁସ୍ଥ କରିବା ନିମନ୍ତେ ଇଲୀଶାୟଙ୍କୁ କହିଥିଲେ  ଇଲୀଶାୟ ନାମାନଙ୍କୁ ଯର୍ଦ୍ଦନ ନଦୀରେ ସାତଥର ଡୁବିବାକୁ କହିଥିଲେ



ପ୍ରଥମେ ପ୍ରଥମେ ନାମାନ ଏହା ଶୁଣି କ୍ରୋଧ କରିଥିଲେ ଏବଂ ଏହା କରିବାକୁ ଇଚ୍ଛା କରିନଥିଲେ କାରଣ ଏହା ମୂର୍ଖତା ପରି ତାଙ୍କୁ ଲାଗିଥିଲା  କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ତାଙ୍କ ମନ ପରିବର୍ତ୍ତନ କରି ଯର୍ଦ୍ଦନରେ ନିଜକୁ ସାତଥର ଡୁବାଇଲେ  ସେ ଯେତେବେଳେ ଶେଷେଥର ପାଇଁ ଜଳରୁ ଡୁବି ବାହାରିଥିଲେ ସେତେବେଳେ ତାହାଙ୍କ ଚର୍ମ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲା ! ଈଶ୍ବର ତାହାଙ୍କୁ ସୁସ୍ଥ କରିଥିଲେ



ଈଶ୍ବର ଆହୁରି ଅଧିକ ଭାବବାଦୀଙ୍କୁ ପ୍ରରେଣ କରିଥିଲେ  ସମୋନେ ସମସ୍ତେ ଲୋକମାନଙ୍କୁ ପ୍ରତିମା ପୂଜା କରିବା ବନ୍ଦ କରିବା ନିମନ୍ତେ କହି ଅନ୍ୟମାନଙ୍କୁ ନ୍ୟାୟ ଓ ଦୟା ଦଖୋଇବାକୁ କହିଥିଲେ  ଭାବବାଦୀମାନେ ଲୋକମାନଙ୍କୁ ସତର୍କ କରାଇ କହିଥିଲେ ଯେ ଯେଦି ସମୋନେ ମନ୍ଦ କାର୍ଯ୍ୟ କରିବା ବନ୍ଦ ନ କରନ୍ତି ଓ ଈଶ୍ବରଙ୍କର ଆଜ୍ଞାବହ ନ ହୁଅନ୍ତି, ତବେେ ଈଶ୍ବର ସମୋନଙ୍କୁ ଦୋଷାବହ କରି ବିଚାର କରିବେ ଏବଂ ସମୋନଙ୍କୁ ଦଣ୍ଡ ଦବେେ



ଅଧିକାଂଶ ସମୟ ଲୋକମାନେ ଈଶ୍ବରଙ୍କର ଆଜ୍ଞାବହ ହେଲେନାହିଁ  ସେମାନେ ଅନେକ ସମୟରେ ଭାବବାଦୀମାନଙ୍କୁ ମନ୍ଦ ବ୍ୟବହାର ଦେଖାଉଥିଲେ ଏବଂ ବେଳେବେଳେ ଏପରିକି ସେମାନଙ୍କୁ ହତ୍ୟା କରୁଥିଲେ  ଥରେ, ଯିରିମିୟ ଭାବବାଦୀଙ୍କୁ ଏକ ଶୁଷ୍କ କୂପରେ ପକାଯାଇଥିଲା ଏବଂ ସେ ମରିବା ନିମନ୍ତେ ତାଙ୍କୁ ସେଠାରେ ଏକାକୀ ଛାଡି ଦିଆଯାଇଥିଲା  ସେ କୂପ ତଳେ ଥିବା କାଦୁଅରେ ବୁଡିଯାଇଥିଲେ, କିନ୍ତୁ ରାଜାଙ୍କର ତାଙ୍କ ପ୍ରତି ଦୟା ଭାବ ଆସିଲା ଏବଂ ଯିରିମିୟ ମରିବା ପୂର୍ବରୁ ତାଙ୍କୁ କୂପରୁ ବାହାର କରି ଆଣିବା ନିମନ୍ତେ ସେ ଆପଣା ଦାସମାନଙ୍କୁ ଆଦେଶ ଦେଲେ



ଲୋକମାନେ ଭାବବାଦୀମାନଙ୍କୁ ଘୃଣା କଲେ ମଧ୍ୟ ସେମାନେ ଈଶ୍ବରଙ୍କ ନିମନ୍ତେ କଥା କହିବାକୁ ଲାଗିଲେ  ସେମାନେ ଲୋକମାନଙ୍କୁ ସତର୍କ କରାଇ କହିଥିଲେ ଯେ ଯଦି ସେମାନେ ଅନୁତାପ ନ କରନ୍ତି ଈଶ୍ବର ସେମାନଙ୍କୁ ବିନାଶ କରିବେ ଈଶ୍ବରଙ୍କ ପ୍ରେରିତ ମଶୀହ ଯେ ଆସିବେ ସେହି ପ୍ରତିଜ୍ଞା ବିଷୟରେ ମଧ୍ୟ ସେମାନେ ଲୋକମାନଙ୍କୁ ସ୍ମରଣ କରାଇ ଦେଇଥିଲେ

*1* ରାଜାବଳୀ *16–18; 2* ରାଜାବଳୀ *5;* ଯିରିମିୟ *38*

# 20. ନିର୍ବାସନ ଏବଂ ପ୍ରତ୍ୟାବର୍ତ୍ତନ



ଉଭୟ ଇଶ୍ରାୟେଲ ରାଜ୍ୟ ଓ ଯିହୂଦା ରାଜ୍ୟ ଈଶ୍ବରଙ୍କ ବିରୁଦ୍ଧରେ ପାପ କଲେ  ଈଶ୍ବର ସୀନୟ ପର୍ବତରେ ସେମାନଙ୍କ ସହ ଯେଉଁ ନିୟମ କରିଥିଲେ ସେମାନେ ସେହି ନିୟମକୁ ଭଙ୍ଗ କରିଦେଇଥିଲେ  ଲୋକମାନେ ଯେପରି ଅନୁତାପ କରିବେ ଏବଂ ପୁନର୍ବାର ତାଙ୍କର ଉପାସନା କରିବେ ସେଥିପାଇଁ ଈଶ୍ବର ତାହାଙ୍କ ଭାବବାଦୀଗଣଙ୍କୁ ପ୍ରେରଣ କଲେ, କିନ୍ତୁ ସେମାନେ ତାହା ପାଳନ କରିବାକୁ ନାସ୍ତି କଲେ



ତେଣୁ ଈଶ୍ବର ଉଭୟ ରାଜ୍ୟକୁ ସେମାନଙ୍କ ଶତ୍ରୁଗଣ ଦ୍ବାରା ବିନଷ୍ଟ ହେବା ନିମନ୍ତେ ଅନୁମତି ଦେଲେ  ଏକ ଶକ୍ତିଶାଳୀ ଏବଂ ନିଷ୍ଠୁର ଦେଶ ଆସିରୀୟ ସାମ୍ରାଜ୍ୟ ଇଶ୍ରାୟେଲ ରାଜ୍ୟକୁ ବିନଷ୍ଟ କଲା  ଇଶ୍ରାୟେଲରେ ଥିବା ଲୋକମାନଙ୍କୁ ଆସିରୀୟମାନେ ହତ୍ୟା କଲେ, ମୂଲ୍ୟବାନ୍‌ଜିନିଷଗୁଡିକ ନେଇଗଲେ, ଏବଂ ଦେଶର ଅଧିକ ବିଷୟକୁ ପୋଡି ପକାଇଲେ



ଆସିରୀୟମାନେ ଧନୀ ଲୋକମାନଙ୍କୁ, ଦକ୍ଷତା ଥିବା ଲୋକମାନଙ୍କୁ ଏହିପରି ସମସ୍ତ ନେତାଙ୍କୁ ଏକାଠି କଲେ ଓ ସମୋନଙ୍କୁ ଧରି ଆସିରୀୟକୁ ପଳାଇଲେ  କେବେଳ ଅତି ଗରିବ ଇଶ୍ରାୟେଲୀୟମାନେ ଯେଉଁମାନଙ୍କୁ ବଧ କରାଯାଇନଥିଲା ସମୋନେ ହିଁ ଇଶ୍ରାୟେଲେ ରାଜ୍ୟରେ ରହିଗଲେ



ତା'ପରେ ଆସିରୀୟମାନେ ବିଦଶୋୀୟମାନଙ୍କୁ ସମୋନଙ୍କ ଦଶେରେ ବାସ କରିବା ନିମନ୍ତେ ଆଣିଲେ ଯେଉଁଠି ଇଶ୍ରାୟେଲେ ରାଜ୍ୟ ଥିଲା  ବିଦଶୋୀୟମାନେ ବିନଷ୍ଟ ହୋଇଯାଇଥିବା ନଗରଗୁଡିକୁ ପୁନଃନିର୍ମାଣ କଲେ ଏବଂ ଇଶ୍ରାୟେଲୀୟମାନଙ୍କୁ ବିବାହ କଲେ ଯେଉଁମାନେ ସେଠାେରେ ରହିଯାଇଥିଲେ  ଯେଉଁ ଇଶ୍ରାୟେଲୀୟମାନଙ୍କ ବଂଶଧର ବିଦଶୋୀୟମାନଙ୍କୁ ବିବାହ କରିଥିଲେ ସମୋନଙ୍କୁ ଶମରୀୟ କୁହାଯାଉଥିଲା



ଯିହୂଦା ରାଜ୍ୟର ଲୋକମାନେ ଦେଖିଲେ ଯେ ଇଶ୍ରାୟେଲ ରାଜ୍ୟର ଲୋକେ ଈଶ୍ବରଙ୍କୁ ବିଶ୍ବାସ ନ କରିବାରୁ ଓ ତାହାଙ୍କର ଆଜ୍ଞାବହ ନ ହେବାରୁ ଈଶ୍ବର ସେମାନଙ୍କୁ ଦଣ୍ଡ ଦେଇଥିଲେ  କିନ୍ତୁ ସେମାନେ କିଣାନୀୟ ଦେବତାମାନଙ୍କ ସମେତ ପ୍ରତିମାଗୁଡିକର ଉପାସନା କଲେ ସେମାନଙ୍କୁ ସତର୍କ କରାଇଦେବା ନିମନ୍ତେ ଈଶ୍ବର ଭାବବାଦୀମାନଙ୍କୁ ପ୍ରେରଣ କଲେ, କିନ୍ତୁ ସେମାନେ ଶୁଣିବାକୁ ନାସ୍ତି କଲେ



ଆସିରୀୟମାନେ ଇଶ୍ରାୟେଲ ରାଜ୍ୟ ବିନଷ୍ଟ କରିବାର 100 ବର୍ଷ ପରେ, ଈଶ୍ବର ବାବିଲର ରାଜା ନବୂଖଦ୍ନିଶ୍ଚରଙ୍କୁ ଯିହୂଦା ରାଜ୍ୟ ଆକ୍ରମଣ କରିବା ନିମନ୍ତେ ପଠାଇଲେ  ବାବିଲୋନ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ଥିଲା  ଯିହୂଦାର ରାଜା ନବୂଖଦ୍ନିଶ୍ଚରଙ୍କ ଦାସ ହେବା ନିମନ୍ତେ ସହମତି ହେଲେ ଏବଂ ପ୍ରତିବର୍ଷ ତାଙ୍କୁ ଅନେକ ଅର୍ଥ ଦେଲେ



କିନ୍ତୁ ଅଳ୍ପ କିଛି ବର୍ଷ ପରେ, ଯିହୂଦାର ରାଜା ବାବିଲୋନ ବିରୁଦ୍ଧରେ ବିଦ୍ରୋହ କଲେ ତେଣୁ, ବାବିଲୋନୀୟମାନେ ଫେରିଆସି ଯିହୂଦା ରାଜ୍ୟକୁ ଆକ୍ରମଣ କଲେ  ସେମାନେ ଯିରୁଶାଲମ ନଗର ହସ୍ତଗତ କଲେ, ମନ୍ଦିରକୁ ବିନଷ୍ଟ କଲେ, ଏବଂ ନଗରର ଓ ମନ୍ଦିରର ଧନରତ୍ନ ନେଇ ପଳାଇଗଲେ



ବିଦ୍ରୋହ କରିବା କାରଣରୁ ଯିହୂଦାର ରାଜାଙ୍କୁ ଦଣ୍ଡ ଦେବା ନିମନ୍ତେ ନବୂଖଦ୍ନିଶ୍ଚରଙ୍କ ସୈନ୍ୟମାନେ ରାଜାଙ୍କ ପୁତ୍ରଗଣଙ୍କ ସମ୍ମୁଖରେ ହତ୍ୟା କଲେ ଏବଂ ତାହାକୁ ଅନ୍ଧ କରିପକାଇଲେ  ତହିଁ ଉତ୍ତାରେ, ସେ ଯେପରି ବାବିଲୋନର କାରାଗାରରେ ମରିବେ ସେଥିପାଇଁ ସେମାନେ ତାହାଙ୍କୁ ବାବିଲୋନକୁ ନେଇଗଲେ



ନବୂଖଦ୍ନିଶ୍ଚର ଏବଂ ତାହାଙ୍କ ସୈନ୍ୟ ଯିହୂଦାର ପ୍ରାୟ ସମସ୍ତଙ୍କୁ ବାବିଲୋନକୁ ନଇେଗଲେ ଓ କ୍ଷେତେରେ କାର୍ଯ୍ୟ କରିବାକୁ କବେଳ ଦରିଦ୍ରମାନଙ୍କୁ ଯିହୂଦାରେ ଛାଡି ଗଲେ  ଈଶ୍ବରଙ୍କ ଲୋକମାନଙ୍କୁ ପ୍ରତିଜ୍ଞାତ ଦେଶରୁ ବଳପୂର୍ବକ ଉଠାଇ ନିଆଯାଇଥିବା ସମୟକୁ ନିର୍ବାସନ କୁହାଯାଇଛି



ଯଦିଓ ଈଶ୍ବରଙ୍କ ପାପ ଯୋଗୁଁ ଈଶ୍ବର ସମେ଼ାନଙ୍କୁ ନିର୍ବାସନରେ ଅନ୍ୟ ଦେଶକୁ ପଠାଇଦେଲେ, ତଥାପି ସେ ସମେ଼ାନଙ୍କୁ କିମ୍ବା ସେ କରିଥିବା ପ୍ରତିଜ୍ଞାଗୁଡିକ ଭୁଲିଯାଇନଥିଲେ ଈଶ୍ବର ତାଙ୍କ ଲୋକମାନଙ୍କ ଉପରେ ନଜର ରଖିଚାଲିଲେ ଏବଂ ତାହାଙ୍କ ଭାବବାଦୀମାନଙ୍କ ଦ୍ବାରା ସମେ଼ାନଙ୍କୁ କଥା କହିଚାଲିଲେ  ସେ ପ୍ରତିଜ୍ଞା କରି କହିଲେ ଯେ, ସତ୍ତୁରି ବର୍ଷ ପରେ ସମେ଼ାନେ ପୁନର୍ବାର ପ୍ରତିଜ୍ଞାତ ଦେଶକୁ ଫେରି ଆସିବେ



ସତ୍ତୁରୀ ବର୍ଷ ପରେ, ପାରସ୍ୟର ରାଜା କୋରସ ବାବିଲୋନକୁ ପରାସ୍ତ କଲେ, ତେଣୁ ପାରସ୍ୟ ସାମ୍ରାଜ୍ୟ ବାବିଲୋନୀୟ ସାମ୍ରାଜ୍ୟର ସ୍ଥାନ ନେଲା ବର୍ତ୍ତମାନ ଇଶ୍ରାୟେଲୀୟମାନଙ୍କୁ ଯିହୂଦୀ ବୋଲି କୁହାଗଲା ଏବଂ ସେମାନେ ସେମାନଙ୍କ ସାରା ଜୀବନ ବାବିଲୋନରେ ବାସ କଲେ କେବଳ ଅତି ଅଳ୍ପ ବୃଦ୍ଧ ଯିହୂଦୀ ଯିହୂଦା ରାଜ୍ୟକୁ ସ୍ମରଣ କଲେ



ପାରସ୍ୟ ସାମ୍ରାଜ୍ୟ ଦୃଢ ଥିଲା କିନ୍ତୁ ଏହା ଯେଉଁ ଦେଶଗୁଡିକୁ ଜୟ କରିଥିଲା ସେଥିର ଲୋକମାନଙ୍କ ପ୍ରତି ଦୟାବାନ୍ଥିଲା କୋରସ ପାରସ୍ୟର ରାଜା ହେବାର ଅଳ୍ପ ସମୟ ମଧ୍ୟରେ, ସେ ଏକ ଆଜ୍ଞା ଦେଇ କହିଲେ ଯେ ଯେକୌଣସି ଯିହୂଦୀ ଯିହୂଦା ଦେଶ (ବା ରାଜ୍ୟ)କୁ ଫେରିଯିବାକୁ ଚାହାନ୍ତି ସେମାନେ ସେଠାକୁ ଫେରିଯାଇପାରିବେ ସେ ଏପରିକି ମନ୍ଦିର ପୁନଃନିର୍ମାଣ କରିବା ନିମନ୍ତେ ଅର୍ଥ ଦେଲେ! ତେଣୁ, ନିର୍ବାସନରେ ସତ୍ତୁରୀ ବର୍ଷ ରହିଲା ପରେ, ଯିହୂଦୀମାନଙ୍କର ଏକ କ୍ଷୁଦ୍ର ଦଳ ଯିହୂଦାରେ ଥିବା ଯିରୁଶାଲମ ନଗରକୁ ଫେରିଗଲେ



ଲୋକମାନେ ଯେତେବେଳେ ଯିରୁଶାଲମରେ ପହଞ୍ଚିଲେ, ସେମାନେ ମନ୍ଦିର ଓ ନଗର ଚତୁର୍ଦ୍ଦିଗରେ ଥିବା ପ୍ରାଚୀର ପୁନଃନିର୍ମାଣ କଲେ  ଯଦିଓ ସେମାନେ ବର୍ତ୍ତମାନ ସୁଦ୍ଧା ଅନ୍ୟ ଲୋକମାନଙ୍କ ଦ୍ଵାରା ଶାସିତ ହେଉଥିଲେ, ତଥାପି ସେମାନେ ଆଉଥରେ ପ୍ରତିଜ୍ଞାତ ଦେଶରେ ବାସ କଲେ ଓ ମନ୍ଦିରରେ ଉପାସନା କଲେ

*2* ରାଜାବଳୀ *17; 24–25; 2* ବଂଶାବଳୀ *36;* ଏଜ୍ରା *1–10;* ନିହିମିୟା *1–13*

# 21. ଈଶ୍ବର ମଶୀହଙ୍କ ବିଷୟରେ ପ୍ରତିଜ୍ଞା କରନ୍ତି



ଆରମ୍ଭରୁ ହିଁ ଈଶ୍ୱର ମଶୀହଙ୍କୁ ପ୍ରେରଣ କରିବା ନିମନ୍ତେ ଯୋଜନା କରିଥିଲେ ମଶୀହଙ୍କର ପ୍ରଥମ ପ୍ରତିଜ୍ଞା ଆଦମ ଓ ହବାଙ୍କ ନିକଟକୁ ଆସିଥିଲା ଈଶ୍ୱର ପ୍ରତିଜ୍ଞା କଲେ ଯେ ହବାଙ୍କ ଜଣେ ବଂଶଧର ଜନ୍ମଗ୍ରହଣ କରିବେ ଯିଏ ସର୍ପର ମସ୍ତକକୁ ଚୂର୍ଣ୍ଣ କରିବେ ହବାଙ୍କୁ ଯେଉଁ ସର୍ପ ପ୍ରତାରଣା କରିଥିଲା ସେ ଶୟତାନ ଥିଲା ପ୍ରତିଜ୍ଞାର ଅର୍ଥ ବୁଝାଗଲା ଯେ ମଶୀହ ଶୟତାନକୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିବେ



ଈଶ୍ୱର ଅବ୍ରହାମଙ୍କୁ ପ୍ରତିଜ୍ଞା କରି କହିଥିଲେ ଯେ ତାଙ୍କ ଦ୍ୱାରା ପୃଥିବୀର ସମସ୍ତ ଲୋକଦଳ ଆଶୀର୍ବାଦପ୍ରାପ୍ତ ହବେେ ଏହି ଆଶୀର୍ବାଦ ସଫଳ ହବେ ଯେତେବେଳେ ମଶୀହ ଭବିଷ୍ୟତରେ ଦିନେ ଆସିବେ ପୃଥିବୀରେ ଥିବା ପ୍ରତି ଲୋକଦଳ ଉଦ୍ଧାରପ୍ରାପ୍ତ ହବୋ ନିମନ୍ତେ ସେ ଏହା ସମ୍ଭବ କରିବେ



ଈଶ୍ବର ମୋଶାଙ୍କୁ ପ୍ରତିଜ୍ଞା କରି କହିଲେ ଯେ ଭବିଷ୍ୟତରେ ସେ ମୋଶାଙ୍କ ପରି ଜଣେ ଭାବବାଦୀଙ୍କୁ ଉତ୍ପନ୍ନ କରିବେ  ମଶୀହଙ୍କ ବିଷୟରେ ଏହା ହେଉଛି ଅନ୍ୟ ଏକ ପ୍ରତିଜ୍ଞା ଯାହା କୁହେ ଯେ ସେ ପରବର୍ତ୍ତୀ ଅବସ୍ଥାରେ ଦିନେ ଆସିବେ



ଈଶ୍ବର ରାଜା ଦାଉଦଙ୍କୁ ପ୍ରତିଜ୍ଞା କରି କହିଥିଲେ ଯେ ତାଙ୍କ ବଂଶଧରଙ୍କ ମଧ୍ୟରୁ ଜଣେ ଈଶ୍ବରଙ୍କ ଲୋକମାନଙ୍କର ଚିରଦିନ ରାଜା ହେବେ  ତାହା ଏପରି ବୁଝାଇଲା ଯେ ମଶୀହ ରାଜା ଦାଉଦଙ୍କର ବଂଶଧରଙ୍କ ମଧ୍ୟରୁ ଜଣେ ହେବେ



ଯିରିମିୟ ଭାବବାଦୀଙ୍କ ଦ୍ବାରା ଈଶ୍ବର ପ୍ରତିଜ୍ଞା କଲେ ଯେ ସେ ଏକ ନୂତନ ନିୟମ କରିବେ, କିନ୍ତୁ ଈଶ୍ବର ଇଶ୍ରାୟେଲ ସହିତ ସୀନୟ ପର୍ବତରେ ଯେଉଁ ନିୟମ କରିଥିଲେ ସେପରି ନିୟମ ନୁହେଁ ସେହି ନୂତନ ନିୟମରେ, ଈଶ୍ବର ଲୋକମାନଙ୍କ ହୃଦୟରେ ତାହାଙ୍କ ବ୍ୟବସ୍ଥା ଲେଖିବେ, ଲୋକମାନେ ବ୍ୟକ୍ତିଗତ ଭାବରେ ଈଶ୍ବରଙ୍କୁ ଜାଣିବେ, ସେମାନେ ତାଙ୍କ ଲୋକ ହେବେ ଏବଂ ଈଶ୍ବର ସେମାନଙ୍କର ପାପକୁ କ୍ଷମା କରିବେ  ମଶୀହ ନୂତନ ନିୟମ ଆରମ୍ଭ କରିବେ



ଈଶ୍ବରଙ୍କ ଭାବବାଦୀ ଆହୁରି ମଧ୍ୟ କହିଲେ ଯେ ମଶୀହ ଜଣେ ଭାବବାଦୀ, ଯାଜକ ଏବଂ ରାଜା ହେବେ  ଭାବବାଦୀ ହେଉଛନ୍ତି ସେହି ବ୍ୟକ୍ତି ଯିଏକି ଈଶ୍ବରଙ୍କ ବାକ୍ୟ ଶୁଣି ସେହି ବାକ୍ୟକୁ ଲୋକମାନଙ୍କ ମଧ୍ୟରେ ଘୋଷଣା କରନ୍ତି  ଈଶ୍ବର ପ୍ରେରଣ କରିବାକୁ ଥିବା ମଶୀହ ଜଣେ ସିଦ୍ଧ ଭାବବାଦୀ ହେବେ



ଇଶ୍ରାୟେଲୀୟ ଯାଜକମାନେ ଈଶ୍ବରଙ୍କ ନିକଟରେ ଲୋକମାନଙ୍କ ପକ୍ଷରୁ ସେମାନଙ୍କ (ଲୋକମାନଙ୍କ) ପାପର ଦଣ୍ଡର ପ୍ରତିବଦଳ ସ୍ବରୂପ ବଳିଦାନ ଉତ୍ସର୍ଗ କରୁଥିଲେ ଯାଜକମାନେ ମଧ୍ୟ ଲୋକମାନଙ୍କ ପାଇଁ ଈଶ୍ବରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ମଶୀହ ହେଉଛନ୍ତି ସିଦ୍ଧ ମହାଯାଜକ ଯିଏ ନିଜକୁ ଈଶ୍ବରଙ୍କର ଏକ ସିଦ୍ଧ ବଳିଦାନ ଭାବରେ ଉତ୍ସର୍ଗ କଲେ



ଜଣେ ରାଜା ହେଉଛନ୍ତି ସେହି ବ୍ୟକ୍ତି ଯିଏ ଏକ ରାଜ୍ୟ ଉପରେ ଶାସନ କରନ୍ତି ଓ ତାଙ୍କ ଲୋକମାନଙ୍କର ବିଚାର କରନ୍ତି  ମଶୀହ ସିଦ୍ଧ ରାଜା ହେବେ ଯିଏ ତାଙ୍କ ପୂର୍ବପୁରୁଷ ଦାଉଦଙ୍କ ସିଂହାସନରେ ବସିବେ  ସେ ସମଗ୍ର ପୃଥିବୀରେ ଚିରକାଳ ରାଜତ୍ବ କରିବେ, ଏବଂ ଏବଂ ସର୍ବଦା ସତ୍‌ବିଚାର କରିବେ ଏବଂ ସଠିକ୍‌ନିଷ୍ପତ୍ତି ଗ୍ରହଣ କରିବେ



ଈଶ୍ବରଙ୍କ ଭାବବାଦୀଗଣ ଅନକେ ଅନ୍ୟ ବିଷୟଗୁଡିକ ମଶୀହଙ୍କ ବିଷୟରେ ଭାବବାଣୀ କରିଥିଲେ ଭାବବାଦୀ ମଲାଖି ପୂର୍ବରୁ କହିଥିଲେ ଯେ ମଶୀହ ଆସିବା ପୂର୍ବରୁ ଜଣେ ମହାନ୍‌ଭାବବାଦୀ ଆସିବେ ଭାବବାଦୀ ଯିଶାଇୟ ଭାବବାଣୀ କରି କହିଥିଲେ ଯେ ମଶୀହ ଜଣେ କୁମାରୀ ଗର୍ଭରୁ ଜନ୍ମ ଗ୍ରହଣ କରିବେ ମୀଖା ଭାବବାଦୀ କହିଲେ ଯେ ସେ (ମଶୀହ) ବେଥେଲିହିମ ସହରରେ ଜନ୍ମଗ୍ରହଣ କରିବେ



ଯିଶାଇୟ ଭାବବାଦୀ କହିଲେ ଯେ ମଶୀହ ଗାଲିଲୀରେ ବାସ କରିବେ, ଭଗ୍ନ ହୃଦୟମାନଙ୍କୁ ସାନ୍ତ୍ବନା ଦବେେ, ଏବଂ ବନ୍ଦୀମାନଙ୍କର ମୁକ୍ତି ଘୋଷଣା କରିବେ ଏବଂ ବନ୍ଦୀମାନଙ୍କୁ ମୁକ୍ତ କରିବେ ସେ ଆହୁରି ମଧ୍ୟ ଭାବବାଣୀ ପ୍ରକାଶ କରି କହିଲେ ଯେ ସେ ପୀଡିତମାନଙ୍କୁ ସୁସ୍ଥ କରିବେ



ଭାବବାଦୀ ଯିଶାଇୟ ମଧ୍ୟ ଭାବବାଣୀ ପ୍ରକାଶ କରି କହିଲେ ଯେ ତାଙ୍କୁ (ମଶୀହଙ୍କୁ) ଘୃଣା କରାଯିବ ଓ ବିନା କାରଣରେ ପ୍ରତ୍ୟାଖ୍ୟାନ କରାଯିବ  ଅନ୍ୟ ଭାବବାଦୀମାନେ ଭାବବାଣୀ ପ୍ରକାଶ କରି କହିଲେ ଯେ ଯେଉଁମାନେ ମଶୀହଙ୍କୁ ହତ୍ୟା କଲେ ସେମାନେ ତାଙ୍କ ବସ୍ତ୍ର ନିମନ୍ତେ ଗୁଲିବାଣ୍ଟ କରିବେ ଏବଂ ଜଣେ ବନ୍ଧୁ ତାଙ୍କ ପ୍ରତି ବିଶ୍ୱାସଘାତକତା କରିବେ  ଜିଖରିୟ ଭାବବାଦୀ ଭାବବାଣୀ କରି କହିଲେ ଯେ ମଶୀହଙ୍କୁ ବିଶ୍ୱାସଘାତକତା କରିବା ନିମନ୍ତେ ସେହି ବନ୍ଧୁଙ୍କୁ ତିରିଶିଗୋଟି ରୌପ୍ୟ ମୁଦ୍ରା ପ୍ରଦାନ କରାଯିବ



ଭାବବାଦୀମାନେ ଆହୁରି ମଧ୍ୟ ମଶୀହ କିପରି ମୃତ୍ୟୁବରଣ କରିବେ ତାହା ପୂର୍ବରୁ କହିଥିଲେ  ଯିଶାଇୟ ଭାବବାଣୀ ପ୍ରକାଶ କରି କହିଲେ ଯେ ଲୋକମାନେ ମଶୀହଙ୍କ ଉପରେ ଛେପ ପକାଇବେ, ତାଙ୍କୁ ପରିହାସ କରିବେ, ଏବଂ ତାଙ୍କୁ ମାରିବେ (ବିଧା, ଗୋଇଠା ଇତ୍ୟାଦି) ସେମାନେ ତାଙ୍କୁ ବିଦ୍ଧ କରିବେ ଏବଂ ସେ ଅତି କଷ୍ଟ ଓ ଯନ୍ତ୍ରଣାରେ ମୃତ୍ୟୁବରଣ କରିବେ ଯଦିଓ ସେ କୌଣସି ଭୁଲ୍‌କରିନଥିଲେ



ଭାବବାଦୀମାନେ ଆହୁରି ମଧ୍ୟ କହିଲେ ଯେ ମଶୀହଙ୍କ ସିଦ୍ଧ ହବେ ଯାହାଙ୍କର କୌଣସି ପାପ ନ ଥିବ  ସେ ଅନ୍ୟ ଲୋକମାନଙ୍କ ପାପର ଦଣ୍ଡ ପାଇବା ନିମନ୍ତେ ମୃତ୍ୟୁବରଣ କରିବେ ତାହାଙ୍କ ଦଣ୍ଡ ଈଶ୍ବର ଓ ଲୋକମାନଙ୍କ ମଧ୍ୟରେ ଶାନ୍ତି ଆଣିବ  ଏହି କାରଣ ଯୋଗୁଁ, ମଶୀହଙ୍କୁ ଖଣ୍ଡ ବିଖଣ୍ଡ କରିବା ନିମନ୍ତେ ଈଶ୍ବରଙ୍କର ଇଛା ଥିଲା



ଭାବବାଦୀମାନେ ପୂର୍ବରୁ କହିଲେ ବା ଭାବବାଣୀରେ ପ୍ରକାଶ କଲେ ଯେ ମଶୀହ ମୃତ୍ୟୁବରଣ କରିବେ ଏବଂ ଈଶ୍ବର ତାହାଙ୍କୁ ମୃତ୍ୟୁରୁ ଉଠାଇବେ  ମଶୀହଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ଦ୍ବାରା ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଏବଂ ଏକ ନୂତନ ନିୟମ ଆରମ୍ଭ କରିବା ପାଇଁ ଈଶ୍ବର ତାହାଙ୍କ ଯୋଜନାକୁ ସଫଳ କରିବେ



ଈଶ୍ବର ମଶୀହଙ୍କ ବିଷୟରେ ଅନକେ ବିଷୟ ଭାବବାଦୀମାନଙ୍କୁ ପ୍ରକାଶ କଲେ, କିନ୍ତୁ ମଶୀହ ଏହି ସମସ୍ତ ଭାବବାଦୀମାନଙ୍କ ମଧ୍ୟରୁ କୌଣସି ଜଣଙ୍କ ସମୟରେ ସୁଦ୍ଧା ଆସିନଥିଲେ ଏହି ସମସ୍ତ ଭାବବାଣୀଗୁଡିକ ଦିଆହବୋର 400 ବର୍ଷରୁ ଅଧିକ ବର୍ଷ ପରେ, ସଠିକ୍ସମୟରେ, ଈଶ୍ବର ଜଗତ ମଧ୍ୟକୁ ମଶୀହଙ୍କୁ ପ୍ରରେଣ କରିଥିଲେ

ଆଦି *3:15; 12:1–3;* ଦ୍ଵିତୀୟ ବିବରଣ *18:15; 2* ଶାମୁୟଲେ *7;* ଯିରିମିୟ *31;* ଯିଶାଇୟ *59:16;* ଦାନିୟଲେ *7;* ମଲାଖି *4:5;* ଯିଶାଇୟ *7:14;* ମୀଖା *5:2;* ଯିଶାଇୟ *9:1–7; 35:3–5; 61; 53;* ଗୀତସଂହିତା *22:18; 35:19; 69:4; 41:9;* ଯିଖରିୟ *11:12–13;* ଯିଶାଇୟ *50:6;* ଗୀତସଂହିତା *16:10–11*

# 22. ଯୋହନଙ୍କ ଜନ୍ମ



ପୂର୍ବେ, ଈଶ୍ବର ତାହାଙ୍କ ଲୋକମାନଙ୍କୁ ତାହାଙ୍କ ଦୂତଗଣ ଏବଂ ଭାବବାଦୀମାନଙ୍କ ଦ୍ବାରା କଥା କହିଅଛନ୍ତି  କିନ୍ତୁ 400 ବର୍ଷ ବିତିଗଲା ଯେତେବେଳେ କି ସେ ସେମାନଙ୍କୁ କଥା କହିଲେ ନାହିଁ  ହଠାତ୍ ଜଣେ ଦୂତ ଈଶ୍ବରଙ୍କଠାରୁ ଏକ ବାର୍ତ୍ତା ନେଇ ଜିଖରିୟ ନାମକ ଏକ ବୃଦ୍ଧଙ୍କ ନିକଟକୁ ଆସିଥିଲେ  ଜିଖରିୟ ଓ ତାଙ୍କ ସ୍ତ୍ରୀ ଇଲିଶାବେଥ ଈଶ୍ବର ପରାୟଣ ଲୋକ ଥିଲେ, କିନ୍ତୁ ସେ ସନ୍ତାନ ଧାରଣ କରିବା ନିମନ୍ତେ ଅକ୍ଷମ ଥିଲେ



ଦୂତ ଜିଖରିୟଙ୍କୁ କହିଲେ "ତୁମ ସ୍ତ୍ରୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେବେ  ତୁମେ ତାହାଙ୍କୁ ଯୋହନ ବୋଲି ନାମ ଦେବେ  ସେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବେ ଏବଂ ମଶୀହଙ୍କ ନିମନ୍ତେ ଲୋକମାନଙ୍କୁ ପ୍ରସ୍ତୁତ କରିବେ  ଜିଖରିୟ ଉତ୍ତର ଦେଲେ "ମୁଁ ଓ ମୋ ସ୍ତ୍ରୀ ଏତେ ବୃଦ୍ଧ ଅଟୁ ଯେ ସନ୍ତାନ ଜନ୍ମ କରିବା ନିମନ୍ତେ ଆମେ ଅକ୍ଷମ ଅଟୁ! ଏହା ଘଟିବ ବୋଲି ମୁଁ କିପରି ଜାଣିବି?"



ଦୂତ ଜିଖରିୟଙ୍କୁ ଉତ୍ତର ଦଲେେ "ଏହି ଶୁଭସମ୍ବାଦ ତୁମକୁ ଦବୋ ନିମନ୍ତେ ମତୋେ ଈଶ୍ବର ପଠାଇ ଅଛନ୍ତି ଯହେେତୁ ତୁମେ ମୋ ଠାରେ ବିଶ୍ବାସ କଲ ନାହିଁ ତଣେୁ ସନ୍ତାନ ଜନ୍ମ ନ ହବୋ ପର୍ଯ୍ୟନ୍ତ ତୁମେ କଥା କହିବାକୁ ଅକ୍ଷମ ହବେ " ତତ୍କ୍ଷଣାତ୍ ଜିଖରିୟ କଥା କହିବାକୁ ଅକ୍ଷମ ହଲେେ ତା'ପରେ ସହେି ଦୂତ ତାଙ୍କୁ ଛାଡି ଚାଲିଗଲେ ଏହାପରେ, ଜିଖରିୟ ଗୃହକୁ ଫରେିଗଲେ ଏବଂ ତାଙ୍କ ସ୍ତ୍ରୀ ଗର୍ଭବତୀ ହଲେେ



ଇଲିଶାବଥେ ଯେତେବେଳେ ଛ' ମାସର ଗର୍ଭବତୀ ଥିଲେ, ସହେି ଦୂତ ଇଲୀଶାବଥେଙ୍କ ସମ୍ପର୍କୀୟାଙ୍କୁ ଦଖୋେଦଲେେ, ଯାହାଙ୍କ ନାମ ମରିୟମ ଥିଲା ସେ ଜଣେ କୁମାରୀ ଥିଲେ ଓ ଯୋଷେଫ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିବା ନିମନ୍ତେ ନିର୍ବନ୍ଧ କରାଯାଇଥିଲେ ଦୂତ କହିଲେ "ତୁମ୍ଭେ ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ତୁମ୍ଭେ ତାଙ୍କୁ ଯୀଶୁ ବୋଲି ନାମ ଦବେ ସେ ସର୍ବୋପରିସ୍ଥ ଈଶ୍ବରଙ୍କ ପୁତ୍ର ହବେେ ଓ ଚିରକାଳ ରାଜତ୍ବ କରିବେ "



ମରିୟମ ଉତ୍ତର ଦଇେ କହିଲେ "ଏହା କିପରି ସମ୍ଭବ, ଯେହେତୁ ମୁଁ ଜଣେ କୁମାରୀ ଅର୍ଥାତ୍‌ପୁରୁଷକୁ ଜାଣେ ନାହିଁ?" ଦୂତ ବୁଝାଇ କହିଲେ "ପବିତ୍ରଆତ୍ମା ତୁମ୍ଭ ଉପରେ ଅବତରଣ କରିବେ, ଏବଂ ଈଶ୍ବରଙ୍କ ଶକ୍ତି ତୁମ୍ଭକୁ ଆବୋରିବ ତେଣୁ ସେହି ଶିଶୁ ପବିତ୍ର ଓ ଈଶ୍ବରଙ୍କ ପୁତ୍ର ହବେେ " ଦୂତ ତାହାଙ୍କୁ ଯାହା କହିଥିଲେ ମରିୟମ ତାହା ବିଶ୍ବାସ କରି ଗ୍ରହଣ କଲେ



ଦୂତ ମରିୟମଙ୍କୁ କହିସାରିଲା ପରେ, ସେ ଯାଇ ଇଲିଶାବେଥେଙ୍କୁ ଦର୍ଶନ କଲେ ଇଲିଶାବେଥେ ମରିୟମଙ୍କ ନମସ୍କାର (ବା ସମ୍ଭାଷଣ) ଶୁଣିବା ମାତ୍ରେ ଇଲୀଶାବେଥେଙ୍କ ଗର୍ଭରେ ଥିବା ସନ୍ତାନ ନାଚି ଉଠିଲା ସେହି ଦୁଇଜଣ ନାରୀଙ୍କ ପ୍ରତି ଈଶ୍ବର ଯାହା କରିଥିଲେ ସେ ବିଷୟକୁ ଭାବି ସମେ୍ାନେ ଏକାଠି ଆନନ୍ଦ କଲେ ମରିୟମ ଇଲିଶାବେଥେଙ୍କୁ ସାକ୍ଷାତ୍‌କରି ତିନିମାସ ପରେ ମରିୟମ ଗୃହକୁ ଫେରିଗଲେ



ଇଲିଶାବେଥ ତାଙ୍କ ଶିଶୁକୁ ଜନ୍ମ ଦେଇସାରିଲା ପରେ, ଜିଖରିୟ ଓ ଇଲିଶାବେଥ ଦୂତ ଆଦେଶ ଦେଇଥିବା ଅନୁଯାୟୀ ସେହି ଶିଶୁକୁ ଯୋହନ ବୋଲି ନାମ ଦେଲେ ତା'ପରେ ଈଶ୍ବର ଜିଖରିୟଙ୍କୁ କଥା କହିବା ନିମନ୍ତେ ପୁନର୍ବାର ସକ୍ଷମ କରାଇଲେ ଜିଖରିୟ କହିଲେ "ଈଶ୍ବରଙ୍କ ପ୍ରଶଂସା ହେଉ, କାରଣ ସେ ଆପଣା ଲୋକମାନଙ୍କୁ ସ୍ମରଣ କରିଅଛନ୍ତି!" ମୋ ପୁତ୍ର, ତୁମ୍ଭକୁ ସର୍ବୋପରିସ୍ଥ ଈଶ୍ବରଙ୍କର ଭାବବାଦୀ ବୋଲି ଡକାଯିବ ଯିଏ କିପରି ଲୋକମାନଙ୍କର ପାପକ୍ଷମା କରିବେ ତାହା ଗ୍ରହଣ କରିବେ

ଲୂକ *1*

# 23. ଯୀଶୁଙ୍କ ଜନ୍ମ



ଯୋଷେଫ ନାମକ ଜଣେ ଧାର୍ମିକ ବ୍ୟକ୍ତିଙ୍କ ସହ ମରିୟମଙ୍କର ବିବାହ ନିର୍ବନ୍ଧ ହୋଇଥିଲା ମରି ଗର୍ଭବତୀ ଅଛନ୍ତି ବୋଲି ସେ ଯେତେବେଳେ ଜାଣିବାକୁ ପାରିଲେ, ସେ ଜାଣିଲେ ସେହି ଶିଶୁ ସନ୍ତାନ ତାଙ୍କର ନାହିଁ ସେ ପ୍ରକାଶ୍ୟରେ ମରିୟମଙ୍କୁ ଲଜ୍ଜିତ କରିବାକୁ ଇଛା କଲେନାହିଁ, ତଣ୍ଣେ ସେ ଗୁପ୍ତରେ ତାଙ୍କୁ ଛାଡପତ୍ର ଦେବା ନିମନ୍ତେ ଯୋଜନା କଲେ ସେ ସେହି କାର୍ଯ୍ୟ କରିବା ପୂର୍ବରୁ ଜଣେ ଦୂତ ତାଙ୍କ ନିକଟକୁ ଆସି ସ୍ବପ୍ନରେ ତାଙ୍କୁ କହିଲେ



ଦୂତ କହିଲେ "ଯୋଷେଫ, ତୁମ୍ଭ ଭାର୍ଯ୍ୟା ମରିୟମଙ୍କୁ ନେବା ନିମନ୍ତେ ଭୟ କରନାହିଁ ତାଙ୍କ ଗର୍ଭରେ ଥିବା ଶିଶୁପୁତ୍ର ପବିତ୍ରଆତ୍ମାଙ୍କଠାରୁ ହୋଇଛି ସେ ଜଣେ ପୁତ୍ରଙ୍କୁ ଜନ୍ମ ଦେବେ ତାଙ୍କୁ ଯୀଶୁ ନାମ ଦିଅ (ଯାହାର ଅର୍ଥ "ଯିହୋବା ରକ୍ଷା କରନ୍ତି"), କାରଣ ସେ ଲୋକମାନଙ୍କୁ ସେମାନଙ୍କ ପାପରୁ ଉଦ୍ଧାର କରିବେ "



ତଣ୍ଡେ ଯୋଷଫେ ମରିୟମଙ୍କୁ ତାଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରି ନିଜ ଗୃହକୁ ନଲେ, କିନ୍ତୁ ସେ ପୁତ୍ର ସନ୍ତାନ ଜନ୍ମ ନ କରିବା ପର୍ଯ୍ୟନ୍ତ ତାଙ୍କର ସହବାସ କଲେନାହିଁ



ମରିୟମଙ୍କ ଜନ୍ମଦିନ ଯେତେବେଳେ ପାଖେଇ ଆସିଲା, ରୋମୀୟ ସରକାର ସମସ୍ତଙ୍କୁ ନିଜ ନିଜ ପୈତୃକ ସ୍ଥାନକୁ ଯାଇ ଜନଗଣନାରେ ସାମିଲ ହେବାକୁ କହିଲେ ଯୋଷଫେ ଓ ମରିୟମ ବାସ କରୁଥିବା ନାଜରିତରୁ ଦୂର ଯାତ୍ରା କରି ବେଥେଲିହିମକୁ ଯିବାକୁ ପଡିଥିଲା କାରଣ ସେମାନଙ୍କର ପିତୃପୁରୁଷ ଦାଉଦଙ୍କ ନିଜ ସହର ବେଥେଲିହିମ ଥିଲା



ସମୋନେ ଯତେବେଳେ ବଥେଲିହିମରେ ପହଞ୍ଚିଲେ, ସମୋନେ ରହିବା ପାଇଁ ସ୍ଥାନ ନ ଥିଲା ପଶୁଗୁଡିକ ରହୁଥିବା ସ୍ଥାନ ହିଁ ସମୋନେ ପାଇଥିଲେ  ଶିଶୁଟି ସଠୋରେ ଜନ୍ମଲାଭ କରିଥିଲା ଏବଂ ତାଙ୍କ ମା ତାଙ୍କୁ କୁଣ୍ଡରେ ଶୁଆଇଦଇେଥିଲେ, ଯହେତୁେ ତାଙ୍କୁ ଶୁଆଇବା ନିମନ୍ତେ ସମୋନେ ଶଯ୍ୟା ପାଇନଥିଲେ  ସମୋନେ ତାହାଙ୍କୁ ଯୀଶୁ ନାମ ଦଲେେ



ସହେି ରାତ୍ରିରେ ନିକଟସ୍ଥ ଏକ କ୍ଷତେରେ କତେେ ମଷେପାଳକ ସମୋନଙ୍କ ପଶୁଗୁଡିକୁ ଜଗୁଥିଲେ  ହଠାତ୍, ଏକ ଉଜ୍ଜଳ ଦୂତ ସମୋନଙ୍କ ନିକଟରେ ଉପସ୍ଥିତ ହଲେେ, ଏବଂ ସମୋନେ ଭୟଭୀତ ହାେଇଯାଇଥିଲେ ଦୂତ କହିଲେ "ଭୟ କରନାହିଁ, କାରଣ ତୁମ୍ଭ ନିମନ୍ତେ ମାେ ନିକଟରେ ଏକ ଶୁଭ ସମ୍ବାଦ ରହିଅଛି  ପ୍ରଭୁ ମଶୀହ ବଥେଲିହିମରେ ଜନ୍ମଲାଭ କରିଅଛନ୍ତି!"



““ଯାଇ ସେହି ଶିଶୁର ଅନ୍ବେଷଣ କର, ଏବଂ ତୁମ୍ଭେମାନେ ତାହାଙ୍କୁ ଗୁହାଳ କୁଣ୍ଡରେ ଲୁଗାରେ ଗୁଡା ହୋଇ ଶୋଇଥିବାର ଦେଖିବ ” ହଠାତ୍, ଆକାଶ ଦୂତମାନଙ୍କ ଦ୍ବାରା ପରିପୂର୍ଣ୍ଣ ହୋଇଗଲା ଯେଉଁମାନେ କହୁଥିଲେ “ଉର୍ଦ୍ଧ୍ବଲୋକରେ ଈଶ୍ବରଙ୍କ ମହିମା ଓ ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି !”



ମେଷପାଳକଗଣ ଅତିଶୀଘ୍ର ଯୀଶୁ ଯେଉଁଠାରେ ଥିଲେ ସେଠାରେ ପହଞ୍ଚିଲେ ଏବଂ ସେମାନେ ତାହାଙ୍କୁ ଦୂତ କହିଥିବା ଅନୁଯାୟୀ ଗୁହାଳ କୁଣ୍ଡରେ ଶୋଇଥିବାର ଦେଖିଲେ  ସେମାନେ ଅତିଶୟ ଉତ୍ସାହିତ ହୋଇଯାଇଥିଲେ  ମରିୟମ ମଧ୍ୟ ଅତିଶୟ ଉତ୍ସାହିତ ହୋଇଯାଇଥିଲେ  ମେଷପାଳକଗଣ କ୍ଷେତରେ ପହଞ୍ଚିଲେ ଯେଉଁଠାରେ ସେମାନଙ୍କର ମେଷଗଣ ଥିଲେ ଏବଂ ସେମାନେ ଯାହା ସବୁ ଶୁଣିଥିଲେ ଓ ଦେଖିଥିଲେ ସେଥିଯୋଗୁଁ ଈଶ୍ବରଙ୍କର ପ୍ରଶଂସା କରୁଥିଲେ



କିଛି ସମୟ ପରେ, ପୂର୍ବ ଦେଶରୁ ଆସିଥିବା ପଣ୍ଡିତଗଣ ଆକାଶରେ ଏକ ଅସ୍ଵାଭାବିକ ତାରା ଦେଖିଲେ  ସେମାନେ ହୃଦୟଙ୍ଗମ କଲେ ଯେ ଯିହୂଦୀମାନଙ୍କର ନୂତନ ରାଜା ଜନ୍ମ ହେବା ବିଷୟରେ ଏହା ବୁଝାଉଥିଲା  ତେଣୁ, ସେମାନେ ଏହି ରାଜାଙ୍କୁ ଦେଖିବା ନିମନ୍ତେ ଦୂର ସ୍ଥାନରୁ ଯାତ୍ରା କରି ଆସିଲେ  ସେମାନେ ବେଥେଲିହିମକୁ ଆସିଲେ ଏବଂ ଯୀଶୁ ଓ ତାହାଙ୍କ ପିତାମାତା ଯେଉଁ ଗୃହରେ ରହୁଥିଲେ ସେହି ଗୃହକୁ ପାଇଲେ



ପଣ୍ଡିତଗଣ ଯେତେବେଳେ ଯୀଶୁଙ୍କୁ ତାଙ୍କ ମାତାଙ୍କ ସହ ଦେଖିଲେ, ସେମାନେ ଭୂମିଷ୍ଠ ହୋଇ ତାହାଙ୍କୁ ପ୍ରଣାମ କଲେ  ସେମାନେ ଯୀଶୁଙ୍କୁ ବହୁମୂଲ୍ୟ ଉପହାରଗୁଡିକ ଦେଲେ  ତା'ପରେ ସେମାନେ ନିଜ ଗୃହକୁ ଫେରି ଆସିଲେ

*1; ଲୂକ 2*

# 24. ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ପ୍ରଦାନ କରନ୍ତି



ଜିଖରିୟ ଓ ଇଲିଶାବଥେଙ୍କ ପୁତ୍ର ଯୋହନ ବୃଦ୍ଧି ପାଇ ଜଣେ ଭାବବାଦୀ ହଲେେ ସେ ପ୍ରାନ୍ତରରେ ବାସ କଲେ, ବନ ମଧୁ ଓ ପଙ୍ଗପାଳ ଖାଉଥିଲେ, ଏବଂ ଓଟ ଲୋମର ପୋଷାକ ପିନ୍ଧୁଥିଲେ



ଅନକେ ଲୋକ ଯୋହନଙ୍କ କଥା ଶୁଣିବା ନିମନ୍ତେ ପ୍ରାନ୍ତରକୁ ଆସୁଥିଲେ ସେ ସମୋନଙ୍କୁ ପ୍ରଚାର କରି କହିଲେ "ମନପରିବର୍ତ୍ତନ କର, କାରଣ ଈଶ୍ବରଙ୍କ ରାଜ୍ୟ ସନ୍ନିକଟ!"



ଲୋକମାନେ ଯେତେବେଳେ ଯୋହନଙ୍କ ବାର୍ତ୍ତା ଶୁଣିଲେ, ସେମାନଙ୍କ ମଧ୍ୟରୁ ଅନେକେ ସେମାନଙ୍କ ପାପରୁ ପରିବର୍ତ୍ତିତ ହେଲେ, ଏବଂ ଯୋହନ ସେମାନଙ୍କୁ ବାପ୍ତିଜିତ କଲେ ଅନେକ ଧାର୍ମିକ ନେତା ମଧ୍ୟ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଆସିଲେ, କିନ୍ତୁ ସେମାନେ ମନ ପରିବର୍ତ୍ତନ କରିନଥିଲେ କିମ୍ବା ସେମାନଙ୍କ ପାପ ସ୍ୱୀକାର କରିନଥିଲେ



ଯୋହନ ସେହି ଧାର୍ମିକ ନେତାମାନଙ୍କୁ କହିଲେ "ହେ କାଳ ସର୍ପର ବଂଶ! ଅନୁତାପ କର ଓ ତୁମ୍ଭମାନଙ୍କ ବ୍ୟବହାର ପରିବର୍ତ୍ତନ କର  ଯେକୌଣସି ଭଲ ଫଳ ନ ଫଳେ ତାହା କାଟି ନିଆଁରେ ପକାଯାଏ " ।ଭାବବାଦୀମାନେ ଯାହା ଯାହା ତାହାଙ୍କ ବିଷୟରେ କହିଥିଲେ ଯୋହନ ତାହା ସଫଳ କଲେ "ଦେଖ, ମୁଁ ତୁମ୍ଭ ଆଗରେ ମୋ ଅଗ୍ରଦୂତଙ୍କୁ ପ୍ରେରଣ କରୁଅଛି ଯିଏ ତୁମ୍ଭର ପଥ ପ୍ରସ୍ତୁତ କରିବେ "



କିଛି ଯିହୂଦୀ ଯୋହନଙ୍କୁ ସେ ମଶୀହ କି ବୋଲି ପଚାରିଲେ ଯୋହନ ଉତ୍ତର ଦେଲେ "ମୁଁ ମଶୀହ ନୁହେଁ, କିନ୍ତୁ ମୋ ଉତ୍ତାରେ ଜଣେ ଆସୁଅଛନ୍ତି ସେ ଏତେ ମହାନ୍‌ଯେ ତାହାଙ୍କ ପାଦୁକାର ବନ୍ଧନ ଫିଟାଇବାକୁ ମୁଁ ଯୋଗ୍ୟ ନୁହେଁ"



ପରଦିନ ଯୋହନଙ୍କ ଦ୍ଵାରା ବାପ୍ତିଜିତ ହେବୋ ନିମନ୍ତେ ଯୀଶୁ ଆସିଥିଲେ ଯୋହନ ଯେତେବେଳେ ତାହାଙ୍କୁ ଦେଖିଲେ, ସେ କହିଲେ "ଏହି ଦେଖ! ଈଶ୍ଵରଙ୍କ ମେଷଶାବକ ଯିଏ ଜଗତର ପାପ ଭାର ବୋହିନେଇ ଯାଆନ୍ତି"



ଯୋହନ ଯୀଶୁଙ୍କୁ କହିଲେ "ତୁମକୁ ବାପ୍ତିସ୍ମ ଦେବାକୁ ମୁଁ ଯୋଗ୍ୟ ନୁହେଁ  ବରଂ ତୁମେ ମୋତେ ବାପ୍ତିସ୍ମ ଦେବା କଥା " କିନ୍ତୁ ଯୀଶୁ କହିଲେ "ତୁମ୍ଭେ ମୋତେ ବାପ୍ତିସ୍ମ ଦେବା କଥା, କାରଣ ଏହିପ୍ରକାରେ ସମସ୍ତ ତଣ୍ଡେ ଯୋହନ ତାହାଙ୍କୁ ବାପ୍ତିଜିତ କଲେ, ଯଦିଓ ଯୀଶୁ କେବେ ପାପ କରିନଥିଲେ



ବାପ୍ତିଜିତ ହେଲାପରେ ଯେତେବେଳେ ଯୀଶୁ ଜଳରୁ ଉଠି ଆସିଲେ, ଈଶ୍ବରଙ୍କ ଆତ୍ମା ଏକ କପୋତ ରୂପରେ ଦେଖାଦେଇଥିଲେ ଏବଂ ଏହା ତଳକୁ ଆସି ତାଙ୍କ ଉପରେ ଅବତରଣ (ବସିଲା) କଲା  ସେହି ସମୟରେ, ଈଶ୍ବରଙ୍କ ରବ ଆକାଶରୁ ଆସିଲା "ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର ଯାହାଙ୍କଠାରେ ଆମ୍ଭର ପରମ ସନ୍ତୋଷ "



ଈଶ୍ବର ଯୋହନଙ୍କୁ କହିଥିଲେ “ତୁମ୍ଭେ ଯାହାଙ୍କୁ ବାପ୍ତିସ୍ମ ଦେବେ ତାଙ୍କ ଉପରେ ପବିତ୍ର ଆତ୍ମା ଆସି ଅବତରଣ କରିବେ ସେହି ବ୍ୟକ୍ତି ଈଶ୍ବରଙ୍କ ପୁତ୍ର ଅଟନ୍ତି ” କେବଳ ଏକମାତ୍ର ଈଶ୍ବର ଅଛନ୍ତି କିନ୍ତୁ ଯୋହନ ଯେତେବେଳେ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ, ସେ ପିତା କଥା କହୁଥିବାର ଶୁଣିଲେ, ଈଶ୍ବରଙ୍କ ପୁତ୍ର ଯୀଶୁଙ୍କୁ ଦେଖିଲେ, ଏବଂ ପବିତ୍ରଆତ୍ମାଙ୍କୁ ଦେଖିଲେ

ମାଥିଉ *3;* ମାର୍କ *1:9–11;* ଲୂକ *3:1–23*

# 25. ଶୟତାନ ଯୀଶୁଙ୍କୁ ପରୀକ୍ଷା କରେ



ଯୀଶୁ ବାପ୍ତିଜିତ ହବୋର ତତ୍କ୍ଷଣାତ୍‌ପବିତ୍ରଆତ୍ମା ତାଙ୍କୁ ପ୍ରାନ୍ତରକୁ ଚାଳିତ କଲେ, ଯେଉଁଠି ସେ ଚାଳିଶ ଦିନ ଓ ଚାଳିଶ ରାତ୍ରି ଉପବାସ କରୁଥିଲେ  ଶୟତାନ ଯୀଶୁଙ୍କ ନିକଟକୁ ଆସିଲା ଏବଂ ତାଙ୍କୁ ପାପ କରିବା ନିମନ୍ତେ ପ୍ରଲୋଭିତ କଲା



ଶୟତାନ ନିମ୍ନ ବାକ୍ୟ କହି ଯୀଶୁଙ୍କୁ ପ୍ରଲୋଭିତ କରିଥିଲା "ଯଦି ତୁମ୍ଭେ ଈଶ୍ବରଙ୍କ ପୁତ୍ର, ଏହି ପଥରଗୁଡିକ ରୋଟୀ ହବୋ ପାଇଁ ଆଜ୍ଞା ଦିଅ!"



ଯୀଶୁ ଉତ୍ତର ଦେଲେ "ଲେଖାଅଛି, 'ମନୁଷ୍ୟ କେବଳ ରୋଟୀରେ ବଞ୍ଚେ ନାହିଁ କିନ୍ତୁ ଈଶ୍ବରଙ୍କ
ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚେ!"



ତା'ପରେ ଶୟତାନ ମନ୍ଦିର ଚୂଡାକୁ ଘେନିଯାଇ ତାଙ୍କୁ କହିଲା "ତୁମ୍ଭେ ଯଦି ଈଶ୍ବରଙ୍କ ପୁତ୍ର,
ତଳକୁ ଡେଇଁପଡ, କାରଣ ଲେଖାଅଛି 'ତୁମ୍ଭର ପାଦ ଯେପରି ପଥରରେ ନ ବାଜିବ ଏଥିପାଇଁ ସେମାନେ
ତୁମ୍ଭକୁ ହସ୍ତରେ ତୋଳି ଧରିବେ "



କିନ୍ତୁ ଯୀଶୁ ଶାସ୍ତ୍ରରୁ ଉଦ୍ଧୃତ କରି ଶୟତାନକୁ ଉତ୍ତର ଦଲେେ  ସେ କହିଲେ "ଈଶ୍ବରଙ୍କ ବାକ୍ୟରେ, ସେ ତାହାଙ୍କ ଲୋକମାନଙ୍କୁ ଆଦଶେ ଦିଅନ୍ତି 'ତୁମ୍ଭେ ପ୍ରଭୁ ଆପଣା ଈଶ୍ବରଙ୍କୁ ପରୀକ୍ଷା କରିବ ନାହିଁ "



ତା'ପରେ ଶୟତାନ ଜଗତର ସମସ୍ତ ରାଜ୍ୟ ଓ ସସେବୁର ଐଶର୍ଯ୍ୟ ଦଖୋଇ କହିଲା "ତୁମ୍ଭେ ଯଦି ମୋତେ ଭୂମିଷ୍ଠ ପ୍ରଣାମ କରିବ ତବେେ ମୁଁ ଏହି ସମସ୍ତ ତୁମ୍ଭକୁ ଦବେି "



ଯୀଶୁ ଉତ୍ତର ଦଲେେ "ଦୂର ହୁଅ ଶୟତାନ! ଈଶ୍ବରଙ୍କ ବାକ୍ୟରେ ଲୋକମାନଙ୍କୁ କୁହାଯାଇଛି 'ତୁମ୍ଭେ କେବେଳ ପ୍ରଭୁ ତୁମ୍ଭ ଈଶ୍ବରଙ୍କର ହିଁ ଉପାସନା କରିବ ଓ ତାହାଙ୍କର ସେବା କରିବ "



ଯୀଶୁ ଶୟତାନର ପ୍ରଲୋଭନରେ ହାରିଯାଇନଥିଲେ, ତେଣୁ ଶୟତାନ ତାହାଙ୍କୁ ଛାଡି ଚାଲିଯାଇଥିଲା ତା'ପରେ ଦୂତମାନେ ଆସି ଯୀଶୁଙ୍କର ସେବା ଯତ୍ନ କଲେ

ମାଥିଉ *4:1–11;* ମାର୍କ *1:12–13;* ଲୂକ *4:1–13*

# 26. ଯୀଶୁ ତାହାଙ୍କ ସେବାକାର୍ଯ୍ୟ ଆରମ୍ଭ କରନ୍ତି



ଶୟତାନର ପ୍ରଲୋଭନ ଉପରେ ଜୟଲାଭ କଲାପରେ, ଯୀଶୁ ପବିତ୍ରଆତ୍ମାଙ୍କ ଶକ୍ତିରେ ସେ ବାସ କରୁଥିବା ଗାଲିଲୀ ଅଞ୍ଚଳକୁ ବାହୁଡିଲେ ଯୀଶୁ ଶିକ୍ଷା ଦେଇ ସ୍ଥାନକୁ ସ୍ଥାନ ଭ୍ରମଣ କଲେ ସମସ୍ତେ ତାଙ୍କ ବିଷୟରେ ଉତ୍ତମ ବିଷୟ କହିଲେ



ଯୀଶୁ ଯେଉଁ ନାଜରୀତରେ ବାଲ୍ୟକାଳରେ ପ୍ରତିପାଳିତ ହୋଇଥିଲେ ସେହି ସହରକୁ ଗଲେ ବିଶ୍ରାମବାରରେ ସେ ଉପାସନାର ସ୍ଥାନକୁ ଗଲେ ତାହାଙ୍କୁ ନଳାକାର ପୁସ୍ତକ (ସେହି ସମୟରେ ଥିବା ପୁରାତନ ନିୟମ) ଦିଆଗଲା ଯେପେରିକି ସେ ଯିଶାଇୟ ଭାବବାଦୀଙ୍କ ପୁସ୍ତକ ପାଠ କରିବେ ଯୀଶୁ ନଳାକାର ପୁସ୍ତକ ଖୋଲି ସେଥିର କିଛି ଅଂଶକୁ ଲୋକମାନଙ୍କ ସମ୍ମୁଖରେ ପାଠ କଲେ



ଯୀଶୁ ପାଠ କଲେ "ଈଶ୍ଵର ତାହାଙ୍କ ଆତ୍ମା ମୋତେ ପ୍ରଦାନ କରିଅଛନ୍ତି ଯେପରିକି ଦରିଦ୍ରମାନଙ୍କ ନିକଟରେ ସୁସମାଚାର ପ୍ରଚାର, ବନ୍ଦୀମାନଙ୍କ ନିକଟରେ ମୁକ୍ତିର ବିଷୟ, ଅନ୍ଧମାନଙ୍କ ନିକଟରେ ଚକ୍ଷୁଲାଭର ବିଷୟ, ଏବଂ ଉପଦ୍ରବପ୍ରାପ୍ତ ଲୋକମାନଙ୍କୁ ମୁକ୍ତ କରିବା ବିଷୟ ଘୋଷଣା କରିବି ଏହା ଅନୁଗ୍ରହର ବର୍ଷ "



ତା'ପରେ ଯୀଶୁ ଉପବଶେନ (ବସିଲେ) କଲେ ସମସ୍ତ ଚକ୍ଷୁ ତାହାଙ୍କ ଉପରେ ଥିଲା ଯୀଶୁ ଶାସ୍ତ୍ରର ଯେଉଁ ଅଂଶ ପାଠ କରିଥିଲେ ତାହା ମଶୀହଙ୍କୁ ସୂଚୀତ କରୁଥିବାର ସମୋନେ ଜାଣିଲେ ଯୀଶୁ କହିଲେ "ମୁଁ ଯେଉଁ ବାକ୍ୟ ପାଠ କଲି ତାହା ବର୍ତ୍ତମାନ ଘଟୁଅଛି " ସମସ୍ତ ଲୋକ ଆଶ୍ଚର୍ଯ୍ୟାନ୍ମିତ ହେଲେ ସମୋନେ କହିଲେ "ଏ କ'ଣ ଯୋଷେଫେର ପୁତ୍ର ନୁହେଁ?"



ତା'ପରେ ଯୀଶୁ କହିଲେ "ଏହା ସତ୍ୟ ଯେ କୌଣସି ଭାବବାଦୀ ନିଜ ପୈତୃକ ନଗରରେ ଗ୍ରହଣଯୋଗ୍ୟ ହୁଅନ୍ତି ନାହିଁ ଏଲୀୟଙ୍କ ସମୟରେ ଇଶ୍ରାୟଲେ ମଧ୍ୟରେ ଅନେକେ ବିଧବା ଥିଲେ କିନ୍ତୁ ଯେତେବେଳେ ସାଢେ ତିନି ବର୍ଷ ବର୍ଷା ହେଲାେନାହିଁ ସେତେବେଳେ ଈଶ୍ବର ଏଲୀୟଙ୍କୁ ଇଶ୍ରାୟଲେରେ ଥିବା କୌଣସି ବିଧବା ନିକଟକୁ ପ୍ରେରଣ ନ କରି ଭିନ୍ନ ଏକ ଦେଶେରେ ଥିବା ବିଧବା ନିକଟକୁ ପ୍ରେରଣ କରିଥିଲେ "



Jଯୀଶୁ କହିଚାଲିଲେ "ଏବଂ ଇଲିଶାୟ ଭାବବାଦୀଙ୍କ ସମୟରେ ଚର୍ମେରାେଗ ଥିବା ଅନେକେ ଇଶ୍ରାୟଲେରେ ଥିଲେ କିନ୍ତୁ ଇଲୀଶାୟ ସେମାେନଙ୍କ ମଧ୍ୟରୁ କାହାକୁ ସୁସ୍ଥ କରିନଥିଲେ ସେ ଇଶ୍ରାୟଲେ ଶତ୍ରୁ ଦେଶେର ଏକ ସେନାପତି ନାମାନଙ୍କ ଚର୍ମେରାେଗ କେବଳ ସୁସ୍ଥ କରିଥିଲେ ଯେଉଁ ଲୋକମାନେ ଯୀଶୁଙ୍କ କଥା ଶୁଣୁଥିଲେ ସେ ସେମସ୍ତେ ଯିହୂଦୀ ଥିଲେ ତେଣୁ ସେମାେନେ ଯେତେବେଳେ ଏହା କହିବାର ଶୁଣିଲେ, ସେମାେନେ ତାଙ୍କ ଉପରେ ଅତିଶୟ କ୍ରୋଧ କରିଥିଲେ



ନାଜରିତରେ ଥିବା ଲୋକେ ଉପାସନାର ସ୍ଥାନରୁ ଯୀଶୁଙ୍କୁ ହତ୍ୟା କରିବା ନିମନ୍ତେ ପାହାଡ ତୀଖରୁ ଠେଲି ଦେବା ନିମନ୍ତେ ସେଠାକୁ ଗଲେ  କିନ୍ତୁ ଯୀଶୁ ସେମାନଙ୍ଗ ମଧ୍ୟ ଦେଇ ଚାଲିଗଲେ ଓ ନାଜରିତ ସହର ପରିତ୍ୟାଗ କଲେ



ତା'ପରେ ଯୀଶୁ ଗାଲିଲୀ ଅଞ୍ଚଳକୁ ଗଲେ, ବହୁ ଜନତା ତାଙ୍କ ନିକଟକୁ ଆସିଲେ  ଯେଉଁ ଲୋକମାନେ ଦେଖିପାରୁନଥିଲେ, ଚାଲିପାରୁନଥିଲେ, ଶୁଣିପାରୁନଥିଲେ ଏମାନଙ୍କ ସମେତ ସେମାନେ ଅନେକ ପୀଡିତ ଓ ଶାରିରୀକ ଅକ୍ଷମ ଲୋକମାନଙ୍କୁ ଆଣିଲେ



ଭୂତାବିଷ୍ଟ ଲୋକମାନଙ୍କୁ ଯୀଶୁଙ୍କ ନିକଟକୁ ଅଣାଯାଉଥିଲା  ଯୀଶୁଙ୍କ ଆଦେଶରେ ଭୂତମାନେ ଲୋକମାନଙ୍କଠାରୁ ବାହାରି ଆସୁଥିଲେ, ଏବଂ ଅନେକ ସମୟରେ ସେମାନେ ଚିତ୍କାର କରୁଥିଲେ “ତୁମ୍ଭେ ଈଶ୍ବରଙ୍କ ପୁତ୍ର!” ବହୁ ଜନତା ଆଶ୍ଚର୍ଯ୍ୟ ହେଉଥିଲେ ଏବଂ ଈଶ୍ବରଙ୍କର ଉପାସନା କରୁଥିଲେ



ତା'ପରେ ଯୀଶୁ ବାରଜଣ ବ୍ୟକ୍ତିଙ୍କୁ ମନୋନୀତ କଲେ ଯେଉଁମାନଙ୍କୁ ଶିଷ୍ୟ କୁହାଯାଉଥିଲା ଶିଷ୍ୟମାନେ ଯୀଶୁଙ୍କ ସହ ଗମନ କରୁଥିଲେ ଏବଂ ତାଙ୍କଠାରୁ ଶିଖୁଥିଲେ

ମାଥିଉ *4:12–25;* ମାର୍କ *1:14–15,35–39; 3:13–21;* ଲୂକ *4:14–30,38–44*

# 27. ଉତ୍ତମ ଶମିରଣୋଣୀୟଙ୍କ କାହାଣୀ



ଦିନେ, ଜଣେ ବ୍ୟବସ୍ଥା ଶାସ୍ତ୍ରଜ୍ଞ ଯୀଶୁଙ୍କୁ ପରୀକ୍ଷା କରିବା ପାଇଁ ପଚାରିଲେ, "ଗୁରୁ, ଅନନ୍ତ ଜୀବନ ପାଇବା ନିମନ୍ତେ ମୁଁ ନିହାତି କ'ଣ କରିବାକୁ ହବେ?" ଯୀଶୁ ଉତ୍ତର ଦଲେେ "ବ୍ୟବସ୍ଥାରେ କ'ଣ ଲଖୋଅଛି?"



ବ୍ୟବସ୍ଥା ଶାସ୍ତ୍ରଜ୍ଞ ଉତ୍ତର ଦଲେେ ଯେ ଈଶ୍ବରଙ୍କ ବ୍ୟବସ୍ଥା କୁହେ "ତୁମ୍ଭେ ପ୍ରଭୁ ଈଶ୍ବରଙ୍କୁ ତୁମ୍ଭର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ବଳ ଓ ସମସ୍ତ ମନ ଦଇେ ପ୍ରମେ କର ଏବଂ ତୁମ୍ଭ ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରମେ କର " ଯୀଶୁ ଉତ୍ତର ଦଲେେ "ତୁମ୍ଭେ ଠିକ୍‌କହିଅଛ! ଏହା କର ତବେେ ତୁମ୍ଭେ ବଞ୍ଚିବ "



କିନ୍ତୁ ବ୍ୟବସ୍ଥା ଶାସ୍ତ୍ରଜ୍ଞ ନିଜକୁ ଧାର୍ମିକ ପ୍ରମାଣିତ କରିବାକୁ ପଚାରିଲେ "ମୋ ପ୍ରତିବାସୀ କିଏ?"



ଯୀଶୁ ବ୍ୟବସ୍ଥା ଶାସ୍ତ୍ରଜ୍ଞଙ୍କୁ ଏକ କାହାଣୀ କହି ଏହାର ଉତ୍ତର ଦଲେ "ଜଣେ ଯିହୂଦୀ ଯିରୁଶାଲମରୁ ଯିରୀହୋକୁ ଯାତ୍ରା କରୁଥିଲେ



ଲୋକଟି ଯେତେବେଳେ ଯାତ୍ରା କରୁଥିଲେ, ସେତେବେଳେ ସେ ଦଳେ ଡକାୟତଙ୍କ ଦ୍ବାରା ଆକ୍ରମଣର ଶିକାର ହେଲେ ତାଙ୍କ ନିକଟରେ ଥିବା ସମସ୍ତ ବିଷୟକୁ ସେମାନେ ନେଇଗଲେ ଏବଂ ତାଙ୍କୁ ମରଣପ୍ରାୟ ମାଡ ମାରିଲେ ତା'ପରେ ସେମାନେ ଚାଲିଗଲେ ”



“ଅତି କମ୍‌ସମୟ ମଧ୍ୟରେ ଜଣେ ଯିହୂଦୀ ଯାଜକ ସେହି ରାସ୍ତା ଦେଇ ଯାଉଥିଲେ ଯେତେବେଳେ ସେହି ଧର୍ମଗୁରୁ ମାଡ ମରାହୋଇ ପଡିଥିବା ଲୋକଙ୍କୁ ଦେଖିଲେ ସେ ସେତେବେଳେ ରାସ୍ତାର ଆର ପାଖ ଦେଇ ଚାଲିଗଲେ, ଯିଏ ସାହାଯ୍ୟ ଚାହୁଁଥିବା ସେହି ଲୋକଙ୍କୁ ଉପେକ୍ଷା କଲେ, ଏବଂ ସେପେରି ଚାଲିଗଲେ ”



“ତାହାପରେ, ଜଣେ ସେହି ରାସ୍ତା ଦେଇ ଜଣେ ଲେବୀୟ ଆସିଲେ (ଲେବୀୟମାନେ ହେଉଛନ୍ତି ଏକ ଯିହୂଦୀ ଜାତି ଯିଏ ଯାଜକମାନଙ୍କୁ ମନ୍ଦିରରେ ସାହାଯ୍ୟ କରୁଥିଲେ ) ଲେବୀୟ ମଧ୍ୟ ସେହି ରାସ୍ତାର ଆର ପାଖ ଦେଇ ଚାଲିଯାଇ ସେହି ଦରମରା ଅବସ୍ଥାରେ ପଡିଥିବା ଲୋକଙ୍କୁ ଉପେକ୍ଷା କଲେ ”



“ପରବର୍ତ୍ତୀ ସମୟରେ ଯେଉଁ ବ୍ୟକ୍ତି ସେହି ରାସ୍ତା ଦେଇ ଗଲେ ସେ ଜଣେ ଶମିରୋଣୀୟ ଲୋକ ଥିଲେ (ଶମରୀୟମାନେ ହେଉଛନ୍ତି ଯିହୂଦୀମାନଙ୍କର ବଂଶଧର ଯେଉଁମାନେ ଅନ୍ୟ ଦେଶରୁ ବିବାହ କରୁଥିଲେ ଶମିରୋଣୀୟମାନେ ଓ ଯିହୂଦୀମାନେ ପରସ୍ପରକୁ ଘୃଣା କରୁଥିଲେ ) କିନ୍ତୁ ଶମିରୋଣୀୟ ଲୋକ ଯେତେବେଳେ ସେହି ଯିହୂଦୀ ବ୍ୟକ୍ତିଙ୍କୁ ଦେଖିଲେ, ସେ ତାଙ୍କ ପ୍ରତି ଦୟାରେ ବିଗଳିତ ହେଲେ ତେଣୁ ତାଙ୍କର ଯତ୍ନ ନେଲେ ଏବଂ ତାଙ୍କର କ୍ଷତସବୁ ବାନ୍ଧି ପକାଇଲେ ”



“ତା’ପରେ ସେହି ଶମିରୋଣୀୟ ସେହି ବ୍ୟକ୍ତିଙ୍କୁ ନିଜ ଗଧ ଉପରେ ବସାଇଲେ ଏବଂ ତାଙ୍କୁ ରାସ୍ତା ନିକଟସ୍ଥ ପାନ୍ଥଶାଳାକୁ ନେଇଗଲେ ଯେଉଁଠି ସେ ତାଙ୍କର ଯତ୍ନ ନେଲେ ”



“ପରଦିନ, ସେହି ଶମିରୋଣୀୟ ବ୍ୟକ୍ତି ତାଙ୍କ ଯାତ୍ରା ଜାରିରଖିଲେ  ସେ ପାନ୍ଥଶାଳାର ଦାୟିତ୍ବରେ ଥିବା ବ୍ୟକ୍ତିଙ୍କୁ କିଛି ଅର୍ଥ ଦେଇ କହିଲେ “ତାହାଙ୍କର ଯତ୍ନ ନିଅ ଏବଂ ତୁମେ ଯଦି ଏହାଠାରୁ ଅଧିକ ଖର୍ଚ୍ଚ କରିବ, ତେବେ ମୁଁ ବାହୁଡିବା ସମୟରେ ତାହା ପରିଶୋଧ କରିଦେବି ”



ତା'ପରେ ଯୀଶୁ ସହେି ବ୍ୟବସ୍ଥା ଶାସ୍ତ୍ରଜ୍ଞଙ୍କୁ ପଚାରିଲେ "ତୁମ୍ଭେ କ'ଣ ଭାବୁଅଛ? ଏହି ତିନିଜଣଙ୍କ ମଧ୍ୟରୁ କିଏ ଡକାୟତମାନଙ୍କ ହାବୁଡରେ ପଡିଥିବା ଲୋକଟିର ପ୍ରତିବାସୀ ବୋଲି ଭାବୁଅଛ?" ସେ ଉତ୍ତର ଦଲେେ "ଯିଏ ତାଙ୍କ ପ୍ରତି ଦୟା ଦଖୋଇଥିଲେ, ସିଏ " ଯୀଶୁ ତାଙ୍କୁ କହିଲେ "ତୁମ୍ଭେ ମଧ୍ୟ ଯାଇ ତାହା କର "

ଲୂକ *10:25–37*

# 28. ଯୁବ ଧନୀ ଶାସକ



ଦିନେ, ଜଣେ ଯୁବ ଶାସକ ଯୀଶୁଙ୍କ ନିକଟକୁ ଆସି ପଚାରିଲେ "ସତ୍‌ଗୁରୁ, ଅନନ୍ତ ଜୀବନ ପାଇବା ନିମନ୍ତେ ମୁଁ କ'ଣ କରିବି?" ଯୀଶୁ ତାହାଙ୍କୁ କହିଲେ "ମୋତେ କାହିଁକି ସତ୍‌ବୋଲି କହୁଅଛ?" ଜଣେ ମାତ୍ର ସତ୍‌ଅଟନ୍ତି ଓ ସେ ହେଉଛନ୍ତି ଈଶ୍ବର  କିନ୍ତୁ ତୁମ୍ଭେ ଯଦି ଅନନ୍ତ ଜୀବନ ପାଇବାକୁ ଚାହଁ ତବେ ଈଶ୍ବରଙ୍କ ବ୍ୟବସ୍ଥାଗୁଡିକ ପାଳନ କର "



ସେ ପଚାରିଲେ "କେଉଁ କେଉଁ ଆଜ୍ଞାଗୁଡିକ ମୁଁ ପାଳନ କରିବାକୁ ହେବେ?" ଯୀଶୁ ଉତ୍ତର ଦେଲେ "ନରହତ୍ୟା କରନାହିଁ  ବ୍ୟଭିଚାର କରନାହିଁ  ଚୋରି କରନାହିଁ  ମିଥ୍ୟା କୁହନାହିଁ  ତୁମ୍ଭ ପିତା ଓ ମାତାଙ୍କୁ ସମ୍ମାନ କର, ଏବଂ ତୁମ୍ଭ ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର "



କିନ୍ତୁ ସହେି ଯୁବକ ତାହାଙ୍କୁ କହିଲେ "ମୁଁ ଏହି ସମସ୍ତ ବାଲ୍ୟକାଳରୁ ପାଳନ କରିଆସିଅଛି ଅନନ୍ତ ଜୀବନ ପାଇବା ନିମନ୍ତେ ମୋତେ ଆଉ କ'ଣ କରିବାକୁ ହବେ?" ଯୀଶୁ ତାଙ୍କ ପ୍ରତି ଦୃଷ୍ଟି କରି ତାଙ୍କୁ ପ୍ରମେ କଲେ



ଯୀଶୁ ଉତ୍ତର ଦଲେେ "ଯଦି ତୁମ୍ଭେ ସିଦ୍ଧ ହବୋକୁ ଚାହଁ, ତବେେ ତୁମ୍ଭର ସମସ୍ତ ବିକ୍ରୟ କରି ଦରିଦ୍ରମାନଙ୍କୁ ଦାନ କର, ଏବଂ ତୁମ୍ଭେ ସ୍ବର୍ଗରେ ଧନ ପାଇବ  ତା'ପରେ ଆସି ମୋର ଅନୁଗମନ କର "



ଯୀଶୁ କହିଥିବା ବିଷୟକୁ ଯୁବକ ଯେତେବେଳେ ଶୁଣିଲେ ସେତେବେଳେ ସେ ଅତ୍ୟନ୍ତ ଦୁଃଖିତ ହେଲେ, କାରଣ ସେ ଅତି ଧନୀ ବ୍ୟକ୍ତି ଥିଲେ ଏବଂ ତାଙ୍କ ନିକଟରେ ଥିବା ସମସ୍ତ ପରିତ୍ୟାଗ କରିବାକୁ ଚାହିଁଲେ ନାହିଁ  ସେ ମୁଖ ଫେରାଇ ଯୀଶୁଙ୍କ ନିକଟରୁ ଚାଲିଗଲା



ତା'ପରେ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଲେ "ଧନୀ ଲୋକର ଈଶ୍ବରଙ୍କ ରାଜ୍ୟରେ ପ୍ରବେଶ କରିବା କଷ୍ଟକର ଅଟେ! ହଁ, ଧନୀ ଲୋକର ସ୍ବର୍ଗରେ ପ୍ରବେଶ କରିବା ଅପେକ୍ଷା ସୂଚୀ (ଛୁଞ୍ଚି)ର ଛିଦ୍ର (କଣା) ଦେଇ ଓଟର ପ୍ରବେଶ କରିବା ସହଜ "



ଯୀଶୁ କହିଥିବା ବିଷୟକୁ ଯେତେବେଳେ ଶିଷ୍ୟମାନେ ଶୁଣିଲେ ସମୋନେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ “ତବେ କିଏ ଉଦ୍ଧାର (ପରିତ୍ରାଣ) ପାଇପାରିବ?”



ଯୀଶୁ ଶିଷ୍ୟମାନଙ୍କ ପ୍ରତି ଚାହିଁ କହିଲେ “ମନୁଷ୍ୟ ଦୃଷ୍ଟିରେ ଏହା ଅସମ୍ଭବ, କିନ୍ତୁ ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତ ବିଷୟ ସମ୍ଭବ ଅଟେ ”



ପିତର ଯୀଶୁଙ୍କୁ କହିଲେ "ଆମେ ସମସ୍ତ ବିଷୟ ପରିତ୍ୟାଗ କରି ତୁମ୍ଭର ଅନୁଗମନ କରିଅଛୁ ଆମେ କ'ଣ ପାଇବା?"



ଯୀଶୁ ଉତ୍ତର ଦେଲେ "ଯେକୌଣସି ଲୋକ ମୋ ନିମନ୍ତେ ଗୃହ, ଭ୍ରାତା, ଭଗ୍ନୀ, ପିତା, ମାତା, ସନ୍ତାନସନ୍ତତି ଓ ସମ୍ପତ୍ତି ପରିତ୍ୟାଗ କରେ ଓ ତାହାର 100 ଗୁଣ ଏହି ଜଗତରେ ଏବଂ ଅନନ୍ତ ଜୀବନ ପାଇବ  କିନ୍ତୁ ପ୍ରଥମରେ ଥିବା ଅନେକେ ଶେଷରେ ରହିବେ, ଏବଂ ଶେଷରେ ଥିବା ଅନେକେ ପ୍ରଥମ ହେବେ "

ମାଥିଉ *19:16–30;* ମାର୍କ *10:17–31;* ଲୂକ *18:18–30*

# 29. ଦୟାହୀନ ଦାସର କାହାଣୀ



ଦିନେ ପିତର ଯୀଶୁଙ୍କୁ ପଚାରିଲେ "ଗୁରୁ, ମୋ ଭାଇ ମୋ ବିରୁଦ୍ଧରେ ପାପ କଲେ ମୁଁ କେତେ ଥର ତାହାଙ୍କୁ କ୍ଷମା ଦେବି? କ'ଣ ସାତଥର ପର୍ଯ୍ୟନ୍ତ?" ଯୀଶୁ କହିଲେ "ସାତଥର ନୁହେଁ, କିନ୍ତୁ ସାତଥର ସତ୍ତୁରି ଗୁଣ ପର୍ଯ୍ୟନ୍ତ !" ଏହା ଦ୍ବାରା ଯୀଶୁ କହିବାକୁ ଚାହୁଁଥିଲେ ଯେ ଆମେ ସର୍ବଦା କ୍ଷମା କରିବା ଉଚିତ୍ ତା'ପରେ ଯୀଶୁ ଏହି କାହାଣୀ କହିଲେ



ଯୀଶୁ କହିଲେ "ଈଶ୍ବରଙ୍କ ରାଜ୍ୟ ଏହିପରି ଜଣେ ରାଜାଙ୍କ ପରି ଯିଏ ତାଙ୍କ ଦାସମାନଙ୍କ ବସି ହିସାବ କରିବାକୁ ଚାହିଁଲେ ତାଙ୍କ ଦାସମାନଙ୍କ ମଧ୍ୟରୁ ଜଣେ 2,00,000 ବର୍ଷ ମୂଲ୍ୟର ପ୍ରଚୁର ପାଉଣା ବାକି ଥିଲେ "



ଯେହେତୁ ସେହି ଦାସ ପାଉଣା ପରିଶୋଧ କରିପାରିଲେ ନାହିଁ, ତେଣୁ ରାଜା କହିଲେ "ଏହି ଲୋକ ଓ ଏହାର ପରିବାରକୁ ଦାସ ଭାବରେ ବିକ୍ରୟ କରି ପାଉଣା ଶୁଝିବାକୁ ଦିଅ "



"ସେହି ଦାସ ରାଜାଙ୍କ ଗୋଡ ତଳେ ପଡିଯାଇ କହିଲା 'ଦୟାକରି ମୋ ବିଷୟରେ ଧୈର୍ଯ୍ୟ ଧରନ୍ତୁ, ଏବଂ ମୁଁ ଆପଣଙ୍କଠାରେ ରଣୀ ଥିବା ସମସ୍ତ ରଣ ପରିଶୋଧ କରିଦେବି " ରାଜା ସେହି ଦାସ ପ୍ରତି ଦୟା ବିଚାରିଲେ, ତେଣୁ ସେ ତାହାର ସମସ୍ତ ରଣକୁ ଛାଡ କରିଦେଲେ। "



କିନ୍ତୁ ସହେି ଦାସ ଯତେବେଳେ ରାଜାଙ୍କ ନିକଟରୁ ଗଲା, ସତେବେଳେ ସେ ଆଉ ଜଣେ ସହଦାସର ଦଖୋ ପାଇଲେ ଯିଏକି ତାକୁ 4 ମାସର କରଜ ଶୁଝିବାକୁ ଥିଲା  ସହେି ଦାସ ତାହାର ସହେି ସହଦାସର ଗଳା ଧରି କହିଲା "ମତୋ ଠାରୁ ଋଣ କରିଥିବା କରଜ ଶୁଝିଦେ !"



"ସହଦାସ ସହେି ଦାସର ପାଦରେ ପଡି କହିଲା 'ଦୟାକରି ମତୋ ପ୍ରତି ଅପକେ୍ଷା କରନ୍ତୁ, ଏବଂ ମୁଁ ଆପଣଙ୍କୁ ବାକିଥିବା ସମସ୍ତ ଫରୋଇଦବେି " କିନ୍ତୁ ତାହା କରିବା ପରିବର୍ତ୍ତେ ସେ ଋଣ ପରିଶୋଧ କରିବା ପର୍ଯ୍ୟନ୍ତ ସହେି ସହଦାସ ଋଣ ନ ଶୁଝିବା ପର୍ଯ୍ୟନ୍ତ ତାଙ୍କୁ କାରାଗାରରେ ରଖିଲେ



“ଯେଉଁ ଦାସମାନେ ଏହି ଘଟନା ଦେଖିଥିଲେ, ସେମାନେ ଅତି ମର୍ମାହତ ହେଲେ ସେମାନେ ରାଜାଙ୍କ ନିକଟକୁ ଗଲେ ଏବଂ ସମସ୍ତ କଥା ଜଣାଇ ଦେଲେ



“ରାଜା ସେହି ଦାସକୁ ଡାକି କହିଲେ, ‘ଦୁଷ୍ଟ ଦାସ!” ତୁମେ ମୋର କ୍ଷମାଭିକ୍ଷା କରିବାରୁ ମୁଁ ତୁମର ସମସ୍ତ ଋଣ ଛାଡ କରିଦେଲି! ତୁମେ ମଧ୍ୟ ଠିକ୍ସେପରି ଭାବରେ ହିଁ କରିବା ଉଚିତ ‘ ରାଜା ଏତେ କ୍ରୋଧୀ ହୋଇଯାଇଥିଲେ ଯେ ସେହି ଦାସ ସମସ୍ତ ଋଣ ପରିଶୋଧ କରିବା ପର୍ଯ୍ୟନ୍ତ କାରାଗାର ମଧ୍ୟକୁ ପଠାଇଦେଲେ



ତା'ପରେ ଯୀଶୁ କହିଲେ “ଯେଉଁମାନେ ଆପଣା ଆପଣା ହୃଦୟ ସହ ଅନ୍ୟମାନଙ୍କୁ କ୍ଷମା ଦିଅନ୍ତି ନାହିଁ ମୋ ସ୍ବର୍ଗସ୍ଥ ପିତା ମଧ୍ୟ ସମୋନଙ୍କ ପ୍ରତି ସେପେରି କରିବେ “

ମାଥିଉ *18:21–35*

# 30. ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆନ୍ତି



ଅନେକ ଭିନ୍ନ ଭିନ୍ନ ଗ୍ରାମରେ ପ୍ରଚାର କରିବାକୁ ଓ ଶିକ୍ଷା ଦେବାକୁ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ପ୍ରେରଣ କଲେ  ଯୀଶୁ ଯେଉଁଠାରେ ଥିଲେ ସେଠାକୁ ସେମାନେ ଯେତେବେଳେ ଫେରିଲେ, କ'ଣ କ'ଣ ଘଟିଥିଲା ତାହା ସେମାନେ ତାହାଙ୍କୁ କହିଥିଲେ  ତା'ପରେ ଯୀଶୁ ହ୍ରଦର ଆରପାରିରେ ଥିବା କୌଣସି ଏକ ନିର୍ଜନ ସ୍ଥାନକୁ ଯିବା ନିମନ୍ତେ ସେମାନଙ୍କୁ ଆହ୍ୱାନ କଲେ ତେଣୁ, ସେମାନେ ଏକ ନୌକାରେ ବସିଲେ ଏବଂ ହ୍ରଦର ଆରପାରିକି ଗଲେ



କିନ୍ତୁ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯେ ଏକ ନୌକାରେ ସେହି ସ୍ଥାନ ପରିତ୍ୟାଗ କଲେ ତାହା ସେଠାରେ ଥିବା ଅନେକେ ଦେଖିଥିଲେ  ଏହି ଲୋକମାନେ ସେମାନଙ୍କ ନିକଟକୁ ଯିବା ନିମନ୍ତେ ସେମାନଙ୍କ ପୂର୍ବରୁ ହ୍ରଦର କୂଳେ କୂଳେ ଧାଇଁ ଗଲେ  ତେଣୁ ଯୀଶୁ ଓ ତାଙ୍କ ଶିଷ୍ୟମାନେ ଯେତେବେଳେ ପହଞ୍ଚିଲେ, ଅନେକ ଲୋକ ହ୍ରଦର ଆରପାରିରେ ସେମାନଙ୍କର ଅପେକ୍ଷାରେ ରହିଥିଲେ



ସେମାନେ ପ୍ରାୟ 5000 ପୁରୁଷ ଥିଲେ, ଯେଉଁଠି ସ୍ତ୍ରୀ ଓ ପିଲାମାନଙ୍କୁ ଗଣନା କରାଯାଇନଥିଲା ଯୀଶୁ ଏହି ଲୋକମାନଙ୍କ ପ୍ରତି ଦୟାରେ ବିଗଳିତ ହୋଇଯାଇଥିଲେ ଯୀଶୁଙ୍କ ପାଇଁ ଏହି ଲୋକମାନେ ମେଷପାଳକ ବିହୀନ ମେଷଗୁଡିକ ଥିଲେ ତେଣୁ ସେ ସେମାନଙ୍କୁ ଶିକ୍ଷା ଦେଲେ ଓ ସେମାନଙ୍କ ମଧ୍ୟରୁ ଯେଉଁମାନେ ପୀଡିତ ଥିଲେ ସେମାନଙ୍କୁ ସୁସ୍ଥ କଲେ



ଦିନର ଶେଷ ଭାଗରେ, ଶିଷ୍ୟମାନେ ଯୀଶୁଙ୍କୁ କହିଲେ "ସମୟ ଅତି ଅଧିକ ହୋଇଗଲାଣି ଓ ନିକଟରେ କୌଣସି ସହର ନାହିଁ ସେହି ଲୋକମାନଙ୍କୁ ପଠାଇଦିଅ ଯେପରିକି ସେମାନେ ସେମାନଙ୍କ ନିମନ୍ତେ କିଛି କିଛି ଭୋଜନ କରିବା ନିମନ୍ତେ କିଣି ଆଣିପାରିବେ "



କିନ୍ତୁ ଯୀଶୁ ଶିଷ୍ୟମାନଙ୍କୁ କହିଲେ “ତୁମେ ସେମାନଙ୍କୁ ଭୋଜନ କରିବାକୁ ଦିଅ !” ସେମାନେ ଉତ୍ତର ଦେଲେ “ଆମେ ତାହା କିପରି କରିପାରିବୁ? ଆମ ନିକଟରେ କେବଳ ପାଞ୍ଚଟି ରୋଟି ଓ ଦୁଇଗୋଟି ମାଛ ଅଛି ”



ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଲୋକମାନଙ୍କୁ ଘାସ ଉପରେ ପଚାଶ ପଚାଶ କରି ଧାଡିରେ ବସିବାକୁ କହିଲେ



ତା'ପରେ ଯୀଶୁ ସେହି ପାଞ୍ଚଗୋଟି ରୋଟି ଓ ଦୁଇଗୋଟି ମାଛକୁ ଆଣି ସ୍ଵର୍ଗ ଆଡେ ଉର୍ଦ୍ଧ୍ଵଦୃଷ୍ଟି କଲେ, ଏବଂ ସେହି ଖାଦ୍ୟ ପାଇଁ ଈଶ୍ଵରଙ୍କ ନିକଟରେ ଧନ୍ୟବାଦ ଦେଲେ



ତା'ପରେ ଯୀଶୁ ରୋଟି ଓ ସେହି ମାଛଗୁଡିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଲେ ସେ ସେହି ଖଣ୍ଡଗୁଡିକୁ ଲୋକମାନଙ୍କୁ ଦେବା ପାଇଁ ତାହାଙ୍କ ଶିଷ୍ୟମାନଙ୍କୁ ଦେବା ପାଇଁ କହିଲେ  ଶିଷ୍ୟମାନେ ସେହି ଖାଦ୍ୟକୁ ବାଢିଦେବାକୁ ଲାଗିଲେ, ଏବଂ ଏହା ଆଉ ଶେଷ ହେଲା ନାହିଁ  ସମସ୍ତ ଲୋକ ଭୋଜନ କରି ପରିତୃପ୍ତ ହେଲେ



ତାହା ପରେ, ଶିଷ୍ୟମାନେ ଲୋକମାନଙ୍କ ଖାଦ୍ୟରୁ ବଳିଥିବା ଖଣ୍ଡକୁ ଗୋଟାଇଲେ ଏବଂ ପୂର୍ଣ୍ଣ ବାର ଟୋକାଇ ଗୋଟାଇଲେ  ସମସ୍ତ ଖାଦ୍ୟ କେବଳ ପାଞ୍ଚଟି ରୋଟି ଓ ଦୁଇଗୋଟି ମାଛରୁ ଆସିଥିଲା।

*14:13-21;* ମାର୍କ *6:31-44;* ଲୂକ *9:10-17;* ଯୋହନ *6:5-15*

# 31. ଯୀଶୁ ଜଳ ଉପରେ ଚାଲନ୍ତି



ତା'ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ନୌକାରେ ଚଢି ହ୍ରଦର ଆର ପାଖକୁ ଯିବା ପାଇଁ କହିଲେ ଯେତେବେଳେ କି ଜନତାକୁ ଛାଡିଗଲେ ଯୀଶୁ ଜନତାକୁ ପଠାଇଦଲୋ ପରେ, ସେ ପ୍ରାର୍ଥନା କରିବା ନିମନ୍ତେ ଏକ ପର୍ବତ ପାର୍ଶ୍ବକୁ ଗଲେ ଯୀଶୁ ସେଠାରେ ଏକାକୀ ଥିଲେ, ଏବଂ ସେ ରାତି ପାହିବା ପର୍ଯ୍ୟନ୍ତ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ



ଇତିମଧ୍ୟରେ, ଶିଷ୍ୟମାନେ ସେମାନଙ୍କର ନୌକା ବାହୁଥିଲେ, କିନ୍ତୁ ଗଭୀର ରାତ୍ରିରେ ସେମାନେ ହ୍ରଦର ମଧ୍ୟ ଭାଗରେ ପହଞ୍ଚିସାରିଥିଲେ ସେମାନେ କଷ୍ଟରେ ନୌକା ଚାଳନ କରୁଥିଲେ କାରଣ ପବନ ପ୍ରତିକୂଳ ଦିଗରେ ବୋହୁଥିଲା



ତା'ପରେ ଯୀଶୁ ପ୍ରାର୍ଥନା କରିବାର ସମାପ୍ତ କରି ଶିଷ୍ୟମାନଙ୍କ ନିକଟକୁ ଗଲେ  ସେ ହ୍ରଦର ଜଳ ଉପରେ ସମୋନଙ୍କ ନୌକା ଆଡକୁ ଚାଲିଚାଲି ଆସିଲେ !



ସମୋନେ ଯେତେବେଳେ ଯୀଶୁଙ୍କୁ ଦେଖିଲେ ସେତେବେଳେ ଶିଷ୍ୟମାନେ ଭୟଭୀତ ହୋଇଯାଇଥିଲେ, କାରଣ ସମୋନେ ଭୂତ ଦେଖୁଅଛନ୍ତି ବୋଲି ଭାବିଲେ  ଯୀଶୁ କହିଲେ ଯେ ସମୋନେ ଭୟଭୀତ ହୋଇଥିଲେ, ତେଣୁ ସେ ସମୋନଙ୍କୁ ଡାକି କହିଲେ "ଭୟ କରନାହିଁ  ମୁଁ ସେହି ଅଟେ!"



ତା'ପରେ ପିତର ଯୀଶୁଙ୍କୁ କହିଲେ, "ଗୁରୁ, ଯଦି ତାହା ଆପଣ, ତବେ ଜଳ ଉପରେ ଚାଲି ଆସିବା ପାଇଁ ମୋତେ ଆଜ୍ଞା ଦିଅନ୍ତୁ " ଯୀଶୁ ପିତରଙ୍କୁ କହିଲେ "ଆସ!"



ତଣ୍ଣେ ପିତର ନୌକାରୁ ବାହାରି ଯୀଶୁଙ୍କ ନିକଟକୁ ଜଳ ଉପରେ ଚାଲିବା ଆରମ୍ଭ କଲେ . କିନ୍ତୁ କିଛି ଦୂର ଚାଲିବା ପରେ, ସେ ଯୀଶୁଙ୍କ ନିକଟରୁ ନିଜ ଆଖି ଫେରାଇ ନଲେ ଓ ତରଙ୍ଗଗୁଡ଼ିକ ଉପରେ ଦେଖିବାକୁ ଲାଗିଲେ ଏବଂ ସେ ପ୍ରଚଣ୍ଡ ପବନ ବୋହିବାର ଅନୁଭବ କଲେ



ତଣ୍ଣେ ପିତର ଭୟଭୀତ ହଲେ ଏବଂ ସମୁଦ୍ରରେ ବୁଡିବାକୁ ଲାଗିଲେ ସେ ଚିତ୍କାର କରି କହିଉଠିଲେ "ଗୁରୁ,ମୋତେ ଉଦ୍ଧାର କର!" ଯୀଶୁ ଧାଇଁଯାଇ ତାଙ୍କୁ ଧରିପକାଇଲେ  ତା'ପରେ ସେ ପିତରଙ୍କୁ କହିଲେ "ହେ ଅଳ୍ପବିଶ୍ୱାସୀ, ତୁମ୍ଭେ କାହିଁକି ସନ୍ଦହେ କଲ?"



ଯେତେବେଳେ ପିତର ଓ ଯୀଶୁ ନୌକା ମଧ୍ୟକୁ ଗଲେ, ସେତେବେଳେ ପବନ ସାଙ୍ଗେ ସାଙ୍ଗେ ବହିବା ବନ୍ଦ ହେଲା ଏବଂ ସବୁ ଧୀରସ୍ଥିର ହେଲା  ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ସମାେନେ ଯୀଶୁଙ୍କର ଉପାସନା କରି ତାଙ୍କୁ କହିଲେ "ସତ୍ୟ, ତୁମ୍ଭେ ଈଶ୍ୱରଙ୍କ ପୁତ୍ର "

*14:22-33;* ମାର୍କ *6:45-52;* ଯୋହନ *6:16-21*

# 32. ଯୀଶୁ ଜଣେ ଭୂତଗ୍ରସ୍ତ ଲୋକ ଓ ଜଣେ ଅସୁସ୍ଥ ସ୍ତ୍ରୀ ଲୋକଙ୍କୁ ସୁସ୍ଥ କରନ୍ତି



ଦିନେ, ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଏକ ନୌକାରେ ଚଢି ଗରାଶୀୟ ଲୋକମାନେ ବାସ କରୁଥିବା ହ୍ରଦର ଆରପାଖକୁ ଗଲେ



ଯେତେବେଳେ ସେମାନେ ହ୍ରଦର ଆର ପାଖକୁ ଗଲେ, ଜଣେ ଭୂତ-ଗ୍ରସ୍ତ ଲୋକ ଯୀଶୁଙ୍କ ନିକଟକୁ ଧାଇଁ ଆସିଲା



ଏହି ଲୋକ ଏତେ ବଳିଷ୍ଠ ଥିଲା ଯେ କୌଣସି ଲୋକ ତାହାକୁ ନିୟନ୍ତ୍ରଣ କରିପାରୁନଥିଲେ  ଲୋକମାନେ ଏପରିକି ତାହାର ବାହୁଗୁଡିକ ଓ ଗୋଡସବୁ ଶିକୁଳିରେ ବାନ୍ଧିଥିଲେ, କିନ୍ତୁ ସେ ସେଗୁଡିକୁ ଛିଣ୍ଡାଇ ପକାଇଥିଲା



ସେହି ଲୋକଟି ସେହି ଅଞ୍ଚଳରେ ଥିବା ସମାଧି ସ୍ଥାନ ମଧ୍ୟରେ ବାସ କରୁଥିଲା  ଏହି ଲୋକ ସମସ୍ତ ଦିନ ଓ ସମସ୍ତ ରାତ୍ରି ଚିତ୍କାର କରୁଥିଲା  ସେ ବସ୍ତ୍ର ପିନ୍ଧୁନଥିଲା ଏବଂ ବାରମ୍ବାର ନିଜକୁ ପଥରରେ କାଟିପକାଉଥିଲା



ଯେତେବେଳେ ସେ ଯୀଶୁଙ୍କ ନିକଟକୁ ଆସିଲା, ସେ ତାଙ୍କ ସମ୍ମୁଖରେ ଆଣ୍ଠୋଇପଡିଲା  ଯୀଶୁ ସେହି ଭୂତକୁ କହିଲେ "ଏହି ଲୋକଠାରୁ ବାହାରି ଆସ!"



ଭୂତଗ୍ରସ୍ତ ବ୍ୟକ୍ତିଟି ଅତି ଉଚ୍ଚ ସ୍ବରରେ କହିଲା "ହେ ସର୍ବୋପରିସ୍ଥ ଇଶ୍ବରଙ୍କ ପୁତ୍ର ଯୀଶୁ ତୁମ୍ଭ ସଙ୍ଗରେ ମୋର କ'ଣ ଅଛି? ଦୟାକରି ମୋତେ ନିର୍ଯାତନା କରନାହିଁ!" ତା'ପରେ ଯୀଶୁ ସେହି ଭୂତକୁ ପଚାରିଏ "ତୋ'ର ନାମ କ'ଣ?" ସେ ଉତ୍ତର ଦେଲା "ମୋ ନାମ ବାହିନୀ, କାରଣ ଆମେ ଅନେକ " (ରୋମୀୟ ସୈନ୍ୟ ବାହିନୀରେ ଥିବା ଅନେକ ହଜାରର ଏକ ଦଳ )



ଭୂତମାନେ ଯୀଶୁଙ୍କୁ ଅନୁରୋଧ ବା ବିନତୀ କରି କହିଲେ “ଦୟାକରି ଆମ୍ଭମାନଙ୍କୁ ଏହି ଅଞ୍ଚଳରୁ ଅନ୍ୟତ୍ର ପଠାନ୍ତୁ ନାହିଁ !” ନିକଟସ୍ଥ ଏକ ପର୍ବତରେ ପଲେ ଘୁଷୁରୀ ଚରୁଥିଲେ  ତେଣୁ, ସେହି ଭୂତମାନେ ଯୀଶୁଙ୍କୁ ବିନତୀ କରି କହିଲେ “ତା’ ବଦଳରେ ଆମ୍ଭମାନଙ୍କୁ ସେହି ଘୁଷୁରୀମାନଙ୍କ ମଧ୍ୟରୁ ପଠାଇଦିଅନ୍ତୁ !” ଯୀଶୁ କହିଲେ “ଯାଅ!”



ଭୂତମାନେ ସେହି ଲୋକଠାରୁ ବାହାରି ଘୁଷୁରୀମାନଙ୍କ ମଧ୍ୟରେ ପ୍ରବେଶ କଲେ  ସେହି ଘୁଷୁରୀମାନେ ତୀଖସ୍ଥାନରୁ ଦୌଡି ଯାଇ ହ୍ରଦରେ ବୁଡି ମଲେ  ସେଠାରେ ପ୍ରାୟ 2000 ଘୁଷୁରୀ ଥିଲେ



ଯେଉଁ ଲୋକମାନେ ଘୁଷୁରୀମାନଙ୍କର ଯତ୍ନ ନେଉଥିଲେ ସେମାନେ କ'ଣ ଘଟିଲା ତାହା ଦେଖିଲେ, ସେମାନେ ସହରକୁ ଦୌଡି ପଳାଇଗଲେ ଏବଂ ଯୀଶୁ କ'ଣ କ'ଣ କରିଥିଲେ ତାହା ସେମାନେ ଯେତେ ଲୋକଙ୍କୁ ଦେଖାକଲେ ସେ ସମସ୍ତଙ୍କୁ ଜଣାଇଲେ  ସହରରୁ ଥିବା ଲୋକେ ଆସି ପୂର୍ବରୁ ଭୂତ ଲାଗିଥିବା ଲୋକଙ୍କ ପ୍ରତି କ'ଣ କ'ଣ ଘଟିଥିଲା ସେହିସବୁ ଦେଖିଲେ  ସେ ଶାନ୍ତ ମନରେ, ଲୁଗା ପିନ୍ଧି ଭଲ ମନରେ ସାଧାରଣ ଲୋକ ପରି ବସିଥିବାର ଦେଖିଲେ



ଲୋକମାନେ ଅତିଶୟ ଭୀତ ହୋଇଯାଇଥିଲେ ଏବଂ ସେମାନଙ୍କ ସୀମାରୁ ଯୀଶୁଙ୍କୁ ବାହାରିଯିବା ନିମନ୍ତେ କହିଲେ  ତେଣୁ ଯୀଶୁ ନୌକାରେ ଚଢି ବାହାରିଲେ  ଯେଉଁ ଲୋକକୁ ଭୂତ ଲାଗିଥିଲା ସେ ଯୀଶୁଙ୍କ ସହ ଯିବା ନିମନ୍ତେ ତାହାଙ୍କୁ ବିନତି କଲା



କିନ୍ତୁ ଯୀଶୁ ତାକୁ କହିଲେ "ନା, ମୁଁ ଚାହେଁ, ତୁମ୍ଭ ଗୃହକୁ ଯାଅ ଏବଂ ତୁମ୍ଭର ବନ୍ଧୁ ଓ ପରିଜନଙ୍କୁ ଈଶ୍ବର ତୁମ୍ଭପ୍ରତି ଯାହା ଯାହା କରିଅଛନ୍ତି ଓ ତୁମ୍ଭ ପ୍ରତି ଯେଉଁ ଯେଉଁ ଦୟା ଦେଖାଇଅଛନ୍ତି ସେହିସବୁ କୁହ "



ତେଣୁ ସେହି ଲୋକ ତା' ରାସ୍ତାରେ ବାହାରିଗଲା ଏବଂ ଯୀଶୁ ତାଙ୍କ ପ୍ରତି ଯାହା ଯାହା କରିଥିଲେ ସେହି ସମସ୍ତ ବିଷୟ ଜଣାଇଲା  ଯେଉଁମାନେ ତାହାର ଘଟନା ଶୁଣିଲେ ସେମାନେ ଆଶ୍ଚର୍ଯ୍ୟ ଓ ଚକିତ ହେଲେ



ଯୀଶୁ ହ୍ରଦର ଆରପାଖରୁ ଫେରିଲେ  ସେ ସେଠାରେ ପହଞ୍ଚିଲା ପରେ, ବୃହତ୍‌ଜନତା ଏକାଠି ହେଲେ ଏବଂ ତାଙ୍କ ଉପରେ ମାଡିପଡୁଥିଲେ ଲୋକ ଗହଳି ମଧ୍ୟରୁ ଜଣେ ବାରବର୍ଷ ପର୍ଯ୍ୟନ୍ତ ପ୍ରଦର ରୋଗଗ୍ରସ୍ତ ଜଣେ ସ୍ତ୍ରୀଲୋକ ଥିଲେ ସେ ଅନେକ ବୈଦ୍ୟ ପାଖକୁ ଯାଇଥିଲା କିନ୍ତୁ ତା' ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା



ସେ ଶୁଣିଥିଲେ ଯେ ଯୀଶୁ ଅନେକ ଅସୁସ୍ଥ ବ୍ୟକ୍ତିଙ୍କୁ ସୁସ୍ଥ କରିଥିଲେ ଏବଂ ସେ ଭାବିଲେ "ମୁଁ ନିଶ୍ଚିତ ଯେ ମୁଁ କେବଳ ଯଦି ଯୀଶୁଙ୍କ ଲୁଗା ଛୁଇଁ ଦିଏ, ତେବେ ମୁଁ ସୁସ୍ଥ ହେବି!" ତେଣୁ ସେ ଯୀଶୁଙ୍କ ପଛପଟ ଆସି ତାହାଙ୍କ ଲୁଗା ଛୁଇଁ ଦେଲା  ଯେତେବେଳେ ସେ ସେଗୁଡିକୁ ଛୁଇଁଦେଲେ ସେତେବେଳେ ତାହାର ରକ୍ତସ୍ରାବ ବନ୍ଦ ହୋଇଗଲା!



ସାଙ୍ଗେ ସାଙ୍ଗେ ଯୀଶୁ ଅନୁଭବ କଲେ ଯେ ତାଙ୍କଠାରୁ ଶକ୍ତି ଚାଲିଯାଇଛି  ତେଣୁ ସେ ବୁଲିପଡି ପଚାରିଲେ “କିଏ ମୋତେ ଛୁଇଁଲା” ଶିଷ୍ୟମାନେ ଉତ୍ତର ଦେଲେ “ଅନେକ ଲୋକ ଆପଣଙ୍କ ଚାରିପାଖରେ ଅଛନ୍ତି ଓ ଆପଣଙ୍କ ଉପରେ ମାଡିପଡୁଅଛନ୍ତି  “ମୋତେ କିଏ ଛୁଇଁଲା?” ବୋଲି କାହିଁକି ପଚାରୁଅଛ?



ସେହି ସ୍ତ୍ରୀ ଲୋକଟି ଯୀଶୁଙ୍କ ସମ୍ମୁଖରେ ଆଣ୍ଠୋଇପଡିଲା, ସେ ଥରୁଥିଲ ଓ ଅତି ଭୟଭୀତ ହୋଇଯାଇଥିଲା  ସେ କ’ଣ କ’ଣ କରିଥିଲା, ତାହାସବୁ ତାଙ୍କୁ କହିଲା ଓ ସେ ସୁସ୍ଥ ହେଲା  ଯୀଶୁ ତାକୁ କହିଲେ “ତୁମ୍ଭର ବିଶ୍ବାସ ତୁମ୍ଭକୁ ସୁସ୍ଥ କରିଅଛି  ଶାନ୍ତିରେ ଚାଲିଯା ”

ମାଥିଉ *8:28–34; 9:20–22;* ମାର୍କ *5:1–20; 5:24* ଖ*–34;* ଲୂକ *8:26–39; 8:42* ଖ*–48*

# 33. କୃଷକର କାହାଣୀ



ଦିନେ, ଯୀଶୁ ହ୍ରଦର କୂଳରେ ଏକ ବୃହତ୍‌ଜନତାକୁ ଶିକ୍ଷା ଦେଉଥିଲେ  ଅନେକ ଲୋକ ଯୀଶୁଙ୍କ ନିକଟକୁ ଆସିଲେ ଏବଂ ଲୋକମାନଙ୍କୁ ଯେପରି ଶିକ୍ଷା ଦେବା ପାଇଁ ପ୍ରଚୁର ସ୍ଥାନ ପାଇପାରିବେ ସେଥିପାଇଁ ସେ କୂଳରେ ଏକ ନୌକା ଉପରେ ବସିଲେ  ସେ ନୌକାରେ ବସି ଲୋକମାନଙ୍କୁ ଶିକ୍ଷା ଦେଲେ



ଯୀଶୁ ଏହି କାହାଣୀ କହିଲେ  "ଜଣେ କୃଷକ କିଛି ବିହନ ବୁଣିବାକୁ ବାହାରିଲେ  ସେ ଯେତେବେଳେ ହାତରେ ବିହନ ବୁଣିବାକୁ ଲାଗିଲେ, କିଛି ବିହନ ପଥ ମଧ୍ୟରେ ପଡିଲା, ଏବଂ ଚଢେଇମାନେ ଆସି ସେହି ବିହନଗୁଡିକ ଖାଇଦେଲେ "



“ଅନ୍ୟ ବିହନଗୁଡିକ ଅଳ୍ପ ମାଟି ଥିବା ପଥୁରିଆ ଭୂଇଁରେ ପଡିଲା  ପଥୁରିଆ ଭୂଇଁରେ ଥିବା ବିହନ ଅତିଶୀଘ୍ର ଗଜା ହଲୋ, କିନ୍ତୁ ସଗେୁଡିକର ଚରେ ଗଭୀର ମାଟି ଭିତରକୁ ଯାଇପାରିଲା ନାହିଁ ଯତେବେଳେ ସୂର୍ଯ୍ୟ ଆସିଲା ଓ ପ୍ରଚଣ୍ଡ ଖରା ହଲୋ, ଗଛ ଝାଉଁଳି ଶୁଖିଗଲା ”



“ତଥାପି ଅନ୍ୟ ବିହନ କଣ୍ଟାବୁଦାଗୁଡିକ ମଧ୍ୟରେ ପଡିଲା  ଏହି ସମସ୍ତ ବିହନ ବୃଦ୍ଧି ପାଇବାକୁ ଆରମ୍ଭ କଲା, କିନ୍ତୁ କଣ୍ଟାଗୁଡିକ ସଗେୁଡିକୁ ଚାପି ପକାଇଲା  ତଣେୁ କଣ୍ଟାଗଛଗୁଡିକ ମଧ୍ୟରେ ଥିବା ଗଛଗୁଡିକ କୌଣସି ଶଷ୍ୟ ଉତ୍ପନ୍ନ କଲାନାହିଁ ”



"ଅନ୍ୟ ବିହନଗୁଡିକ ଉତ୍ତମ ଭୂମିରେ ପଡିଲା  ଏହି ସମସ୍ତ ବିହନ 30, 60 ଓ ଏପରିକି 100 ଗୁଣ ପର୍ଯ୍ୟନ୍ତ ବୃଦ୍ଧିପାଇବାକୁ ଲାଗିଲା  ଯାହାର କାନ ଅଛି, ସେ ଶୁଣୁ!"



ଏହି କାହାଣୀ ବା ଦୃଷ୍ଟାନ୍ତ ଶିଷ୍ୟମାନଙ୍କୁ ଦ୍ଵନ୍ଦରେ ପକାଇଦେଲେ।  ତଣ୍ଣେ ଯୀଶୁ ବୁଝାଇ କହିଲେ "ବିହନ ହେଉଛି ଈଶ୍ଵରଙ୍କ ବାକ୍ୟ  ରାସ୍ତା ହେଉଛି ସହେି ବ୍ୟକ୍ତି ଯିଏ ଈଶ୍ଵରଙ୍କ ବାକ୍ୟ ଶୁଣେ, କିନ୍ତୁ ତାହା ବୁଝିପାରନୋହିଁ, ଏବଂ ଶୟତାନ ତାହାଠାରୁ ବାକ୍ୟ ହରଣ କରିନିଏ "



“ପଥୁରିଆ ଭୂଇଁ ହଉେଛି ସହେି ବ୍ୟକ୍ତି ଯିଏ ଈଶ୍ବରଙ୍କ ବାକ୍ୟ ଶୁଣେ ଓ ଆନନ୍ଦରେ ତାହା ଗ୍ରହଣ କରେ  କିନ୍ତୁ ଯତେବେଳେ ସେ କେଷ୍ଟ ଓ ତାଡନା ଅନୁଭବ କରେ, ସେ ପତିତ ହାେଇଯାଏ ”



“ପଥୁରିଆ ଭୂଇଁ ହଉେଛି ସହେି ବ୍ୟକ୍ତି ଯିଏ ଈଶ୍ବରଙ୍କ ବାକ୍ୟ ଶୁଣେ, କିନ୍ତୁ ଯତେବେଳେ ସମୟ ଆସେ, ନିଜର ଯତ୍ନ ନବୋ ବିଷୟ, ଧନ ଏବଂ ଜୀବନର ସୁଖ ସମୃଦ୍ଧି ଈଶ୍ବରଙ୍କ ପ୍ରତି ଥିବା ତାହାର ପ୍ରମେକୁ ଛଡାଇ ନିଏ ” ଫଳ ସ୍ବରୂପ, ସେ ଯେଉଁ ଶିକ୍ଷା ଶୁଣିଥାଏ ତାହା ଫଳ ଉତ୍ପନ୍ନ କରେନାହିଁ ”



“କିନ୍ତୁ ଉତ୍ତମ ମାଟି ହଉେଛି ସହେି ବ୍ୟକ୍ତି ଯିଏ ଇଶ୍ବରଙ୍କ ବାକ୍ୟ ଶୁଣେ, ବିଶ୍ବାସ କରେ, ଏବଂ ଫଳ ଉତ୍ପନ୍ନ କରେ ”

ମାଥିଉ *13:1−8,18−23;* ମାର୍କ *4:1−8,13−20;* ଲୂକ *8:4−15*

# 34. ଯୀଶୁ ଅନ୍ୟ କାହାଣୀ ବା ଦୃଷ୍ଟାନ୍ତ ଶିକ୍ଷା ଦିଅନ୍ତି



ଈଶ୍ବରଙ୍କ ରାଜ୍ୟ ବିଷୟରେ ଯୀଶୁ ଆହୁରି ଅନକେ କାହାଣୀ କହିଲେ  ଉଦାହରଣ ସ୍ବରୂପ, ସେ କହିଲେ “ସ୍ବର୍ଗରାଜ୍ୟ ହେଉଛି ଏକ ସୋରିଷ ବୀଜ ପରି ଯାହା କେହି ଜଣେ ତାହାର କ୍ଷେତରେ ରୋପଣ କଲା  ତୁମ୍ଭମାନେେ ଜାଣ ଯେ ସୋରିଷ ବୀଜ ସମସ୍ତ ବୀଜଠାରୁ କ୍ଷୁଦ୍ର ଅଟେ ”



“କିନ୍ତୁ ଯେତେବେଳେ ସୋରିଷ ବୀଜ ବୃଦ୍ଧି ପାଇଥାଏ, ଏହା ସମସ୍ତ ଉଦ୍ୟାନ ବୃକ୍ଷ ଅପେକ୍ଷା ଏତେ ଅଧିକ ଉଚ୍ଚ ହୋଇଥାଏ ପକ୍ଷିମାନେ ଆସି ତାହାର ଶାଖାରେ ବାସ କରନ୍ତି ”



ଯୀଶୁ ଆଉ ଏକ କାହାଣୀ କହିଲେ "ଈଶ୍ବରଙ୍କ ରାଜ୍ୟ ଏକ ଖମୀର ପରି ଯାହା ଜଣେ ସ୍ତ୍ରୀ ନେଇ ମଇଦାର ସର୍ବତ୍ର ବା ସବୁଆଡେ ବ୍ୟାପୀଯିବା ପର୍ଯ୍ୟନ୍ତ କିଛି ମଇଦାରେ ମିଶାଇଲା "



"ଈଶ୍ବରଙ୍କ ରାଜ୍ୟ ଆହୁରି ମଧ୍ୟ ଗୁପ୍ତଧନ ପରି ଯାହା ଜଣେ ନେଇ ଏକ କ୍ଷେତେରେ ଲୁଚାଇ ରଖିଲା " ଅନ୍ୟ ଜଣେ ବ୍ୟକ୍ତି ଏହି ଗୁପ୍ତଧନକୁ ପାଇଲା ଓ ପୁନର୍ବାର ପୋତି ପକାଇଲା ସେ ଆନନ୍ଦରେ ଏତେ ବିଭୋର ହୋଇଗଲା ଯେ ସେ ଯାଇ ସମସ୍ତ ବିଷୟ ବିକ୍ରୟ କଲା ଏବଂ ସେହି କ୍ଷେତେକୁ କ୍ରୟ କରିବା ପାଇଁ ସେହି ଅର୍ଥକୁ ବ୍ୟବହାର କଲା "



“ଈଶ୍ବରଙ୍କ ରାଜ୍ୟ ଏକ ବହୁମୂଲ୍ୟ ମଣି ସଦୃଶ  ଯେତେବେଳେ ଜଣେ ବଣିକ ଏହା ଦେଖିଲା, ସେ ଯାଇ ଆପଣାର ସର୍ବସ୍ବ ବିକ୍ରୟ କରି ଏହାକୁ କ୍ରୟ କରିବା ନିମନ୍ତେ ସେହି ଅର୍ଥକୁ ବ୍ୟବହାର କଲା ”



ତା'ପରେ ଯୀଶୁ ନିଜର ଉତ୍ତମ କାର୍ଯ୍ୟ ଉପରେ ବିଶ୍ବାସ ରଖି ଅନ୍ୟମାନଙ୍କୁ ହେୟଜ୍ଞାନ କରୁଥିବା ଲୋକମାନଙ୍କୁ ଏକ କାହାଣୀ କହିଲେ  ସେ କହିଲେ “ଦୁଇଜଣ ବ୍ୟକ୍ତି ପ୍ରାର୍ଥନା କରିବା ନିମନ୍ତେ ମନ୍ଦିରକୁ ଗଲେ  ସେମାନଙ୍କ ମଧ୍ୟରୁ ଜଣେ କରଗ୍ରାହୀ ଓ ଅନ୍ୟଜଣେ ଧାର୍ମିକ ଗୁରୁ ”



“ସେହି ଧାର୍ମିକ ଗୁରୁ ଏହି ପ୍ରକାର ପ୍ରାର୍ଥନା କରିବାକୁ ଲାଗିଲା “ହେ ଈଶ୍ବର ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି ଯେ ଅନ୍ୟ ଲୋକମାନଙ୍କ ପରି ମୁଁ ଜଣେ ଡକାୟତ, ଅଧାର୍ମିକ, ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ ”



“ଉଦାହରଣ ସ୍ବରୂପ, ମୁଁ ସପ୍ତାହରେ ଦୁଇଥର ଉପବାସ କରିଥାଏ ଏବଂ ଆୟ କରିଥିବା ଅର୍ଥ ଓ ଜିନିଷର ସମସ୍ତ ଦଶମାଂଶ ଦେଇଥାଏ ”



“କିନ୍ତୁ କରଗ୍ରାହୀ ଧାର୍ମିକ ଗୁରୁଠାରୁ ବହୁ ଦୂରରେ ଠିଆ ହଲୋ, ଏବଂ ସ୍ବର୍ଗ ଆଡେ ଊର୍ଦ୍ଧ୍ବଦୃଷ୍ଟି କରିବାକୁ ସୁଦ୍ଧା ସାହସ କଲାନାହିଁ ବରଂ ସେ ଆପଣା ଛାତିରେ ବିଧା ମାରିହୋଇ ପ୍ରାର୍ଥନା କଲା, “ହେ ଈଶ୍ବର, ମୋ ପ୍ରତି ଦୟାଳୁ ହୁଅ, କାରଣ ମୁଁ ଜଣେ ପାପୀ ମନୁଷ୍ୟ ”



ତବେେ ଯୀଶୁ କହିଲେ “ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଈଶ୍ବର କରଗ୍ରାହୀର ପ୍ରାର୍ଥନା ଶୁଣିଲେ ଏବଂ ତାକୁ ଧାର୍ମିକଗଣନା କଲେ କିନ୍ତୁ ସେ ଧାର୍ମିକ ଗୁରୁର ପ୍ରାର୍ଥନା ଶୁଣିଲେ ନାହିଁ ଯିଏ ନିଜକୁ ଉଚ୍ଚ ଦଖୋଇଥାଏ, ଈଶ୍ବର ତାହାକୁ ନତ କରିବେ, ଏବଂ ଯିଏ ନିଜକୁ ନତ କରି ଦଖୋଏ ଈଶ୍ବର ତାହାକୁ ଉନ୍ନତ କରିବେ

ମାଥିଉ *13:31−33,44−46;* ମାର୍କ *4:30−32;* ଲୂକ *13:18−21; 18:9−14*

# 35. ଦୟାମୟ ପିତାଙ୍କ କାହାଣୀ



ଦିନେ ଯୀଶୁ ତାହାଙ୍କ କଥା ଶୁଣିବା ନିମନ୍ତେ ଏକାଠି ହୋଇଥିବା ଅନେକେ କରଗ୍ରାହୀ ଓ ପାପୀମାନଙ୍କୁ ଶିକ୍ଷା ଦେଉଥିଲେ



ସେଠାରେ ଥିବା କେତେକ ଧର୍ମ ନେତାମାନେ ଏହି ପାପୀମାନଙ୍କୁ ବନ୍ଧୁ ଭାବରେ ବ୍ୟବହାର କରୁଥିବାର ଦେଖିଲେ, ଏବଂ ପରସ୍ପର ପ୍ରତି ସେମାନେ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ଲାଗିଲେ  ତେଣୁ ଯୀଶୁ ସେମାନଙ୍କୁ ଏହି କାହାଣୀ କହିଲେ



“ଜଣେ ବ୍ୟକ୍ତିଙ୍କର ଦୁଇଜଣ ପୁତ୍ର ଥିଲେ  ସାନ ପୁଅ ବାପାଙ୍କୁ କହିଲା, ‘ବାପା, ସମ୍ପତ୍ତିରେ ଯେଉଁ ଭାଗ ମୋହର ଅଛି ତାହା ମୁଁ ଚାହେଁ!’ ତେଣୁ ପିତା ସେହି ଦୁଇ ପୁତ୍ରଙ୍କ ମଧ୍ୟରେ ସମ୍ପତ୍ତି ଭାଗ କରିଦେଲେ ”



“ତାଙ୍କ ସାନ ପୁଅ ତାଙ୍କଠାରେ ଥିବା ସମସ୍ତ ଏକାଠି କରି ଦୂର ସ୍ଥାନକୁ ଚାଲିଗଲେ ଏବଂ କଦାଚାରରେ ସମ୍ପତ୍ତି ଉଡାଇଦେଲେ ”



“ଏହା ପରେ, ସାନ ପୁଅ ଯେଉଁ ଦଶେରେ ରହୁଥିଲା ସହେି ଦଶେରେ ଏକ ମହା ଦୁର୍ଭିକ୍ଷ ପଡିଲା, ଏବଂ ଖାଦ୍ୟ କିଣିବା ନିମନ୍ତେ ତା’ ନିକଟରେ ଅର୍ଥ ନ ଥିଲା  ତେଣୁ ଘୁଷୁରୀ ଚରାଇବା ଛଡା ସେ ଆଉ କୌଣସି କାମ ପାଇଲା ନାହିଁ  ସେ ଏତେ ଦୟନୀୟ ଥିଲା ଯେ ସେ ଘୁଷୁରୀମାନଙ୍କ ଖାଦ୍ୟ ଖାଇବାକୁ ଚାହିଁଲା ”



“ପରିଶଷେରେ, ସାନ ପୁଅ ନିଜକୁ ନିଜେ କହିଲା ‘ମୁଁ କ’ଣ କରୁଛି? ମାେ ବାପାଙ୍କର ସମସ୍ତ ମୂଲିଆଙ୍କ ଖାଦ୍ୟ ବଳିପଡୁଅଛି, କିନ୍ତୁ ମୁଁ ଏଠାରେ ଭାେକରେ ମରୁଛି  ମୁଁ ମାେ ବାପାଙ୍କ ପାଖକୁ ଯିବି ଓ ତାଙ୍କୁ ତାଙ୍କ ମୂଲିଆଙ୍କ ପରି ରଖିବାକୁ କହିବି ”



“ତଣ୍ଣେ ସାନ ପୁଅ ତାଙ୍କ ପିତାଙ୍କ ନିକଟକୁ ଗୃହକୁ ଯିବା ନିମନ୍ତେ ବାହାରିଲା  ସେ ଯେତେବେଳେ ଦୂର ସ୍ଥାନରେ ଥିଲା, ତା’ ପିତା ଦୂରରୁ ଦେଖି ଦୟାରେ ବିଗଳିତ ହେଲେ  ସେ ତାଙ୍କ ପୁତ୍ର ନିକଟକୁ ଦୌଡିଯାଇ ଆଲିଙ୍ଗନ ଓ ଚୁମ୍ବନ କଲେ ”



“ପୁତ୍ର କହିଲେ, ‘ବାପା, ମୁଁ ଈଶ୍ବରଙ୍କ ବିରୁଦ୍ଧରେ ଓ ତୁମ୍ଭ ବିରୁଦ୍ଧରେ ପାପ କରିଅଛି  ତୁମ୍ଭ ପୁଅ ବୋଲି ଡକାଯିବାର ମୁଁ ଯୋଗ୍ୟ ନୁହେଁ ”



"କିନ୍ତୁ ତା' ପିତା ତାଙ୍କ ଦାସମାନଙ୍କୁ କହିଲେ, 'ଶୀଘ୍ର ଯାଇ ସବୁଠାରୁ ଉତ୍ତମ ବସ୍ତ୍ର ନଇେ ଆସ ଏବଂ ତାହା ମୋ ପୁତ୍ରଙ୍କୁ ପିନ୍ଧାଅ! ତା' ଆଙ୍ଗୁଠିରେ ମୁଦି ଓ ପାଦରେ ପୋଦୁକା ଦିଅ ତା'ପରେ ସବୁଠାରୁ ଉତ୍ତମ ବାଛୁରୀ ମାରି ଉତ୍ସବ ନିମନ୍ତେ ଭୋଜ ପ୍ରସ୍ତୁତ କର, କାରଣ ମୋ ପୁତ୍ର ମୃତ ହୋଇଥିଲା, କିନ୍ତୁ ବର୍ତ୍ତମାନ ସେ ଜୀବିତ ଅଛି! ସେ ହଜିଯାଇଥିଲା, କିନ୍ତୁ ବର୍ତ୍ତମାନ ମିଳିଲା!"



"ତଣ୍ଣେ ଲୋକମାନେ ପାଳନ କରିବା ଆରମ୍ଭ କଲେ ଅଳ୍ପ ସମୟ ମଧ୍ୟରେ, କ୍ଷେତରେ କାର୍ଯ୍ୟ କରୁଥିବା ବଡ ପୁଅ ଗୃହକୁ ଆସିଲା ସେ ସଙ୍ଗୀତ ଓ ନୃତ୍ୟର ଶବ୍ଦ ଶୁଣିପାରିଲା ଓ କ'ଣ ହୋଇଛି ବୋଲି ଆଚମ୍ବିତ ହବୋକୁ ଲାଗିଲା "



"ତା' ସାନ ଭାଇ ଆସିଥିବାରୁ ଯେ ଏହି ସମସ୍ତ ଉତ୍ସବର ଆୟୋଜନ ହୋଇଛି ତାହା ଯେତେବେଳେ ବଡ ପୁଅ ଦେଖିଲା, ସେତେବେଳେ ସେ ଅତି ରାଗି ଯାଇଥିଲା ଓ ଘର ଭିତରକୁ ଗଲା ନାହିଁ  ତା' ପିତା ଆସି ସମୋନଙ୍କ ସହ ଉତ୍ସବ ପାଳନ କରିବାକୁ ଅନୁରୋଧ କଲେ, କିନ୍ତୁ ସେ ନାସ୍ତି କଲା "



ବଡ ପୁଅ ପିତାଙ୍କୁ କହିଲା "ଏତେ ବର୍ଷ ଧରି ମୁଁ ବିଶ୍ବସ୍ତ ଭାବରେ ତୁମର କାର୍ଯ୍ୟ କରିଆସିଅଛି! ମୁଁ କେବେ ତୁମର ଅନାଜ୍ଞାବହ ହୋଇନାହିଁ, ତଥାପି ଏହି ସମସ୍ତ ବିଷୟ ପାଇଁ ତୁମେ ମୋ ପାଇଁ ଗୋଟିଏ ଛୋଟ ଛେଳି ଛୁଆ ସୁଦ୍ଧା ଦେଇନାହଁ  କିନ୍ତୁ ତୁମ୍ଭର ଏହି ଯେଉଁ ପୁତ୍ର କଦାଚାରରେ ତୁମର ସମ୍ପତ୍ତି ଉଡାଇ ଦେଇ ଗୃହକୁ ଫେରିଲା, ତୁମେ ତା' ନିମନ୍ତେ ସବୁଠାରୁ ହୃଷ୍ଟପୁଷ୍ଟ ବାଛୁରୀ ମାରିଲ!"



“ପିତା ଉତ୍ତର ଦେଲେ, ‘ପୁଅ, ତୁମେ ସର୍ବଦା ମୋ ସହିତ ରହିଆସିଅଛ, ଯେଉଁ ସମସ୍ତ ମୋର ସେହି ସମସ୍ତ ମଧ୍ୟ ତୁମର  କିନ୍ତୁ ଉତ୍ସବ ପାଳନ କରିବା ଉଚିତ ଥିଲା, କାରଣ ତୁମର ଭାଇ ମରିଯାଇଥିଲା, କିନ୍ତୁ ବର୍ତ୍ତମାନ ବଞ୍ଚିଛି  ସେ ହଜିଯାଇଥିଲା, କିନ୍ତୁ ବର୍ତ୍ତମାନ ମିଳିଛି!”

*15:11–32*

# 36. ରୂପାନ୍ତରୀକରଣ



ଦିନେ ଯୀଶୁ, ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ତିନିଜଣ ପିତର, ଯାକୁବ ଓ ଯୋହନଙ୍କୁ ତାଙ୍କ ସଙ୍ଗରେ ନେଲେ  (ଯୋହନ ନାମକ ଯୀଶୁଙ୍କ ଶିଷ୍ୟ ଓ ଯୀଶୁଙ୍କୁ ଡୁବନ ଦେଇଥିବା ଯୋହନ ଏକା ନୁହଁନ୍ତି ) ସମୋନେ ନିଜେ ନିଜେ ପ୍ରାର୍ଥନା କରିବା ନିମନ୍ତେ ଏକ ଅତି ଉଚ୍ଚ ପର୍ବତକୁ ଗଲେ



ଯୀଶୁ ଯେତେବେଳେ ପ୍ରାର୍ଥନା କରୁଥିଲେ, ତାହାଙ୍କ ମୁଖ ସୂର୍ଯ୍ୟ ପରି ଉଜ୍ଜଳ ହେଲା ଏବଂ ତାହାଙ୍କ ବସ୍ତ୍ର ଆଲୋକ ପରି ଧଳା ହେଲା, ଯାହା ପୃଥିବୀରେ ଥିବା କୌଣସି ରଜକ (ଧୋବା) କରିପାରିବେ ନାହିଁ



ତା'ପରେ ମୋଶା ଓ ଏଲୀୟ ଦେଖାଦେଲେ  ଏହି ଦୁଇଜଣ ବ୍ୟକ୍ତି ଏହି ଘଟନାର ଶହ ଶହ ବର୍ଷ ପୂର୍ବରୁ ଏହି ପୃଥିବୀରେ ଥିଲେ  ସେମାନେ ଯୀଶୁଙ୍କ ମୃତ୍ୟୁ ବିଷୟରେ କଥାବାର୍ତ୍ତା କରୁଥିଲେ, ଯାହା ଯିରୁଶାଲମରେ ଅତିଶୀଘ୍ର ଘଟିଥିଲା



ଯେତେବେଳେ ମୋଶା ଓ ଏଲୀୟ ଯୀଶୁଙ୍କ ସହ କଥାବାର୍ତ୍ତା କରୁଥିଲେ, ପିତର ଯୀଶୁଙ୍କୁ କହିଲେ, "ଆମ୍ଭେମାନେ ଯେ ଏଠାରେ ଅଛୁ, ଏହା ଉତ୍ତମ  ଆମ୍ଭେମାନେ ତିନିଗୋଟି କୁଟୀର ନିର୍ମାଣ କରିବୁ, ଆପଣଙ୍କ ପାଇଁ ଗୋଟିଏ, ମୋଶାଙ୍କ ପାଇଁ ଗୋଟିଏ ଓ ଏଲୀୟଙ୍କ ପାଇଁ ଗୋଟିଏ " ପିତର କ'ଣ କହୁଥିଲେ ତାହା ସେ ଜାଣିଲେ ନାହିଁ



ଯେତେବେଳେ ପିତର କଥା କହୁଥିଲେ, ଏକ ଉଜ୍ଜଳ ମେଘ ତଳକୁ ଆସିଲା ଏବଂ ସମୋନଙ୍କୁ ତାହା ଆଚ୍ଛାଦିତ କଲା (ବା ଘୋଡାଇ ପକାଇଲା) ଏବଂ ମେଘରୁ ଏହି ବାଣୀ ଆସିଲା "ଏହି ଆମ୍ଭର ପ୍ରିୟ ପୁତ୍ର ଯାହାଙ୍କୁ ଆମ୍ଭେ ପ୍ରେମ କରୁ ତାହାଙ୍କଠାରେ ଆମ୍ଭର ସନ୍ତୋଷ ତାହାଙ୍କ ବାକ୍ୟ ଶ୍ରବଣ କର " ସେହି ତିନି ଜଣ ଶିଷ୍ୟ ଭୟଭୀତ ହୋଇ ଭୂମିରେ ପଡିଯାଇଥିଲେ



ତା'ପରେ ଯୀଶୁ ସମୋନଙ୍କୁ ସ୍ବର୍ଶ୍ବ କରି (ଛୁଇଁ) କହିଲେ "ଭୟଭୀତ ହୁଅନାହିଁ ଉଠ " ସମୋନେ ଯେତେବେଳେ ଚାରିପାଖକୁ ଦେଖିଲେ, ସମୋନେ କେବଳ ଯୀଶୁଙ୍କୁ ଦେଖିଲେ



ଯୀଶୁ ଓ ତାଙ୍କର ତିନିଜଣ ଶିଷ୍ୟ ପର୍ବତ ତଳକୁ ଓହ୍ଲାଇ ଆସିଲେ  ତା'ପରେ ଯୀଶୁ ସେମାନଙ୍କୁ କହିଲେ "ଏଠାରେ ଯାହା ଘଟିଲା ତାହା କାହାକୁ କୁହନାହିଁ  ମୁଁ ଶୀଘ୍ର ମୃତ୍ୟୁବରଣ କରିବି ଏବଂ ପୁନର୍ବାର ଜୀବିତ ହେବି  ତାହା ପରେ, ତୁମ୍ଭେମାନେ ଲୋକମାନଙ୍କୁ କହିବ "

ମାଥିଉ *17:1–9;* ମାର୍କ *9:2–8;* ଲୂକ *9:28–36*

# 37. ଯୀଶୁ ଲାଜାରକୁ ମୃତ୍ୟୁରୁ ଉଠାନ୍ତି



ଦିନେ ଯୀଶୁ ଏକ ବାର୍ତ୍ତା ପାଇଲେ ଯେ ଲାଜାର ଅତି ଅସୁସ୍ଥ ଅଛନ୍ତି  ଲାଜାର ଓ ତାହାଙ୍କ ଦୁଇଜଣ ଭଗ୍ନୀ ମରିୟମ ଓ ମାର୍ଥା ଯୀଶୁଙ୍କର ଅତି ଘନିଷ୍ଠ ବନ୍ଧୁ ଥିଲେ  ଯୀଶୁ ଯେତେବେଳେ ଏହି ବାର୍ତ୍ତା ପାଇଲେ, ସେ କହିଲେ “ଏହି ଅସୁସ୍ଥତା ମୃତ୍ୟୁ ନିମନ୍ତେ ନୁହେଁ, କିନ୍ତୁ ଏହା ଈଶ୍ବରଙ୍କ ଗୌରବ ନିମନ୍ତେ ” ଯୀଶୁ ତାହାଙ୍କ ବନ୍ଧୁମାନଙ୍କୁ ପ୍ରେମ କରୁଥିଲେ, କିନ୍ତୁ ସେମାନେ ଯେଉଁ ସ୍ଥାନରେ ଥିଲେ ସେହି ସ୍ଥାନରେ ଦୁଇଦିନ ରହିଗଲେ



ଦୁଇଦିନ ପରେ, ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, “ଆସ, ଆମେ ଯିହୂଦା ପ୍ରଦେଶକୁ ଯିବା ” ଶିଷ୍ୟମାନେ ଉତ୍ତର ଦେଲେ “ଗୁରୁ, କିଛିକ୍ଷଣ ପୂର୍ବରୁ ଲୋକମାନେ ଆପଣଙ୍କୁ ହତ୍ୟା କରିବା ନିମନ୍ତେ ଚାହୁଁଥିଲେ!” ଯୀଶୁ କହିଲେ “ଆମ୍ଭମାନଙ୍କ ବନ୍ଧୁ ଲାଜାର ନିଦ୍ରା ଯାଇଅଛନ୍ତି, ଏବଂ ମୁଁ ତାହାଙ୍କୁ ନିହାତି ନିଦ୍ରାରୁ ଉଠାଇବାକୁ ପଡିବ ”



ଯୀଶୁଙ୍କ ଶିଷ୍ୟମାନେ ଉତ୍ତର ଦଲେେ “ଗୁରୁ, ଯଦି ଲାଜାର ନିଦ୍ରା ଯାଇଅଛନ୍ତି, ତବେେ ସେ ଉଠିବେ “ ତା’ପରେ ଯୀଶୁ ସମୋନଙ୍କୁ ସରଳ ଭାବରେ କହିଲେ “ଲାଜାର ମରିଯାଇଅଛନ୍ତି ମୁଁ ଆନନ୍ଦିତ ଯେ ମୁଁ ସେଠାେରେ ନ ଥିଲି, ଯପେେରିକି ତୁମ୍ଭମୋନେ ମୋେଠାରେ ବିଶ୍ବାସ କରିବ “



ଯୀଶୁ ଯତେବେଳେେ ଲାଜାରଙ୍କ ପୈେତୃକ ନଗରକୁ ଆସିଲେ, ଲାଜାର ମରି ଚାରିଦିନ ହୋେଇଯାଇଥିଲା ମାର୍ଥା ଯୀଶୁଙ୍କୁ ଭଟେିବାକୁ ଯାଇ କହିଲେ “ପ୍ରଭୁ, ଯଦି ଆପଣ ଏଠାରେ ଉପସ୍ଥିତ ହୋେଇଥାନ୍ତେ, ତବେେ ମୋେର ଭାଇ ମରିନଥାନ୍ତେ କିନ୍ତୁ ମୁଁ ବିଶ୍ବାସ କରେ ଆପଣ ଈଶ୍ବରଙ୍କୁ ଯାହାକିଛି ମାଗିବେ ସେ ତାହା ଆପଣଙ୍କୁ ଦବେେ “



ଯୀଶୁ ଉତ୍ତର ଦଲେେ "ମୁଁ ପୁନତ୍ଥାନ ଓ ଜୀବନ  ଯିଏ ମତାେଠାରେ ବିଶ୍ବାସ କରେ, ଯଦିଓ ସେ ମରେ ତଥାପି ସେ ବଞ୍ଚିବ  ଯକେୌଣସି ଲତାେକ ମତାେଠାରେ ବିଶ୍ବାସ କରେ ସେ କଦାପି ମରିବ ନାହିଁ  ତୁମେ ଏହା ବିଶ୍ବାସ କରକି?" ମାର୍ଥା ଉତ୍ତର ଦଲେେ, "ହଁ, ଗୁରୁ! ମୁଁ ବିଶ୍ବାସ କରେ ଯେ ଆପଣ ଈଶ୍ବରଙ୍କ ପୁତ୍ର ମଶୀହ ଅଟନ୍ତି "



ତା'ପରେ ମରିୟମ ପହଞ୍ଚିଲେ  ସେ ଯୀଶୁଙ୍କ ଚରଣ ତଳେ ପଡି କହିଲେ "ପ୍ରଭୁ, ଯଦି ଆପଣ ଏଠାରେ ଥା'ନ୍ତେ, ମତେ ଭାଇ ମରିନଥାନ୍ତେ " ଯୀଶୁ ସମୋନଙ୍କୁ ପଚାରିଲେ "ତୁମ୍ଭମୋନେ ଲାଜାରଙ୍କୁ କେଉଁଠାରେ ରଖିଅଛ?" ସମୋନେ କହିଲେ "ସମାଧି ସ୍ଥାନରେ  ଆସି ଦଖେ " ତା'ପରେ ଯୀଶୁ କାନ୍ଦିଲେ



ସମାଧି ସ୍ଥାନଟି ଏକ ଗୁମ୍ଫା ଥିଲା ଏବଂ ଏହାର ମୁହଁରେ ଏକ ପଥର ଗଡାଇ ଦିଆଯାଇଥିଲା ଯୀଶୁ ଯେତେବେଳେ ସମାଧିରେ ପହଞ୍ଚିଲେ, ସେ ସମୋନଙ୍କୁ କହିଲେ "ପଥର ଗଡାଇ ଦିଅ " କିନ୍ତୁ ମାର୍ଥା କହିଲେ "ସେ ମରି ଚାରିଦିନ ହେଲାଣି ଦୁର୍ଗନ୍ଧ ବାହାରିବ "



ଯୀଶୁ ଉତ୍ତର ଦେଲେ "ମୁଁ କ'ଣ ତୁମ୍ଭମାନଙ୍କୁ କହିନାହିଁକି ଯେ ତୁମ୍ଭମୋନେ ମୋଠାରେ ବିଶ୍ବାସ କଲେ ଈଶ୍ବରଙ୍କ ମହିମା ଦେଖିବ?" ତଣ୍ଣେ ସମୋନେ ପଥରକୁ ଗଡାଇ ଦେଲେ



ତା'ପରେ ଯୀଶୁ ସ୍ୱର୍ଗ ଆଡେ ଉର୍ଦ୍ଧ୍ୱଦୃଷ୍ଟି କରି କହିଲେ "ପିତଃ, ମୋ ପ୍ରାର୍ଥନା ଶୁଣିଥିବାରୁ ଧନ୍ୟବାଦ ମୁଁ ଜାଣେ ତୁମ୍ଭେ ସର୍ବଦା ମୋ କଥା ଶୁଣିଥାଅ, କିନ୍ତୁ ଯେଉଁ ସମସ୍ତ ଲୋକ ଏଠାରେ ଠିଆ ହୋଇଅଛନ୍ତି ସେହି ଲୋକମାନଙ୍କ ସକାଶେ ମୁଁ ଏହା କହୁଅଛି " ତା'ପରେ ଯୀଶୁ ଉଚ୍ଚ ସ୍ୱରରେ କହିଲେ "ଲାଜାର, ବାହାରି ଆସ!"



ତେଣୁ ଲାଜାର ବାହାରି ଆସିଲେ! ସେ ସମାଧି ବସ୍ତ୍ରରେ ଗୁଡାଯାଇଥିଲେ  ଯୀଶୁ ସେମାନଙ୍କୁ କହିଲେ "ଏହି ସମାଧି ବସ୍ତ୍ର ତାହାଙ୍କଠାରୁ କାଢି ତାଙ୍କର ବନ୍ଧନ ମୁକ୍ତ କର!" ଯୀଶୁଙ୍କର ଏହି ଆଶ୍ଚର୍ଯ୍ୟକର୍ମ ସକାଶୁ ଅନେକେ ଯିହୂଦୀ ତାହାଙ୍କଠାରେ ବିଶ୍ୱାସ କଲେ



କିନ୍ତୁ ଯିହୂଦୀମାନଙ୍କର ଧର୍ମ ନେତାମାନେ ଈର୍ଷାନ୍ୱିତ ହୋଇଥିଲେ, ତେଣୁ ସେମାନେ କିପରି ଭାବରେ ଯୀଶୁ ଏବଂ ଲାଜାରଙ୍କୁ ହତ୍ୟା କରିବେ ତାହା ଏକାଠି ହୋଇ ଯୋଜନା କରିବାକୁ ଲାଗିଲେ

ଯୋହନ *11:1–46*

# ୩୪. ଯୀଶୁଙ୍କ ପ୍ରତି ବିଶ୍ୱାସଘାତକତା କରାଗଲା



ପ୍ରତି ବର୍ଷ ଯିହୂଦୀମାନେ ନିସ୍ତାର ପର୍ବ ପାଳନ କରୁଥିଲେ  ଏହା ହେଉଛି ସେହି ଉତ୍ସବ ପାଳନ ଯାହାକି ଅନେକ ଶହ ବର୍ଷ ପୂର୍ବରୁ ଈଶ୍ୱର କିପରି ସେମାନଙ୍କର ପୂର୍ବପୁରୁଷମାନଙ୍କୁ ଦାସତ୍ୱାବସ୍ଥାରୁ ଉଦ୍ଧାର କରି ଆଣିଥିଲେ  ଯୀଶୁ ପ୍ରଚାର ଆରମ୍ଭ କରିବାର ଓ ସର୍ବସାଧାରଣରେ ଶିକ୍ଷା ଦେବାର ପ୍ରାୟ ତିନି ବର୍ଷ ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ ଯେ ସେ ସେମାନଙ୍କ ସହ ଯିରୁଶାଲମରେ ନିସ୍ତାରପର୍ବ ପାଳନ କରିବାକୁ ଚାହାନ୍ତି, ଏବଂ ସେଠାରେ ତାଙ୍କୁ ହତ୍ୟା କରାଯିବ



ଯୀଶୁଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଯିହୂଦା ନାମକ ଜଣେ ଶିଷ୍ୟ ଥିଲେ  ଯିହୂଦା ଶିଷ୍ୟମାନଙ୍କ ଟଙ୍କା ଥଳୀର ଦାୟିତ୍ୱରେ ଥିଲା, କିନ୍ତୁ ସେ ଅର୍ଥ (ଟଙ୍କା)କୁ ଭଲ ପାଇଲା ଏବଂ ଅନେକ ସମୟରେ ସେହି ଥଳୀରୁ ଅର୍ଥ (ଟଙ୍କା) ଚୋରି କରୁଥିଲା  ଯୀଶୁ ଓ ତାଙ୍କ ଶିଷ୍ୟମାନେ ଯିରୁଶାଲମରେ ପହଞ୍ଚିବା ପରେ, ଯିହୂଦା ଅର୍ଥ ପ୍ରତିବଦଳରେ ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବା ନିମନ୍ତେ ଯିହୂଦୀ ନେତାମାନଙ୍କ ନିକଟକୁ ଗଲା  ସେ ଜାଣିଥିଲା ଯେ ଯୀଶୁ ଯେ ମଶୀହ ଏହା ଯିହୂଦୀ ନେତାମାନେ ଅସ୍ୱୀକାର କରୁଥିଲେ ଏବଂ ସେମାନେ ତାଙ୍କୁ (ଯୀଶୁଙ୍କୁ) ହତ୍ୟା କରିବା ପାଇଁ ଯୋଜନା କରୁଥିଲେ



ପ୍ରଧାନ ଯାଜକମାନଙ୍କ ଦ୍ବାରା ପରିଚାଳିତ ଯିହୂଦୀ ନେତାମାନେ ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବା ନିମନ୍ତେ ତିରିଶିଗୋଟି ରୌପ୍ୟ ମୁଦ୍ରା ପ୍ରଦାନ କରିଥିଲେ କଭାବବାଦୀମାନେ ଭାବବାଣୀ କରିଥିବା ଅନୁସାରେ ଏହା ଘଟିଥିଲା  ଯିହୂଦା ସେଥିରେ ସହମତି ହୋଇ ଅର୍ଥ ନେଇ ପଳାଇଯାଇଥିଲା  ସେମାନେ ଯେପରି ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବେ ସେ ଏଥିର ସୁଯୋଗ ଖୋଜିବାକୁ ଲାଗିଲା



ଯିରୁଶାଲମରେ ଯୀଶୁ ତାଙ୍କ ଶିଷ୍ୟମାନଙ୍କ ସହ ନିସ୍ତାରପର୍ବ ପାଳନ କଲେ  ନିସ୍ତାରପର୍ବ ଭୋଜନ ସମୟରେ, ଯୀଶୁ ରୋଟୀ ନେଇ ଏହାକୁ ଭାଙ୍ଗିଲେ  ସେ କହିଲେ "ଏହା ନେଇ ଭୋଜନ କର  ତୁମ୍ଭମାନଙ୍କ ନିମନ୍ତେ ଦିଆଯାଇଥିବା ଏହା ମୋର ଶରୀର  ମୋତେ ସ୍ମରଣ କରିବା ନିମନ୍ତେ ଏହା କର " ଏହିପରି ଭାବରେ, ଯୀଶୁ କହିଲେ ଯେ ସେମାନଙ୍କ ନିମନ୍ତେ ତାହାଙ୍କ ଶରୀର ବଳୀକୃତ ହେବେ



ତା'ପରେ ଯୀଶୁ ଏକ ପାନପାତ୍ର ଉଠାଇ କହିଲେ "ଏହାକୁ ପାନ କର  ଏହା ମୋହର ନୂତନ ନିୟମର ରକ୍ତ ଅଟେ ଯାହା ପାପକ୍ଷମା ନିମନ୍ତେ ପାତିତ ହୋଇଅଛି ତୁମ୍ଭେ ପ୍ରତ୍ୟେକ ଥର ଏହା ପାନ କରିବା ସମୟରେ ମୋତେ ସ୍ମରଣ କରିବା ନିମନ୍ତେ ଏହା କର "



ତା'ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ "ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋତେ ଶତ୍ରୁ ହସ୍ତରେ ସମର୍ପଣ କରିବ " ଶିଷ୍ୟମାନେ ଚକିତ ହୋଇଗଲେ, ଏବଂ ଏପରି ବିଷୟ କିଏ କରିବ ବୋଲି ପଚାରିଲେ  ଯୀଶୁ କହିଲେ "ମୁଁ ଯେଉଁ ଜଣକୁ ଏହି ରୋଟୀ ଖଣ୍ଡକ ଦେବି ସେ ମୋତେ ଶତ୍ରୁ ହସ୍ତରେ ସମର୍ପଣ କରିବ " ତା'ପରେ ସେ ସେହି ରୋଟୀ ଯିହୂଦାକୁ ଦେଲେ



ଯିହୂଦା ସହେି ରଟୋଟୀ ଖଣ୍ଡିକ ନଲୋ ପରେ, ଶୟତାନ ତା’ ମଧ୍ୟରେ ପ୍ରବଶେ କଲା  ଯିହୂଦା ସହେି ସ୍ଥାନ ପରିତ୍ୟାଗ କରି ଯିହୂଦୀ ନତୋମାନେ ଯପେରି ଯୀଶୁଙ୍କୁ ଗିରଫ କରନ୍ତି ସଥେିରେ ସାହାଯ୍ୟ କରିବା ପାଇଁ ସମୋନଙ୍କ ନିକଟକୁ ଗଲା  ସେ ସମୟରେ ରାତ୍ରି ହଟୋଇଥିଲା



ଭଟୋଜନ କରିସାରିଲା ପରେ, ଯୀଶୁ ଏବଂ ତାହାଙ୍କ ଶିଷ୍ୟମାନେ ଜୀତ ପର୍ବତକୁ ଚାଲିଚାଲି ଗଲେ  ଯୀଶୁ କହିଲେ “ତୁମ୍ଭେ ସମସ୍ତେ ମଟୋତେ ପରିତ୍ୟାଗ କରି ଚାଲିଯିବ  ଲଖୋ ଅଛି “ଆମ୍ଭେ ମଷେପାଳକଙ୍କୁ ପ୍ରହାର କରିବା ଓ ପ୍ରତ୍ୟକେ ମଷେ ଛିନ୍ନଭିନ୍ନ ହଟୋଇଯିବେ



ପିତର ଉତ୍ତର ଦଲେେ "ଯଦିଓ ସମସ୍ତେ ଆପଣଙ୍କୁ ପରିତ୍ୟାଗ କରିବେ, ମୁଁ କରିବି ନାହିଁ!" ତବେେ ଯୀଶୁ ପିତରଙ୍କୁ କହିଲେ "ଶୟତାନ ତୁମ୍ଭ ସମସ୍ତଙ୍କୁ ମାଗିଅଛି, କିନ୍ତୁ ପିତର ତୁମ୍ଭର ବିଶ୍ବାସ ଯପେେରି ଦୁର୍ବଳ ନ ହବେେ ଏଥିପାଇଁ ମୁଁ ବିନତି କରିଅଛି ଏପରିକି, ଆଜି ରାତି କୁକୁଡା ଡାକିବା ପୂର୍ବରୁ ତୁମ୍ଭେ ମୋତେ ତିନି ଥର ଅସ୍ବୀକାର କରିବ "



ତା'ପରେ ପିତର ଯୀଶୁଙ୍କୁ କହିଲେ "ଯଦିଓ ମୋତେ ମରିବାକୁ ହୁଏ, ତଥାପି ମୁଁ କବେେ ହେଁ ଆପଣଙ୍କୁ ଅସ୍ବୀକାର କରିବି ନାହିଁ !" ଅନ୍ୟ ସମସ୍ତ ଶିଷ୍ୟମାନେ ମଧ୍ୟ ସହେି ପ୍ରକାର କହିଲେ



ତା’ ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କ ସହ ଗଥେସମାନୀ ନାମକ ସ୍ଥାନକୁ ଗଲେ ଶିଷ୍ୟମାନେ ଯେପେରି ପରୀକ୍ଷାରେ ନ ପଡନ୍ତି ତାହା ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ ତା’ ପରେ ଯୀଶୁ ନିଜେ ପ୍ରାର୍ଥନା କରିବାକୁ ଗଲେ



Jଯୀଶୁ ତିନି ଥର ପ୍ରାର୍ଥନା କଲେ “ମୋ ପିତା, ଯଦି ସମ୍ଭବ ହୁଏ, ତବେ କ୍ଲେଶଭୋଗର ଏହି ପାନପାତ୍ର ମୋ ଠାରୁ ଦୂର କର କିନ୍ତୁ ଯଦି ଲୋକମାନଙ୍କର ପାପକ୍ଷମା କରିବା ନିମନ୍ତେ ଆଉ କିଛି ଉପାୟ ନ ଥାଏ, ତବେ ତୁମ୍ଭର ଇଛା ସଫଳ ହଉେ ” ଯୀଶୁ ଅତ୍ୟନ୍ତ ମାର୍ମାନ୍ତିକ ଦୁଃଖରେ ଦୁଃଖୀତ ଥିଲେ ଏବଂ ତାହାଙ୍କ ଝାଳ ଘନ ରକ୍ତ ଟୋପା ପରି ଥିଲା ତାହାଙ୍କୁ ଶକ୍ତି ଯୋଗାଇଦବୋ ପାଇଁ ଈଶ୍ୱର ଜଣେ ଦୂତଙ୍କୁ ତାଙ୍କ ନିକଟକୁ ପ୍ରରେଣ କଲେ



ପ୍ରତି ଥର ପ୍ରାର୍ଥନା କରିସାରିବା ପରେ, ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଦେଖିବାକୁ ଆସୁଥିଲେ କିନ୍ତୁ ସେମାନେ ନିଦ୍ରାଗ୍ରସ୍ତ ଥିଲେ  ଯେତେବେଳେ ସେ ତୃତୀୟ ଥର ଆସିଲେ, ଯୀଶୁ କହିଲେ "ଉଠ! ମୋତେ ଶତ୍ରୁ ହସ୍ତରେ ସମର୍ପଣ କରିବା ଲୋକ ଉପସ୍ଥିତ "



ଯିହୂଦା ଯିହୂଦୀ ନେତାଗଣ, ସୈନ୍ୟଗଣ ଓ ବହୁ ଲୋକ ସହ ଆସିଥିଲା  ସେମାନେ ଖଣ୍ଡା ଓ ମଶାଲ ଧରି ଆସିଥିଲେ  ଯିହୂଦା ଯୀଶୁଙ୍କ ନିକଟକୁ ଆସି କହିଲା "ହେ ଗୁରୁ ନମସ୍କାର" ଓ ତାହାଙ୍କୁ ଚୁମ୍ବନ କଲା  ଯିହୂଦୀ ନେତାମାନେ କାହାକୁ ଗିରଫ କରିବେ ଏହା ତହିଁର ଏକ ଚିହ୍ନ ଥିଲା  ତା'ପରେ ଯୀଶୁ କହିଲେ "ଯିହୂଦା, ଚୁମ୍ବନ ଦ୍ୱାରା କି ତୁମ୍ଭେ ମୋତେ ଶତ୍ରୁ ହସ୍ତରେ ସମର୍ପଣ କରୁଅଛ?"



ଯେତେବେଳେ ସୈନ୍ୟମାନେ ଯୀଶୁଙ୍କୁ ଗିରଫ କଲେ, ପିତର ତାହାଙ୍କ ଖଣ୍ଡା ବାହାର କଲେ ଏବଂ ମହାଯାଜକଙ୍କ ଦାସର କାନ କାଟି ପକାଇଲେ  ଯୀଶୁ କହିଲେ “ଖଡ୍ଗକୁ ସ୍ବସ୍ଥାନରେ ରଖ! ମୋତେ ରକ୍ଷା କରିବା ନିମନ୍ତେ ମୁଁ ମୋ ପିତାଙ୍କୁ ଦୂତମାନଙ୍କର ଏକ ସୈନ୍ୟଦଳକୁ ମଗାଇପାରିଥାନ୍ତେ  କିନ୍ତୁ ମୁଁ ନିହାତି ମୋ ପିତାଙ୍କର ଆଜ୍ଞାବହ ହେବାକୁ ପଡିବ ” ତା’ ପରେ ଯୀଶୁ ସେହି ଲୋକର କାନକୁ ସୁସ୍ଥ କଲେ  ଯୀଶୁ ଗିରଫ ହେଲା ପରେ ସମସ୍ତ ଶିଷ୍ୟ ଦୌଡି ପଳାଇଗଲେ

ମାଥିଉ *26:14–56;* ମାର୍କ *14:10–50;* ଲୂକ୍ ଲ *22:1–53;* ଯୋହନ *12:6; 18:1–11*

# 39. ଯୀଶୁଙ୍କର ବିଚାର କରାଯାଏ



ସେତେବେଳେ ମଧ୍ୟରାତ୍ରି ଥିଲା  ମହାଯାଜକ ଯେପରି ଯୀଶୁଙ୍କୁ ପ୍ରଶ୍ନ ପଚାରିବେ ସେଥିପାଇଁ ସୈନ୍ୟମାନେ ତାଙ୍କୁ ମହାଯାଜକଙ୍କର ଗୃହକୁ ନେଇଗଲେ ପିତର ଦୂରରୁ ରହି ସେମାନଙ୍କ ପଛେ ପଛେ ଯାଉଥିଲେ  ଯୀଶୁଙ୍କୁ ଯେତେବେଳେ ସେହି ଗୃହକୁ ନିଆଗଲା, ପିତର ବାହାରେ ରହି ନିଆଁ ପୋଉଁଥିଲେ



ଗୃହ ମଧ୍ୟରେ, ଯିହୂଦୀ ନେତାମାନେ ଯୀଶୁଙ୍କର ବିଚାର କରିଚାଲିଲେ  ସେମାନେ ଅନେକ ସାକ୍ଷୀ ଯୋଗାଡ କଲେ ଯେଉଁମାନେ କି ତାଙ୍କ ବିରୁଦ୍ଧରେ ମିଥ୍ୟା କହିବେ  ଅଥଚ, ସେମାନଙ୍କ କଥା ସବୁ ପରସ୍ପର ମଧ୍ୟରେ ମେଳ ଖାଉନଥିଲା, ତେଣୁ ଯିହୂଦୀ ନେତାମାନେ ପ୍ରମାଣ କରିପାରିଲେ ନାହିଁ ଯେ ସେ କିଛି ଭୁଲ୍ କରିଛନ୍ତି  ଯୀଶୁ କିଛି କଥା କହିଲେ ନାହିଁ



ପରିଶେଷରେ, ମହାଯାଜକ ଯୀଶୁଙ୍କ ପ୍ରତି ସିଧାସଳଖ ଦେଖି ତାହାଙ୍କୁ ପଚାରିଲେ "ଆମ୍ଭମାନଙ୍କୁ କୁହ, ତୁମ୍ଭେ କି ଜୀବନ୍ତ ଈଶ୍ବରଙ୍କ ପୁତ୍ର ମଶୀହ?"



ଯୀଶୁ କହିଲେ "ମୁଁ ସେହି, ଏବଂ ଆପଣମାନେ ମୋତେ ଈଶ୍ବରଙ୍କ ସିଂହାସନରେ ବସି ସ୍ବର୍ଗରୁ ଅବତରଣ (ଆସିବା)ର ଦେଖିବେ " ପ୍ରଧାନ ଯାଜକ କ୍ରୋଧରେ ନିଜ ବସ୍ତ୍ର ଚିରି ଅନ୍ୟ ଧର୍ମ ନେତାମାନଙ୍କୁ ଚିତ୍କାର କରି କହିଲେ "ଆମ୍ଭମାନଙ୍କର ଆଉ ସାକ୍ଷୀ ଦରକାର ନାହିଁ! ତୁମ୍ଭେମାନେ ଶୁଣିଅଛ ଯେ ସେ ଈଶ୍ବରଙ୍କ ପୁତ୍ର ବୋଲି କହୁଅଛି  ତୁମ୍ଭମାନଙ୍କର ବିଚାର କ'ଣ?"



ଯିହୂଦୀ ନେତାମାନେ ମହାଯାଜକଙ୍କୁ ଉତ୍ତର ଦେଲେ "ସେ ମୃତ୍ୟୁଦଣ୍ଡ ପାଇବାର ଯୋଗ୍ୟ!" ତା'ପରେ ସେମାନେ ଯୀଶୁଙ୍କ ଆଖିରେ କନା ବାନ୍ଧିଦେଲେ, ତାଙ୍କ ଉପରେ ଛେପ ପକାଇଲେ ଏବଂ ତାହାଙ୍କୁ ପରିହାସ କଲେ



ପିତର ଗୃହର ବାହାରେ ଅପେକ୍ଷା କରିଥିବା ସମୟରେ, ଜଣେ ଦାସୀ ବାଳିକା ତାହାଙ୍କୁ ଦେଖି କହିଲା "ତୁମ୍ଭେ ମଧ୍ୟ ଯୀଶୁଙ୍କ ସହିତ ଥିଲ!" ପିତର ଏ ବିଷୟକୁ ଅସ୍ବୀକାର କଲେ  ପରବର୍ତ୍ତୀ ସମୟରେ, ଆଉ ଜଣେ ବାଳିକା ସେହି ଗୋଟିଏ ବିଷୟ କହିଲେ, କିନ୍ତୁ ପିତର ଏହା ମଧ୍ୟ ଅସ୍ବୀକାର କଲେ  ପରିଶେଷରେ, ଲୋକମାନେ ଉତ୍ତର ଦେଲେ "ଆମ୍ଭେମାନେ ଜାଣୁ ଯେ ତୁମ୍ଭେ ଯୀଶୁଙ୍କ ସହ ଥିଲ କାରଣ ତୁମ୍ଭେ ଉଭୟେ ଗାଲିଲୀରୁ ଆସିଅଛ "



ତା'ପରେ ପିତର ଶପଥ (ବା ରାଣ ପକାଇ) କହିଲେ "ଈଶ୍ବର ମୋତେ ଅଭିଶାପ ଦିଅନ୍ତୁ ଯଦି ମୁଁ ଏହି ଲୋକକୁ ଜାଣିଥାଏ!" ସାଙ୍ଗେ ସାଙ୍ଗେ, କୁକୁଡା ଡାକିଲା, ଏବଂ ଯୀଶୁ ବୁଲିପଡି ପିତରଙ୍କୁ ଚାହିଁଲେ



ପିତର ଚାଲିଗଲେ ଓ ଅତ୍ୟନ୍ତ ଖଦେର ସହ କାନ୍ଦିଲେ  ଇତିମଧ୍ୟରେ, ଶତ୍ରୁ ହସ୍ତରେ ସମର୍ପଣକାରୀ ଯିହୂଦା ଦଖେିଲେ ଯେ ଯିହୂଦୀ ନତୋମାନେ ଯୀଶୁଙ୍କୁ ମୃତ୍ୟୁଦଣ୍ଡ ପାଇବା ଦୋଷରେ ଦୋଷୀ କରିଅଛନ୍ତି  ଯିହୂଦା ଅତ୍ୟନ୍ତ ଦୁଃଖିତ ହଲୋ ଏବଂ ଚାଲିଯାଇ ନିଜକୁ ହତ୍ୟା କଲା



ପରବର୍ତ୍ତୀ ଭୋର ସକାଳରେ, ଯିହୂଦୀ ନେତାମାନେ ଯୀଶୁଙ୍କୁ ପିଲାତଙ୍କ ନିକଟକୁ ଆଣିଲେ ଯିଏ ରୋମୀୟ ଶାସକ ଥିଲେ ସେମାନେ ଆଶା କରିଥିଲେ ଯେ ପିଲାତ ଯୀଶୁଙ୍କୁ ଦୋଷୀ ସାବ୍ୟସ୍ତ କରି ହତ ହେବା ନିମନ୍ତେ ପଠାଇଦେବେ  ପିଲାତ ଯୀଶୁଙ୍କୁ ପଚାରିଲେ "ତୁମେ କ'ଣ ଯିହୂଦୀମାନଙ୍କର ରାଜା?"



ଯୀଶୁ ଉତ୍ତର ଦେଲେ "ଆପଣ କହିଅଛନ୍ତି, କିନ୍ତୁ ମୋର ରାଜ୍ୟ ଏହି ଜଗତ ସମ୍ବନ୍ଧୀୟ ନୁହେଁ  ଯଦି ଏହା ଜଗତ ସମ୍ବନ୍ଧୀୟ ହୋଇଥାଆନ୍ତା, ମୋ ଦାସମାନେ ମୋ ନିମନ୍ତେ ଯୁଦ୍ଧ କରିଥାନ୍ତେ  ଈଶ୍ବରଙ୍କ ବିଷୟରେ ସତ୍ୟ କଥା କହିବାକୁ ମୁଁ ପୃଥିବୀକୁ ଆସିଅଛି  ଯେକୌଣସି ବ୍ୟକ୍ତି ସତ୍ୟକୁ ପ୍ରେମ କରେ ସେ ମୋ କଥା ଶୁଣେ " ପିଲାତ କହିଲେ "ସତ୍ୟ କ'ଣ?"



ପିଲାତ ଯୀଶୁଙ୍କ ସହ କଥା କହି ସାରିଲା ପରେ, ଜନତାଙ୍କ ନିକଟକୁ ଯାଇ କହିଲେ "ଏହି ଲୋକଠାରେ ଆମ୍ଭେ କୌଣସି ଦୋଷ ପାଉନାହୁଁ " କିନ୍ତୁ ଯିହୂଦୀ ନେତାମାନେ ଓ ଜନସମାଗମ ଚିତ୍କାର କରି କହିଲେ "ତାହାଙ୍କୁ କ୍ରୁଶରେ ଚଢାଅ!" ପିଲାତ ଉତ୍ତର ଦେଲେ "ସେ ଦୋଷୀ ନୁହେଁ " କିନ୍ତୁ ସେମାନେ ଅଧିକରୁ ଅଧିକ ଚିତ୍କାର କରିବାକୁ ଲାଗିଲେ  ତା'ପରେ ପିଲାତ ତୃତୀୟ ଥର କହିଲେ "ସେ ଦୋଷୀ ନୁହେଁ!"



ପିଲାତ ଭୟଭୀତ ହୋଇଯାଇଥିଲେ ଯେ କାଳେ ଦଙ୍ଗା କରିବା ଆରମ୍ଭ କରିବେ, ତେଣୁ ଯୀଶୁଙ୍କୁ କ୍ରୁଶବିଦ୍ଧ କରିବା ନିମନ୍ତେ ସେ ତାଙ୍କ ସୈନ୍ୟମାନଙ୍କୁ ଆଦେଶ ଦେଲେ  ରୋମୀୟ ସୈନ୍ୟମାନେ ଯୀଶୁଙ୍କୁ କୋରଡା ପ୍ରହାର କଲେ ଏବଂ ଏକ ରାଜକୀୟ ବସ୍ତ୍ର ଓ ମସ୍ତକରେ କଣ୍ଟାର ମୁକୁଟ ପିନ୍ଧାଇଲେ  ରୋମୀୟ ସୈନ୍ୟମାନେ ଯୀଶୁଙ୍କୁ କୋରଡା ପ୍ରହାର କଲେ ଏବଂ ଏକ ରାଜକୀୟ ବସ୍ତ୍ର ଓ ମସ୍ତକରେ କଣ୍ଟାର ମୁକୁଟ ପିନ୍ଧାଇଲେ

ମାଥିଉ *26:57–27:26;* ମାର୍କ *14:53–15:15;* ଲୂକ *22:54–23:25;* ଯୋହନ *18:12–19:16*

# 40. ଯୀଶୁଙ୍କୁ କ୍ରୁଶବିଦ୍ଧ କରାଗଲା



ସୈନ୍ୟମାନେ ଯୀଶୁଙ୍କୁ ପରିହାସ କଲା ପରେ, ସେମାନେ କ୍ରୁଶବିଦ୍ଧ କରିବା ନିମନ୍ତେ ତାଙ୍କୁ ଘେନିଗଲେ ସେ ଯେଉଁ କ୍ରୁଶରେ ମରିବେ ସେହି କ୍ରୁଶ ତାଙ୍କୁ ବହନ କରାଇଲେ



ସୈନ୍ୟମାନେ "କପାଳସ୍ଥଳ" ନାମକ ଏକ ସ୍ଥାନକୁ ଆଣିଲେ ଏବଂ କ୍ରୁଶରେ ତାହାଙ୍କ ହାତ ଓ ପାଦକୁ କଣ୍ଟାରେ ବିଦ୍ଧ କଲେ କିନ୍ତୁ ଯୀଶୁ କହିଲେ "ପିତଃ, ସେମାନଙ୍କୁ କ୍ଷମା କର, କାରଣ ସେମାନେ କ'ଣ କରୁଅଛନ୍ତି ତାହା ଜାଣନ୍ତି ନାହିଁ " "ଯିହୂଦୀମାନଙ୍କ ରାଜା" ଲେଖି ତାହାକୁ ଯୀଶୁଙ୍କ ମସ୍ତକ ଉପରେ ଟଙ୍ଗାଇବାକୁ ପିଲାତ ସେମାନଙ୍କୁ କହିଲେ



ସୈନ୍ୟମାନେ ଯୀଶୁଙ୍କ ବସ୍ତ୍ର ଯୋଗୁଁ ଗୁଲିବାଣ୍ଟ କଲେ  ସେମାନେ ଯେତେବେଳେ ଏହା କଲେ, ସେମାନେ ନିମ୍ନ ଭାବବାଣୀକୁ ସଫଳ କଲେ “ସେମାନେ ମୋ ବସ୍ତ୍ରକୁ ଭାଗ କଲେ ଓ ବସ୍ତ୍ର ନିମନ୍ତେ ଗୁଲିବାଣ୍ଟ କଲେ ”




ଯୀଶୁଙ୍କୁ ଦୁଇଜଣ ଡକାୟତଙ୍କ ମଧ୍ୟରେ କ୍ରୁଶବିଦ୍ଧ କରାଗଲା  ସେମାନଙ୍କ ମଧ୍ୟରୁ ଜଣେ ଯୀଶୁଙ୍କୁ ପରିହାସ କଲା, କିନ୍ତୁ ଅନ୍ୟ ଜଣେ କହିଲା “ତୁମର କ'ଣ ଇଶ୍ବରଙ୍କ ପ୍ରତି ଭୟ ମଧ୍ୟ ନାହିଁ? ଆମ୍ଭେମାନେ ଦୋଷୀ, କିନ୍ତୁ ଏହି ବ୍ୟକ୍ତି ନିର୍ଦ୍ଦୋଷ ଅଟନ୍ତି  ତା'ପରେ ସେ ଯୀଶୁଙ୍କୁ କହିଲେ “ଦୟାକରି ଆପଣଙ୍କ ରାଜ୍ୟ ସମୟରେ ମୋତେ ସ୍ମରଣ କରନ୍ତୁ ” ଯୀଶୁ ତାହାଙ୍କୁ କହିଲେ “ତୁମେ ଆଜି ମୋ ସହିତ ପାରଦୀଶରେ ଉପସ୍ଥିତ ହେବେ ”



ଯିହୂଦୀ ନେତାମାନେ ଓ ଜନତାଙ୍କ ମଧ୍ୟରୁ ଅନ୍ୟ ଲୋକମାନେ ଯୀଶୁଙ୍କୁ ପରିହାସ କଲେ ସେମାନେ ତାଙ୍କୁ କହିଲେ "ଯଦି ତୁମ୍ଭେ ଈଶ୍ଵରଙ୍କ ପୁତ୍ର, କ୍ରୁଶରୁ ଓହ୍ଲାଇ ଆସ ଏବଂ ନିଜକୁ ରକ୍ଷା କର! ତବେହିଁ ଆମ୍ଭେମାନେ ତୁମ୍ଭକୁ ବିଶ୍ଵାସ କରିବୁ "



ତା'ପରେ ସେହି ଅଞ୍ଚଳରେ ଥିବା ସମସ୍ତ ଆକାଶ ସମ୍ପୂର୍ଣ୍ଣରୂପେ ଅନ୍ଧାକାରଗ୍ରସ୍ତ ହୋଇଗଲା, ଯଦିଓ ଏହା ଦିବସର ମଧ୍ୟଭାଗ ଥିଲା  ଏହା ଅପରାହ୍ନ 3 ଘଟିକା ପର୍ଯ୍ୟନ୍ତ ଅନ୍ଧକାର ହୋଇ ରହିଲା



ତା’ପରେ ଯୀଶୁ ଉଚ୍ଚ ସ୍ବରରେ ଡାକି କହିଲେ “ସମାପ୍ତ ହେଲା! ପିତଃ, ତୁମ୍ଭ ହସ୍ତରେ ମୁଁ ଆପଣା ଆତ୍ମା ସମର୍ପଣ କରୁଅଛି ” ତା’ପରେ ସେ ମସ୍ତକ ନତ କରି (ତଳକୁ କରି) ଆତ୍ମା ତ୍ୟାଗ କଲେ ଯେତେବେଳେ ସେ ମୃତ୍ୟୁଭୋଗ କଲେ, ସେତେବେଳେ ଭୂମିକମ୍ପ ହୋଇଥିଲା ଏବଂ ମନ୍ଦିରରେ ଯେଉଁ ବସ୍ତ୍ର ଈଶ୍ବରଙ୍କ ଉପସ୍ଥିତିରୁ ଲୋକମାନଙ୍କୁ ପୃଥକ୍‌ରଖୁଥିଲା ତାହା ଉପରୁ ତଳ ପର୍ଯ୍ୟନ୍ତ ଚିରି ଦୁଇଖଣ୍ଡ ହୋଇଗଲା



ଯୀଶୁ ତାହାଙ୍କ ମୃତ୍ୟୁରେ ଲୋକମାନଙ୍କୁ ଈଶ୍ବରଙ୍କ ନିକଟକୁ ଆସିବାର ପଥ ଖୋଲି ଦେଲେ ଯୀଶୁଙ୍କୁ ଜଗିଥିବା ସୈନ୍ୟ ଯେତେବେଳେ ଏହି ସମସ୍ତ ଘଟିବାର ଦେଖିଲେ ସେ କହିଲେ “ନିଶ୍ଚିତ, ସେ ନିର୍ଦ୍ଧୋଷ ବ୍ୟକ୍ତି ଥିଲେ ସେ ଈଶ୍ବରଙ୍କ ପୁତ୍ର ଥିଲେ ”



ତା'ପରେ ଯୋଷେଫ ଓ ନୀକଦୀମ, ଯୀଶୁଙ୍କୁ ବିଶ୍ଵାସ କରୁଥିବା ଏହି ଦୁଇଜଣ ଯିହୂଦୀ ନେତା ଯୀଶୁଙ୍କ ଶରୀର ନେବା ନିମନ୍ତେ ପିଲାତଙ୍କୁ ଅନୁରୋଧ କଲେ ସେମାନେ ଏକ କନାରେ ତାଙ୍କ ଶରୀରକୁ ଘୋଡାଇ ପ୍ରସ୍ତର କଟାଯାଇ ତିଆରି କରାଯାଇଥିବା ଏକ ସମାଧି ସ୍ଥଳରେ ରଖିଲେ ତା'ପରେ ସେମାନେ ସମାଧି ମୁହଁଅରେ ଏକ ବୃହତ୍‌ପଥର ରଖି ତହିଁର ପଥ ବନ୍ଦ କରିଦେଲେ

ମାଥିଉ *27:27–61;* ମାର୍କ *15:16–47;* ଲୂକ *23:26–56;* ଯୋହନ *19:17–42*

# 41. ଈଶ୍ବର ଯୀଶୁଙ୍କୁ ମୃତ୍ୟୁରୁ ଉଠାନ୍ତି



ସୈନ୍ୟମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କଲାପରେ, ଅବିଶ୍ୱାସୀ ଯିହୂଦୀ ନେତାମାନେ ପିଲାତଙ୍କୁ କହିଲେ "ସେହି ମିଥ୍ୟାବାଦୀ ଯୀଶୁ କହିଅଛି ଯେ ସେ ତିନି ଦିନ ପରେ ଉଠିବ  କେହି ଜଣେ ନିହାତି ସମାଧି ସ୍ଥାନକୁ ପ୍ରହରୀ ଦେବାକୁ ପଡିବ ଯେପରିକି ତା' ଶିଷ୍ୟମାନେ ତା' ମୃତ ଦେହକୁ ଚୋରାଇ ନେଇ କହିବେ ନାହିଁ ଯେ ସେ ମୃତମାନଙ୍କ ମଧ୍ୟରୁ ଉଠିଅଛନ୍ତି "



ପିଲାତ କହିଲେ "କିଛି ସୈନ୍ୟଙ୍କୁ ନେଇ ତୁମ୍ଭମାନେଙ୍କ ପାରୁ ପର୍ଯ୍ୟନ୍ତ ସମାଧି ସ୍ଥାନ ସୁରକ୍ଷିତ କର " ତେଣୁ ସେମାନେ ସମାଧି ସ୍ଥାନର ପ୍ରବେଶ ସ୍ଥାନରେ ଥିବା ପଥରକୁ ମୁଦ୍ରାଙ୍କିତ କଲେ ଏବଂ ସେଠାରେ ସୈନ୍ୟମାନଙ୍କୁ ମୁତୟନ କଲେ ଯେପରିକି କେହି ତାଙ୍କ ଶରୀରକୁ ଚୋରାଇ ନେଇ ନ ପାରନ୍ତି



ଯୀଶୁ ସମାଧିସ୍ଥ ହବୋର ପରବର୍ତ୍ତୀ ଦିନ ବିଶ୍ରାମବାର ଥିଲା, ଏବଂ ଯିହୂଦୀମାନେ ସହେି ଦିନ ସମାଧି ସ୍ଥାନକୁ ଯିବା ନିଷଧେ ଥିଲା  ତଣ୍ଣେ, ବିଶ୍ରାମ ଦିନର ପରବର୍ତ୍ତୀ ଦିନର ଅତି ସକାଳୁ ଅନକେ ସ୍ତ୍ରୀ ଯୀଶୁଙ୍କ ଶରୀରରେ ଅଧିକ ସମାଧି ସୁଗନ୍ଧି ଦ୍ରବ୍ୟ ଦବୋ ନିମନ୍ତେ ପ୍ରସ୍ତୁତ ହଲେେ



ହଠାତ୍ଏକ ଭୂମିକମ୍ପ ହଲୋ  ବିଜୁଳି ଆଲୋକ ପରି ଝଲସୁ ଥିବା ଜଣେ ଦୂତ ସ୍ବର୍ଗରୁ ଆସି ଦଖୋଦଲେେ  ସମାଧି ମୁହଁରେ ଦିଆଯାଇଥିବା ପଥରକୁ ଗଡାଇ ସେ ସଥେିରେ ବସିଲେ  ଯଡେିଁ ସୈନ୍ୟମାନେ ସଠୋରେ ପ୍ରହରୀ ଭାବରେ ଜଗି ରହିଥିଲେ ସମୋନେ ଭୟଭୀତ ହୋଇ ମୃତ ବ୍ୟକ୍ତି ପରି ଭୂମିରେ ପଡିଗଲେ



ଯେତେବେଳେ ସ୍ତ୍ରୀଲୋକମାନେ ସମାଧିରେ ପହଞ୍ଚିଲେ, ଦୂତ ସେମାନଙ୍କୁ କହିଲେ "ଭୟ କରନାହିଁ ଯୀଶୁ ଏଠାରେ ନାହାନ୍ତି ସେ ଯେପରି କହିଥିଲେ, ସେ ଉଠିଅଛନ୍ତି! ଆସି ସମାଧିକୁ ଦେଖ " ସ୍ତ୍ରୀ ଲୋକମାନେ ସମାଧି ଭିତରକୁ ଦେଖି ଯୀଶୁଙ୍କ ଶରୀର ଯେଉଁ ସ୍ଥାନରେ ଥିଲା ତାହା ଦେଖିଲେ ତାଙ୍କ ଶରୀର ସେଠାରେ ନ ଥିଲା!



ତା'ପରେ ଦୂତ ସେହି ସ୍ତ୍ରୀ ଲୋକମାନଙ୍କୁ କହିଲେ "ଯାଇ ଶିଷ୍ୟମାନଙ୍କୁ କୁହ, 'ଯୀଶୁ ଉଠିଅଛନ୍ତି ଓ ତୁମ୍ଭମାନଙ୍କ ଆଗେ ଆଗେ ଗାଲିଲୀକୁ ଯାଇଅଛନ୍ତି "



ସେହି ସ୍ତ୍ରୀ ଲୋକମାନେ ଅତ୍ୟନ୍ତ ଭୟଭୀତ ଓ ଅତିଶୟ ଆନନ୍ଦିତ ହୋଇଯାଇଥିଲେ ସେମାନେ ଶିଷ୍ୟମାନଙ୍କୁ ସେହି ଶୁଭ ସମ୍ବାଦ ଦେବା ପାଇଁ ଧାଇଁ ଯାଇଥିଲେ



ଯେତେବେଳେ ସେହି ଶୁଭ ସମ୍ବାଦକୁ ଶିଷ୍ୟମାନଙ୍କୁ କହିବା ନିମନ୍ତେ ସେମାନେ ଯାଉଥିଲେ, ରାସ୍ତାରେ ଯୀଶୁ ସେମାନଙ୍କୁ ଦେଖାଦେଲେ ଏବଂ ସେମାନେ ତାହାଙ୍କୁ ପ୍ରଣାମ କଲେ  ଯୀଶୁ କହିଲେ "ଭୟ କରନାହିଁ  ଗାଲିଲୀକୁ ଯିବା ନିମନ୍ତେ ମୋହର ଶିଷ୍ୟମାନଙ୍କୁ କୁହ

ମାଥିଉ *27:62–28:15;* ମାଥିଉ *16:1–11;* ମାଥିଉ *24:1–12;* ଯୋହନ *20:1–18*

# 42. ଯୀଶୁ ସ୍ବର୍ଗକୁ ପ୍ରତ୍ୟାବର୍ତ୍ତନ (ଫେରିଯିବା) କରନ୍ତି



ଯୀଶୁ ଯେଉଁ ଦିନ ମୃତମାନଙ୍କ ମଧ୍ୟରୁ ଉଠିଲେ, ଦୁଇଜଣ ଶିଷ୍ୟ ନିକଟସ୍ଥ ଏକ ସହରକୁ ଯାଉଥିଲେ ସେମାନେ ଚାଲୁଥିବା ସମୟରେ, ଯୀଶୁଙ୍କ ପ୍ରତି କ'ଣ ଘଟିଥିଲା ସେ ବିଷୟରେ ସେମାନେ କଥାବାର୍ତ୍ତା କରୁଥିଲେ  ସେମାନେ ଆଶା କରୁଥିଲେ ଯେ ସେ ମଶୀହ ହେବେ କିନ୍ତୁ ସେମାନେ ତାଙ୍କୁ ହତ୍ୟା କଲେ ବର୍ତ୍ତମାନ ସହି ସ୍ତ୍ରୀ ଲୋକମାନେ କହୁଅଛନ୍ତି ଯେ ସେ ଜୀବିତ ଅଛନ୍ତି  କେଉଁ ବିଷୟକୁ ବିଶ୍ବାସ କରିବେ ସେମାନେ ଜାଣିପାରିଲେ ନାହିଁ



ଯୀଶୁ ସେମାନଙ୍କର ନିକଟବର୍ତ୍ତୀ ହେଲେ ଏବଂ ସେମାନଙ୍କ ସହ ଚାଲିବାକୁ ଲାଗିଲେ, କିନ୍ତୁ ସେମାନେ ତାଙ୍କୁ ଚିହ୍ନିଲେ ନାହିଁ  ସେମାନେ କେଉଁ ବିଷୟରେ କଥାବାର୍ତ୍ତା କରୁଥିଲେ ବୋଲି ସେ ସେମାନଙ୍କୁ ପଚାରିଲେ, ଏବଂ ସେମାନେ ଅଳ୍ପ କିଛି ଦିନ ମଧ୍ୟରେ ଯୀଶୁଙ୍କ ବିଷୟରେ ଯାହା ସବୁ ଘଟିଗଲା ତାହା ସେମାନେ ତାହାଙ୍କୁ କହିଲେ  ସେମାନେ ଭାବିଲେ ଯେ ସେମାନେ ଜଣେ ନୂଆ ଲୋକଙ୍କ ସହ କଥାବାର୍ତ୍ତା କରୁଅଛନ୍ତି ଯିଏକି ଯିରୁଶାଲମରେ ଘଟିଯାଇଥିବା ବିଷୟଗୁଡିକୁ ଜାଣିନଥିଲେ



ତା'ପରେ ଯୀଶୁ ସେମାନଙ୍କୁ ବ୍ୟାଖ୍ୟା କରି ଇଶ୍ବର ମଶୀହଙ୍କ ବିଷୟରେ କ'ଣ କହିଥିଲେ ତାହା ସେମାନଙ୍କୁ କହିବାକୁ ଲାଗିଲେ  ସେ ସେମାନଙ୍କୁ ସ୍ମରଣ କରାଇ ଦେଇ କହିଲେ ଯେ ମଶୀହ ଦୁଃଖଭୋଗ କରି ମୃତ୍ୟୁଭୋଗ କରିବେ ସେହି ଦୁଇଜଣ ଯେଉଁ ସହରରେ ରହିବାକୁ ଯୋଜନା କରିଥିଲେ, ସେମାନେ ଯେତେବେଳେ ସେଠାରେ ପହଞ୍ଚିଲେ, ସେତେବେଳେ ସଂନ୍ଧ୍ୟା ହୋଇସାରିଥିଲା



ସେହି ଦୁଇଜଣ ସେମାନଙ୍କ ସହ ରହିବା ନିମନ୍ତେ ଯୀଶୁଙ୍କୁ ନିମନ୍ତ୍ରଣ କଲେ, ତେଣୁ ସେ ସେମାନଙ୍କ ସହିତ ଗଲେ  ସେମାନେ ଯେତେବେଳେ ସଂନ୍ଧ୍ୟା ଭୋଜନ କରିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ, ଯୀଶୁ ଏକ ରୋଟୀ ଘେନି ଇଶ୍ବରଙ୍କୁ ଧନ୍ୟବାଦ ଦେଲେ ଓ ଏହାକୁ ଭାଙ୍ଗିଲେ  ସାଙ୍ଗେ ସାଙ୍ଗେ ସେ ଯେ ଯୀଶୁ ବୋଲି ସେମାନେ ଚିହ୍ନିଲେ  କିନ୍ତୁ ସେହି ସମୟରେ ସେ ସେମାନଙ୍କ ଦୃଷ୍ଟିରୁ ଅନ୍ତର୍ଦ୍ଧାନ ହୋଇଗଲେ



ସେହି ଦୁଇଜଣ ପରସ୍ପର କୁହାକୁହି ହେଲେ "ସେ ଯୀଶୁ ଥିଲେ! ସେଇଥିଯୋଗୁଁ ହିଁ ସେ ଆମ୍ଭମାନଙ୍କୁ ଇଶ୍ଵରଙ୍କ ବାକ୍ୟ ବୁଝାଉଥିବା ସମୟରେ ଆମ୍ଭମାନଙ୍କ ହୃଦୟ ପ୍ରଜ୍ଜଳିତ ବା ଉଦ୍ଵିଗ୍ନ ହେଉଥିଲା !" ସାଙ୍ଗେ ସାଙ୍ଗେ ସେମାନେ ଯିରୁଶାଲମକୁ ଫେରି ଆସିଲେ  ସେମାନେ ଯେତେବେଳେ ପହଞ୍ଚିଲେ, ସେମାନେ ଶିଷ୍ୟମାନଙ୍କୁ କହିଲେ "ଯୀଶୁ ଜୀବିତ ଅଛନ୍ତି! ଆମ୍ଭେମାନେ ତାହାଙ୍କୁ ଦେଖିଅଛୁ!"



ଶିଷ୍ୟମାନେ ଯେତେବେଳେ କଥାବାର୍ତ୍ତା କରୁଥିଲେ, ଯୀଶୁ ସେମାନେ ରହୁଥିବା କୋଠରୀରେ ସେମାନଙ୍କଠାରେ ଉପସ୍ଥିତ ହେଲେ ଏବଂ କହିଲେ "ତୁମ୍ଭମାନଙ୍କ ପ୍ରତି ଶାନ୍ତି ହେଉ !" ଶିଷ୍ୟମାନେ ଭାବିଲେ ଯେ ସେ ଜଣେ ଭୂତ, କିନ୍ତୁ ଯୀଶୁ କହିଲେ ଯେ "ତୁମ୍ଭେମାନେ କାହିଁକି ଭୟଭୀତ ଓ ସନ୍ଦେହ କରୁଅଛ? ମୋ ହସ୍ତଦ୍ଵୟ ଓ ପାଦକୁ ଦେଖ  ମୋର ଯେପରି ଶରୀର ଅଛି ଭୂତମାନଙ୍କର ସେପରି ଶରୀର ନ ଥାଏ " ସେ ଯେ ଭୂତ ନୁହଁନ୍ତି ତାହା ପ୍ରମାଣ କରିବା ପାଇଁ, ସେ ଖାଇବା ନିମନ୍ତେ କିଛି ଦେବାକୁ କହିଲେ ସେମାନେ ତାହାଙ୍କୁ ରନ୍ଧା ମାଛ ଦେଲେ, ଏବଂ ସେ ଏହାକୁ ଖାଇବେ



ଯୀଶୁ କହିଲେ "ମୁଁ ତୁମ୍ଭମାନଙ୍କୁ କହୁଅଛି ଯେ ମୋ ବିଷୟରେ ଈଶ୍ବରଙ୍କ ବାକ୍ୟରେ ଲେଖାଥିବା ସମସ୍ତ ବିଷୟ ନିହାତି ସଫଳ ହେବାକୁ ପଡିବ " ତା'ପରେ ସେ ସେମାନଙ୍କର ମନକୁ ଉନ୍ମୁକ୍ତ କରିଦେଲେ ଯେପରିକି ସେମାନେ ଈଶ୍ବରଙ୍କ ବାକ୍ୟ ବୁଝିପାରିବେ  ସେ କହିଲେ "ପୂର୍ବରୁ ଲେଖାଯାଇଛି ଯେ ମଶୀହ ଦୁଃଖଭୋଗ କରି ମୃତ୍ୟୁଭୋଗ କରିବେ ଏବଂ ତୃତୀୟ ଦିବସରେ ଉତ୍ଥିତ ହେବେ "



"ଶାସ୍ତ୍ରରେ ଆହୁରି ମଧ୍ୟ ଲେଖାଯାଇଥିଲା ଯେ ପ୍ରତ୍ୟେକେ ସେମାନଙ୍କ ପାପରୁ କ୍ଷମା ପାଇବା ନିମନ୍ତେ ଅନୁତାପ କରିବେ ଯାହାକି ଶିଷ୍ୟମାନେ ଘୋଷଣା କରିବେ  ସେମାନେ ଏହା ଯିରୁଶାଲମରୁ ଆରମ୍ଭ କରି ସବୁ ସ୍ଥାନରେ ଥିବା ସମସ୍ତ ଲୋକଦଳ ନିକଟକୁ ଯିବେ  ତୁମ୍ଭେମାନେ ଏହି ସମସ୍ତ ବିଷୟର ସାକ୍ଷୀ ଅଟ



ପରବର୍ତ୍ତୀ ଚାଳିଶ ଦିନ ମଧ୍ୟରେ, ଯୀଶୁ ଅନକେ ଥର ତାହାଙ୍କ ଶିଷ୍ୟମାନଙ୍କୁ ଦଖୋଦଲେେ ଥରେ, ସେ ଏକା ଥରକେ 500 ରୁ ଅଧିକ ଲୋକେଙ୍କୁ ଦଖୋଦଲେେ! ସେ ଯେ ଜୀବିତ ଅଛନ୍ତି ଏ ବିଷୟରେ ସେ ଅନକେ ଥର ସେ ତାହାଙ୍କ ଶିଷ୍ୟମାନଙ୍କ ନିକଟରେ ପ୍ରମାଣିତ କରିଛନ୍ତି, ଏବଂ ସେ ଈଶ୍ବରଙ୍କ ରାଜ୍ୟ ବିଷୟରେ ଶିକ୍ଷା ଦଇେଅଛନ୍ତି



ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ "ସ୍ବର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି ଅତଏବ, ସମସ୍ତ ଲୋକେ ଦଳ ନିକଟକୁ ଯାଇ ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କ ନାମରେ ସମୋନଙ୍କୁ ବାପ୍ତିସ୍ମ ଦଇେ ଏବଂ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଦଶେ ଦଇେଅଛି ସହେି ସବୁ ପାଳନ କରିବାକୁ ଶିକ୍ଷା ଦଇେ ଶିଷ୍ୟ କର ସ୍ମରଣରେ ରଖ ଯେ, ମୁଁ ସର୍ବଦା ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି "



ଯୀଶୁ ମୃତ୍ୟୁରୁ ଉଠିବାର ଚାଳିଶ ଦିନ ପରେ, ସେ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ "ପବିତ୍ରଆତ୍ମା ତୁମ୍ଭମାନଙ୍କ ଉପରେ ଅବତରଣ କରିବା ସମୟରେ ମୋ ପିତା ତୁମ୍ଭମାନଙ୍କୁ ଯେତେବେଳେ ଶକ୍ତି ନ ଦେବେ ପର୍ଯ୍ୟନ୍ତ ଯିରୁଶାଲମରେ ରହିଥାଅ " ତା'ପରେ ଯୀଶୁ ସ୍ବର୍ଗକୁ ଗଲେ, ଏବଂ ଏକ ମେଘ ସେମାନଙ୍କ ଆଖି ଆଢୁଆଳରୁ ଯୀଶୁଙ୍କୁ ଲୁଚାଇ ଦେଲେ।  ଯୀଶୁ ସମସ୍ତ ବିଷୟ ଉପରେ କର୍ତ୍ତୃକ କରିବା ନିମନ୍ତେ ଈଶ୍ବରଙ୍କ ଦକ୍ଷିଣ ପାର୍ଶ୍ବରେ ବସିଲେ

ମାଥିଉ *28:16–20;* ମାର୍କ *16:12–20;* ଲୂକ *24:13–53;* ଯୋହନ *20:19–23;* ପ୍ରେରିତ *1:1–11*

# 43. ମଣ୍ଡଳୀ ଆରମ୍ଭ ହୁଏ



ଯୀଶୁ ସ୍ଵର୍ଗକୁ ପ୍ରତ୍ୟାବର୍ତ୍ତନ କଲା ପରେ, ଯୀଶୁ ଯେପରି ଆଦେଶ ଦେଇଥିଲେ ସେହି ଅନୁସାରେ ଶିଷ୍ୟମାନେ ଯିରୁଶାଲମରେ ରହିଲେ ବିଶ୍ଵାସୀମାନେ ସେଠାରେ ପ୍ରାର୍ଥନା କରିବା ନିମନ୍ତେ ଅବିରତ ଏକାଠି ହୋଇ ରହିଲେ



ନିସ୍ତାରପର୍ବର 50 ଦିନ ପରେ ପ୍ରତି ବର୍ଷ ଯିହୂଦୀମାନେ ପେଣ୍ଟେକଷ୍ଟ ନାମକ ଏକ ଗୁରୁତ୍ଵପୂର୍ଣ୍ଣ ଦିବସ ପାଳନ କରୁଥିଲେ ପେଣ୍ଟେକଷ୍ଟ ହେଉଛି ସେହି ସମୟ ଯେତେବେଳେ କି ଯିହୂଦୀମାନେ ଶସ୍ୟ ଅମଳ କରନ୍ତି ପେଣ୍ଟେକଷ୍ଟ ଏକାଠି ପାଳନ କରିବା ପାଇଁ ସମଗ୍ର ଜଗତରୁ ଯିହୂଦୀମାନେ ଯିରୁଶାଲମକୁ ଆସୁଥିଲେ ଏହି ବର୍ଷ, ଯୀଶୁ ସ୍ଵର୍ଗକୁ ଯାଇ ପ୍ରାୟ ଏକ ସପ୍ତାହ ପରେ ପେଣ୍ଟେକଷ୍ଟ ଦିନ ଆସିଲା



ବିଶ୍ବାସୀମାନେ ଯେତେବେଳେ ଏକାଠି ଥିଲେ, ଯେଉଁ ଗୃହରେ ସେମାନେ ଥିଲେ ପ୍ରଚଣ୍ଡ ପବନର ଶବ୍ଦ ପରି ଏକ ଶବ୍ଦ ସହେି ଗୃହକୁ ହଠାତ୍‌ପରିପୂର୍ଣ୍ଣ କରିଦଲୋ ତା'ପରେ ଅଗ୍ନି ସଦୃଶ ଜିହ୍ବାଗୁଡିକ ସମସ୍ତ ବିଶ୍ବାସୀଙ୍କ ମସ୍ତକ ଉପରେ ଦଖୋଦଲୋ ସେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହଲେେ ଏବଂ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ



ଯେତେବେଳେ ଯିରୁଶାଲମରେ ଥିବା ଲୋକେ ଏହି ଶବ୍ଦ ଶୁଣିଲେ, କ'ଣ ଘଟିଲା ତାହା ଦଖେିବାକୁ ଜନ ସମାଗମ ହଲୋ ଈଶ୍ବରଙ୍କର ଆଶ୍ଚର୍ଯ୍ୟକର କାର୍ଯ୍ୟକୁ ବିଶ୍ବାସୀମାନେ ଘୋଷଣା କରୁଥିବାର ଲୋକମାନେ ଯେତେବେଳେ ଶୁଣିଲେ, ସେମାନେ ଆଶ୍ଚର୍ଯ୍ୟାନ୍ମିତ ହଲେେ କାରଣ ସେମାନେ ସେଗୁଡିକୁ ଆପଣା ଆପଣା ଭାଷାରେ କହୁଥିବାର ଶୁଣିଲେ



କିଛି ଲୋକ ଶିଷ୍ୟମାନେ ମାତାଲ୍‌ହୋଇଥିବାର ଅଭିଯୋଗ କଲେ  କିନ୍ତୁ ପିତର ଠିଆ ହୋଇ ସମୋନଙ୍କୁ କହିଲେ “ମୋ କଥା ଶୁଣନ୍ତୁ! ଏହି ସମସ୍ତ ଲୋକେ ମାତାଲ୍‌ନୁହନ୍ତି! ଏହା ଯୋୟେଲେ ଭାବବାଦୀ କରିଥିବା ଭାବବାଣୀର ସଫଳତା ଯେଉଁଠି ଈଶ୍ବର କହିଥିଲେ “ଶେଷେକାଳରେ, ଆମ୍ଭେ ଆପଣା ଆତ୍ମା ଢାଳିବୁ ”



“ହେ ଇଶ୍ରାୟଲୀୟ ଲୋକମାନେ, ଯୀଶୁ ଜଣେ ବ୍ୟକ୍ତି ଥିଲେ ଯିଏ ଈଶ୍ବରଙ୍କ ଶକ୍ତିରେ ଅନକେ ମହତ୍‌ଚିହ୍ନସବୁ ଓ ଆଶ୍ଚର୍ଯ୍ୟକର୍ମ ସବୁ କଲେ, ଯାହା ଆପଣମାନେ ଦଖେିଅଛନ୍ତି ଓ ଜାଣିଅଛନ୍ତି  କିନ୍ତୁ ଆପଣମାନେ ତାହାଙ୍କୁ କ୍ରୁଶବିଦ୍ଧ କଲେ !”



“ଯଦିଓ ଯୀଶୁ ମୃତ୍ୟୁବରଣ କଲେ, ତଥାପି ଈଶ୍ବର ତାହାଙ୍କୁ ମୃତ୍ୟୁରୁ ଉଠାଇଲେ ଏହା ଏହି ଭାବବାଣୀ ସଫଳ କରେ, ଯାହା କୁହେ ‘ତୁମ୍ଭେ ତୁମ୍ଭର ପବିତ୍ର ଜନଙ୍କୁ ସମାଧିରେ କ୍ଷୟ ପାଇବାକୁ ଦବେନାହିଁ ଈଶ୍ବର ଯେ ଯୀଶୁଙ୍କୁ ପୁନର୍ବାର ଜୀବନ ଦାନ କରିଅଛନ୍ତି



“ବର୍ତ୍ତମାନ ଯୀଶୁ ପିତାଙ୍କ ଦକ୍ଷିଣ ପାର୍ଶ୍ବରେ ଉପବଶେନ କରିଅଛନ୍ତି ଏବଂ ଯୀଶୁ ଯଉେଁ ପ୍ରକାରେ ପବିତ୍ରଆତ୍ମାଙ୍କୁ ପ୍ରରେଣ କରିବେ ବୋଲି କହିଥିଲେ ଠିକ୍ସହେି ଭାବରେ ପବିତ୍ରଆତ୍ମାଙ୍କୁ ପ୍ରରେଣ କଲେ ବର୍ତ୍ତମାନ ଆପଣମାନେ ଯାହା ଯାହା ଦଖେୁଅଛନ୍ତି ଓ ଶୁଣୁଅଛନ୍ତି ସହେି ସମସ୍ତ ପବିତ୍ରଆତ୍ମା ଘଟାଇଅଛନ୍ତି ”



“ଏହି ଯୀଶୁଙ୍କୁ ଆପଣମାନେ କ୍ରୁଶବିଦ୍ଧ କରିଅଛନ୍ତି  କିନ୍ତୁ ନିଶ୍ଚିତ ଜାଣନ୍ତୁ ଯେ ଈଶ୍ବର ଯୀଶୁଙ୍କୁ ଉଭୟ ପ୍ରଭୁ ଓ ମଶୀହ ହେବାକୁ ଦେଇଅଛନ୍ତି!”



ଲୋକମାନେ ପିତରଙ୍କ କଥା ଶୁଣିଲେ ଏବଂ ସେ କହିଥିବା କଥା ଯୋଗୁଁ ଗଭୀର ଭାବରେ ସଞ୍ଚାଳିତ ହେଲେ  ତେଣୁ ସେମାନେ ପିତର ଓ ଅନ୍ୟ ଶିଷ୍ୟମାନଙ୍କୁ ପଚାରିଲେ “ଭାଇମାନେ, ଆମ୍ଭେମାନେ କ’ଣ କରିବା?”



ପିତର ସମୋନଙ୍କୁ ଉତ୍ତର ଦଲେେ "ଆପଣମାନେ ପ୍ରତ୍ୟକେେ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହଉେନ୍ତୁ ଯପେରିକି ଈଶ୍ବର ଆପଣମାନଙ୍କର ପାପକ୍ଷମା କରିବେ  ତା'ପରେ ସେ ପବିତ୍ରଆତ୍ମାଙ୍କ ଦାନ ଦବେେ "



ପ୍ରାୟ 3000 ଲୋକ ପିତର କହିଥିବା କଥା ବିଶ୍ବାସ କରି ଯୀଶୁଙ୍କର ଶିଷ୍ୟ ହଲେେ  ସମୋନେ ବିଶ୍ବାସ କରି ଯିରୁଶାଲମରେ ଥିବା ମଣ୍ଡଳୀର ଏକ ଅଂଶ ହଲେେ



ନୂତନ ଶିଷ୍ୟମାନେ ନିରନ୍ତର ଭାବରେ ପ୍ରଥମ ଶିଷ୍ୟମାନଙ୍କ ଶିକ୍ଷା ଶୁଣିବାକୁ ଲାଗିଲେ, ଏକାଠି ସମୟ କଟାଇଲେ, ଏକାଠି ଭୋଜନ କଲେ, ଏବଂ ଏକାଠି ପ୍ରାର୍ଥନା କଲେ  ସେମାନେ ଏକାଠି ଈଶ୍ବରଙ୍କର ପ୍ରଶଂସା କରିବାକୁ ଲାଗିଲେ ଏବଂ ସେମାନଙ୍କର ଯାହା ଯାହା ଥିଲା ତାହା ନିଜ ନିଜ ମଧ୍ୟରେ ବାଣ୍ଟିବାକୁ ଲାଗିଲେ  ପ୍ରତ୍ୟେକେ ପ୍ରତ୍ୟେକଙ୍କର ମଙ୍ଗଳ କାମନା କରୁଥିଲେ  ପ୍ରତିଦିନ ଅଧିକାରୁ ଅଧିକ ଲୋକ ବିଶ୍ବାସ କରୁଥିଲେ

ପ୍ରେରିତ *2*

44. ପିତର ଓ ଯୋହନ ଏକ ଭିକ୍ଷୁକକୁ ସୁସ୍ଥ କରନ୍ତି



ଦିନେ, ପିତର ଓ ଯୋହନ ମନ୍ଦିରକୁ ଯାଉଥିଲେ  ସମୋନେ ଯତେବେଳେ ମନ୍ଦିର ଦ୍ୱାରରେ ଉପସ୍ଥିତ ହଲେେ, ସମୋନେ ଏକ ଖଞ୍ଜକୁ ଅର୍ଥ ମାଗୁଥିବାର ଦଖେିଲେ



ପିତର ଖଞ୍ଜ ବ୍ୟକ୍ତି ପ୍ରତି ଦୃଷ୍ଟି କରି କହିଲେ "ଦବୋ ନିମନ୍ତେ ମୋଠାରେ ଅର୍ଥ ନାହିଁ  କିନ୍ତୁ ମୋହର ଯାହା ଅଛି ତାହା ମୁଁ ତୁମ୍ଭକୁ ଦେଉଅଛି  ନାଜରିତୀୟ ଯୀଶୁଙ୍କ ନାମରେ ଉଠି ଚାଲ!"



ସାଙ୍ଗେ ସାଙ୍ଗେ, ଇଶ୍ବର ସେହି ଖଞ୍ଜ ଲୋକକୁ ସୁସ୍ଥ କଲେ, ଏବଂ ସେ ଚାରିପାଖରେ କୁଦା ମାରି ମାରି ଚାଲିବାକୁ ଲାଗିଲା  ମନ୍ଦିର ପ୍ରାଙ୍ଗଣରେ ଥିବା ଲୋକମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ



ଯେଉଁ ଲୋକଟି ସୁସ୍ଥ ହୋଇଥିଲା ତାହାକୁ ଦେଖିବା ନିମନ୍ତେ ଲୋକ ଗହଳି ଆସିଲେ  ପିତର ସେମାନଙ୍କୁ କହିଲେ "ଏହି ଲୋକ ସୁସ୍ଥ ହେବାରୁ ତୁମ୍ଭେମାନେ କାହିଁକି ଏତେ ଆଶ୍ଚର୍ଯ୍ୟାନ୍ୱିତ ହେଉଅଛ? ଆମ୍ଭମାନଙ୍କ ଶକ୍ତି ବା ଉତ୍ତମତା ଦ୍ୱାରା ଆମ୍ଭେମାନେ ସେହି ଲୋକକୁ ସୁସ୍ଥ କରିନାହୁଁ ବରଂ, ଏହା ଯୀଶୁଙ୍କ ଶକ୍ତି ଓ ଯୀଶୁ ପ୍ରଦାନ କରିଥିବା ବିଶ୍ୱାସ ଯାହା ସେହି ବ୍ୟକ୍ତିଙ୍କୁ ସୁସ୍ଥ କଲା "



"ଆପଣମାନେ ହିଁ ଯୀଶୁଙ୍କୁ ବଧ କରିବା ନିମନ୍ତେ ରୋମୀୟ ଶାସକଙ୍କୁ କହିଥିଲେ  ଆପଣମାନେ ଜୀବନର କର୍ତ୍ତାଙ୍କୁ ହତ୍ୟା କଲେ, କିନ୍ତୁ ଈଶ୍ବର ତାହାଙ୍କୁ ମୃତରୁ ଉଠାଇଅଛନ୍ତି  ଆପଣମାନେ ଯାହା ଯାହା କରୁଅଛନ୍ତି ତାହା ଯଦିଓ ବୁଝିପାରିନଥିଲେ, ତଥାପି ମଶୀହ ଯେ ଦୁଃଖଭୋଗ କରି ମୃତ୍ୟୁବରଣ କରିବେ ଏହି ଭାବବାଣୀ ସଫଳ କରିବା ନିମନ୍ତେ ଈଶ୍ବର ଆପଣମାନଙ୍କର କାର୍ଯ୍ୟକୁ ବ୍ୟବହାର କଲେ  ତେଣୁ, ବର୍ତ୍ତମାନ, ମନପରିବର୍ତ୍ତନ ବା ଅନୁତାପ କରି ଈଶ୍ବରଙ୍କ ନିକଟକୁ ଫେରନ୍ତୁ ଯେପରିକି ଆପଣମାନଙ୍କର ପାପ କ୍ଷମା ହୋଇପାରେ "



ପିତର ଓ ଯୋହନ ଯାହା ଯାହା କହୁଥିଲେ ତାହା ଶୁଣି ମନ୍ଦିରର ନେତାମାନେ ବିଚଳିତ ହୋଇଯାଇଥିଲେ  ତେଣୁ ସେମାନେ ସେମାନଙ୍କୁ ଗିରଫ କରି କାରାଗାରରେ ରଖିଲେ  କିନ୍ତୁ ଅନେକ ଲୋକ ପିତରଙ୍କ ବାର୍ତ୍ତାରେ ବିଶ୍ବାସ କଲେ, ଏବଂ ଯୀଶୁଙ୍କୁ ବିଶ୍ବାସ କରିଥିବା ଲୋକମାନଙ୍କର ସଂଖ୍ୟା 5000 ରେ ପହଞ୍ଚିଥିଲା



ପରଦିନ ଯିହୂଦୀ ନେତାମାନେ ପିତର ଓ ଯୋହନଙ୍କୁ ମହାଯାଜକ ଓ ଅନ୍ୟ ଧର୍ମଗୁରୁଙ୍କ ନିକଟକୁ ଆଣିଲେ  ସେମାନେ ପିତର ଓ ଯୋହନଙ୍କୁ ପଚାରିଲେ "କେଉଁ ଶକ୍ତିରେ ତୁମ୍ଭେମାନେ ଏହି ଖଞ୍ଜ ବ୍ୟକ୍ତିକୁ ସୁସ୍ଥ କଲ?"



ପିତର ସେମାନଙ୍କୁ ଉତ୍ତର ଦେଲେ "ଏହି ବ୍ୟକ୍ତି ଯୀଶୁ ମଶୀହଙ୍କ ଶକ୍ତି ଦ୍ବାରା ସୁସ୍ଥ ହୋଇ ଠିଆ ହୋଇଅଛି  ଆପଣମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କରିଅଛନ୍ତି, କିନ୍ତୁ ଇଶ୍ବର ପୁନର୍ବାର ଜୀବିତ କରିଅଛନ୍ତି! ଆପଣମାନେ ତାହାଙ୍କୁ ଅଗ୍ରାହ୍ୟ କରିଅଛନ୍ତି, କିନ୍ତୁ ଉଦ୍ଧାରପ୍ରାପ୍ତ ହେବା ନିମନ୍ତେ ଯୀଶୁଙ୍କ ଶକ୍ତି ବିହୂନେ ଆଉ କୌଣସି ଉପାୟ ନାହିଁ



ପିତର ଓ ଯୋହନ ଏତେ ସାହସରେ କଥା କହୁଥିବା ଦେଖି ନେତାମାନେ ଆଶ୍ଚର୍ଯ୍ୟ ହେଲେ କାରଣ ସେମାନେ ଦେଖିଲେ ଯେ ସେମାନେ ସାଧାରଣ ଓ ଅଶିକ୍ଷିତ ଥିଲେ  କିନ୍ତୁ ପରେ ସେମାନେ ସ୍ମରଣ କଲେ ଯେ ଏମାନେ ଯୀଶୁଙ୍କ ସହିତ ଥିଲେ  ସେମାନେ ପିତର ଓ ଯୋହନଙ୍କୁ ଭୟଭୀତ କଲା ପରେ ଛାଡିଦେଇଥିଲେ

ପିତର *3:1–4:22*

# 45. ଫିଲିପ୍ପ ଏବଂ ଇଥିଓପିଆ କର୍ମଚାରୀ



ମଣ୍ଡଳୀ ନେତୃବୃନ୍ଦଙ୍କ ମଧ୍ୟରୁ ସ୍ତିଫାନ ନାମକ ଜଣେ ବ୍ୟକ୍ତି ଥିଲେ  ତାଙ୍କର ସୁଖ୍ୟାତି ଥିଲା ଏବଂ ସେ ସମ୍ପୂର୍ଣ୍ଣ ପବିତ୍ରଆତ୍ମା ଓ ବୁଦ୍ଧିରେ ପୂର୍ଣ୍ଣ ହୋଇଥିଲେ  ସ୍ତିଫାନ ଅନେକ ଆଶ୍ଚର୍ଯ୍ୟ କର୍ମ କଲେ ଏବଂ ପ୍ରଭାବଶାଳୀ ଭାବେ ବିଚାର କଲେ ଯେ ଲୋକମାନେ ଯୀଶୁଙ୍କଠାରେ ବିଶ୍ୱାସ କରିବେ



ଦିନେ, ଯେତେବେଳେ ସ୍ତିଫାନ ଯୀଶୁଙ୍କ ବିଷୟରେ ଶିକ୍ଷା ଦେଉଥିଲେ, ସେତେବେଳେ ଯୀଶୁଙ୍କଠାରେ ବିଶ୍ୱାସ କରୁଥିବା କେତେଜଣେ ଯିହୂଦୀ ସ୍ତିଫାନଙ୍କ ସହ ଯୁକ୍ତିତର୍କ କରିବାକୁ ଲାଗିଲେ  ସେମାନେ ଅତି କ୍ରୋଧ କରିଥିଲେ ଏବଂ ସ୍ତିଫାନଙ୍କ ବିଷୟରେ ଧର୍ମନେତାମାନଙ୍କୁ ମିଥ୍ୟା କହିବାକୁ ଲାଗିଲେ ସେମାନେ କହିଲେ "ଆମ୍ଭେମାନେ ତାହାକୁ ମୋଶା ଓ ଇଶ୍ୱରଙ୍କ ବିରୁଦ୍ଧରେ କଥା କହିବାର ଶୁଣିଅଛୁ!" ତେଣୁ ଧର୍ମନେତାମାନେ ସ୍ତିଫାନଙ୍କୁ ଗିରଫ କଲେ ଏବଂ ମହାଯାଜକ ଓ ଯିହୂଦୀମାନଙ୍କ ନେତାଙ୍କ ନିକଟକୁ ତାଙ୍କୁ ଆଣିଲେ ଯେଉଁଠି ସ୍ତିଫାନଙ୍କ ବିରୁଦ୍ଧରେ ଅଧିକ ମିଥ୍ୟାସାକ୍ଷୀ ମିଥ୍ୟା କହିଲେ



ମହାଯାଜକ ସ୍ତିଫାନଙ୍କୁ ପଚାରିଲେ "ଏହି ସମସ୍ତ କଥା କି ସତ୍ୟ?" ଅବ୍ରହାମଙ୍କ ସମୟରୁ ଆରମ୍ଭ କରି ଯୀଶୁଙ୍କ ସମୟ ପର୍ଯ୍ୟନ୍ତ ଈଶ୍ୱର ଯେଉଁ ସମସ୍ତ ମହା ମହା କର୍ମ କରିଥିଲେ ସେଥିରୁ ଅନେକ ସ୍ମରଣ କରାଇଦେଇ ସେମାନଙ୍କୁ ଉତ୍ତର ଦେଇ କହିଲେ ଯେ ଈଶ୍ୱରଙ୍କ ଲୋକମାନେ କିପରି ନିରନ୍ତର ଭାବେ ତାହାଙ୍କର ଅନାଜ୍ଞାବହ ହେଉଥିଲେ  ତା'ପରେ ସେ କହିଲେ "ହେ ଜଡ ହୃଦୟ ଓ ବିଦ୍ରୋହୀ ଲୋକମାନେ ଆପଣମାନେ ସର୍ବଦା ପବିତ୍ରଆତ୍ମାଙ୍କର ପ୍ରତିରୋଧ କରୁଅଛନ୍ତି, ଠିକ୍‌ସେପରି ଆପଣଙ୍କ ପୂର୍ବ ପୁରୁଷମାନେ ସର୍ବଦା ଈଶ୍ୱରଙ୍କର ପ୍ରତିରୋଧ କରି ତାହାଙ୍କ ଭାବବାଦୀମାନଙ୍କୁ ହତ୍ୟା କରିଥିଲେ କିନ୍ତୁ ସେମାନଙ୍କ ଅପେକ୍ଷା ଆପଣମାନେ ସେମାନଙ୍କ ଅପେକ୍ଷା ଅଧିକ ଭୁଲ୍‌କରୁଅଛନ୍ତି! ଆପଣମାନେ ମଶୀହଙ୍କୁ ହତ୍ୟା କରିଅଛନ୍ତି!"



ଯେତେବେଳେ ଧର୍ମନେତାମାନେ ଏହା ଶୁଣିଲେ, ସେମାନେ ଏତେ ମାତ୍ରାରେ କ୍ରୋଧ କରିଥିଲେ ଯେ ସେମାନେ ସେମାନଙ୍କ କର୍ଣ୍ଣକୁ ଚାପି ଧରି ଅତି ଉଚ୍ଚ ସ୍ୱରରେ ଚିତ୍କାର କଲେ  ସେମାନେ ସ୍ତିଫାନଙ୍କୁ ନଗର ବାହାରକୁ ଟାଣି ଟାଣି ନେଲେ ଏବଂ ତାଙ୍କୁ ହତ୍ୟା କରିବା ପାଇଁ ପ୍ରସ୍ତରାଘାତ (ପଥର ଫୋପାଡିଲେ) କଲେ



ସ୍ତିଫାନ ମୃତ୍ୟୁଭୋଗ କରିବା ପୂର୍ବରୁ ଉଚ୍ଚ ସ୍ୱରରେ ଚିତ୍କାର କରି କହିଲେ "ହେ ଯୀଶୁ, ମୋ ଆତ୍ମାକୁ ଗ୍ରହଣ କର " ତା'ପରେ ସେ ଆଣ୍ଠୋଇପଡି ପୁନର୍ବାର ଉଚ୍ଚ ସ୍ୱରରେ କହିଲେ "ହେ ପ୍ରଭୁ, ଏହି ପାପ ସେମାନଙ୍କ ବିରୁଦ୍ଧରେ ଗଣନା କରନାହିଁ " ତା'ପରେ ସେ ମୃତ୍ୟୁଭୋଗ କଲେ



ଶାଉଲ ନାମକ ଜଣେ ଲୋକ ସ୍ତିଫାନଙ୍କୁ ହତ୍ୟା କରୁଥିବା ଲୋକମାନଙ୍କ ସହ ଏକମତ ଥିଲେ ଯିଏ ହତ୍ୟାକାରୀମାନେ ହତ୍ୟା କରୁଥିବା ସମୟରେ ସେମାନଙ୍କର ବସ୍ତ୍ର ରକ୍ଷା କରୁଥିଲେ ସେହି ଦିନ, ଯିରୁଶାଲମରେ ଥିବା ଲୋକମାନେ ଯୀଶୁଙ୍କର ଅନୁଗମନକାରୀମାନଙ୍କୁ ତାଡନା କରିବାକୁ ଆରମ୍ଭ କଲେ, ତେଣୁ ବିଶ୍ୱାସୀମାନେ ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ଲାଗିଲେ କିନ୍ତୁ, ଏହି ସମସ୍ତ ସତ୍ତ୍ୱେ, ସେମାନେ ଯେଉଁ ଯେଉଁ ସ୍ଥାନକୁ ଗଲେ ସେଠାରେ ଯୀଶୁଙ୍କର ପ୍ରଚାର କରିବାକୁ ଲାଗିଲେ



ଯୀଶୁଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଫିଲିପ୍ପ ଏହି ପଳାଇଯାଇଥିବା ବିଶ୍ୱାସୀମାନଙ୍କ ମଧ୍ୟରୁ ଜଣେ ଥିଲେ ସେ ଶମରିୟାକୁ ଯାଇ ସେଠାରେ ଯୀଶୁଙ୍କ ବିଷୟରେ ପ୍ରଚାର କଲେ ଓ ଅନେକେ ଲୋକ ସେଠାରେ ଉଦ୍ଧାରପ୍ରାପ୍ତ (ପରିତ୍ରାଣପ୍ରାପ୍ତ) ହେଲେ ତା'ପରେ ଦିନେ, ଈଶ୍ୱରଙ୍କ ନିକଟରୁ ଜଣେ ଦୂତ ଆସି ଫିଲିପ୍ପଙ୍କୁ ମରୁଭୂମିରେ ପଡିଥିବା ନିର୍ଦ୍ଧିଷ୍ଟ ପଥ ଦେଇ ଯିବା ନିମନ୍ତେ କହିଲେ ସେ ଯେତେବେଳେ ସେହି ପଥ ଦେଇ ଯାଉଥିଲେ, ଫିଲିପ୍ପ ଦେଖିଲେ ଯେ ଇଥିଓପିଆ ରାଜ ପରିବାରର ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ ତାଙ୍କ ରଥରେ ଆସୁଅଛନ୍ତି ସେହି ଲୋକ ନିକଟକୁ ଯାଇ ତାଙ୍କ ସହ କଥା ହେବା ପାଇଁ ପବିତ୍ରଆତ୍ମା ଫିଲିପ୍ପଙ୍କୁ କହିଲେ



ଫିଲିପ୍ପ ଯେତେବେଳେ ରଥର ନିକଟବର୍ତ୍ତୀ ହେଲେ, ସେ ଯିଶାଇୟ ଭାବବାଦୀଙ୍କ ପୁସ୍ତକରୁ ପାଠ କରୁଥିବାର ଶୁଣିଲେ ସେହି ଲୋକ ପାଠ କରୁଥିଲେ "ସେମାନେ ମେଷ ତୁଲ୍ୟ ତାଙ୍କୁ ହତ ହେବା ନିମନ୍ତେ ନେଲେ, ଏବଂ ନିରବ ମେଷ ତୁଲ୍ୟ ସେ ଆପଣା ମୁଖ ଫିଟାଇଲେ ନାହିଁ ସେମାନେ ତାଙ୍କୁ ଦୁର୍ବ୍ୟବହାର କଲେ ଏବଂ ତାଙ୍କୁ ସମାଦର କଲେନାହିଁ ସେମାନେ ତାଙ୍କଠାରେ ତାଙ୍କ ଜୀବନ ନେଲେ "



ଫିଲିପ୍ପ ସହେି ଇଥିଓପିଆ ଲୋକଙ୍କୁ ପଚାରିଲେ "ଆପଣ ଯାହା ପାଠ କରୁଅଛନ୍ତି ତାହା ବୁଝୁଅଛନ୍ତିକି?" ଇଥିଓପିଆ ବ୍ୟକ୍ତି ଉତ୍ତର ଦଲେେ "ନା କହେି ମୋତେ ବୁଝାଇନଦଲେେ ମୁଁ କିପରି ବୁଝିବି ଦୟାକରି ଆସି ମୋ ନିକଟରେ ବସନ୍ତୁ ଯିଶାଇୟ କ'ଣ ନିଜ ବିଷୟରେ ନା ଆଉ କାହା ବିଷୟରେ ଏହା କହୁଅଛନ୍ତି?"



ଫିଲିପ୍ପ ତାଙ୍କୁ ବୁଝାଇ କହିଲେ ଯେ ଯିଶାଇୟ ଯୀଶୁଙ୍କ ବିଷୟରେ ଏହା ଲଖେୁଅଛନ୍ତି ଯୀଶୁଙ୍କ ବିଷୟରେ ଥିବା ଶୁଭସମ୍ବାଦ କହିବା ନିମନ୍ତେ ଫିଲିପ୍ପ ଅନ୍ୟ ଶାସ୍ତ୍ରାଂଶ ମଧ୍ୟ ବୁଝାଇଦଲେେ



ଯେତେବେଳେ ଫିଲିପ୍ପ ଓ ଇଥିଓପିଅ ଯାତ୍ରା କରୁଥିଲେ, ସେମାନେ ଏକ ଜଳାଶୟ ନିକଟକୁ ଆସିଲେ ଇଥିଓପିଅ ବ୍ୟକ୍ତି କହିଲେ "ଦେଖନ୍ତୁ! ଏଠାରେ ଜଳ ଅଛି! ମୁଁ ବାପ୍ତିଜିତ ହୋଇପାରେ କି?" ଏବଂ ସେ ତାଙ୍କ ରଥ ଚାଳକଙ୍କୁ ରଥ ଅଟକାଇବା ନିମନ୍ତେ କହିଲେ



ତଣ୍ଟେ ସେମାନେ ଜଳ ମଧ୍ୟକୁ ଓହ୍ଲାଇଗଲେ, ଏବଂ ଫିଲିପ୍ପ ସହେି ଇଥିଓପିଅଙ୍କୁ ବାପ୍ତିସ୍ମ ଦେଲେ ସେମାନେ ଜଳରୁ ଉଠି ଆସିଲା ପରେ, ପବିତ୍ରଆତ୍ମା ଫିଲିପ୍ପଙ୍କୁ ଅନ୍ୟ ଏକ ସ୍ଥାନକୁ ଘେନିଗଲେ ଯେଉଠି ସେ ଯୀଶୁଙ୍କ ବିଷୟରେ ଲୋକମାନଙ୍କୁ ନିରନ୍ତର କହିବାକୁ ଲାଗିଲେ



ଇଥିଓପିଅ ତାଙ୍କ ଗୃହ ପଟ ଯାତ୍ରା ଜାରି ରଖିଲେ, ସେ ଆନନ୍ଦିତ ଥିଲେ ଯେ ସେ ଯୀଶୁଙ୍କୁ ଜାଣିଲେ

ପିତର *6:8–8:5; 8:26–40*

# 46. ପାଉଲ ଖ୍ରୀଷ୍ଟିୟାନ ହୁଅନ୍ତି



ସ୍ତିଫାନଙ୍କୁ ହତ୍ୟା କରୁଥିବା ଲୋକମାନଙ୍କର ବସ୍ତ୍ରକୁ ଶାଉଲ ନାମକ ଜଣେ ଯୁବା ଜଗିଥିଲେ ସେ ଯୀଶୁଙ୍କଠାରେ ବିଶ୍ବାସ କଲେନାହିଁ, ତେଣୁ ସେ ବିଶ୍ବାସୀମାନଙ୍କୁ ତାଡନା କରିଥିଲେ ସେ ଉଭୟ ପୁରୁଷ ଓ ସ୍ତ୍ରୀଙ୍କୁ ଯେପେରି ବାନ୍ଧି ଆଣିପାରନ୍ତି ସେଥିପାଇଁ ଯିରୁଶାଲମରେ ଥିବା ପ୍ରତି ବିଶ୍ବାସୀଙ୍କ ଗୃହରେ ପଶୁଥିଲେ ଦମ୍ମସେକରେ ଥିବା ଖ୍ରୀଷ୍ଟିୟାନମାନଙ୍କୁ ଯେପେରି ଶାଉଲ ଧରି ଯିରୁଶାଲମ ଆଣିପାରିବେ ସେଥିପାଇଁ ସେ ମହାଯାଜକ ତାଙ୍କୁ ଅନୁମତି ପ୍ରଦାନ କରିଥିଲେ



ଶାଉଲ ଯେତେବେଳେ ଦମ୍ମସେକ ପଥରେ ଯାଉଥିଲେ, ଆକାଶରୁ ଏକ ଅତି ଉଜ୍ଜଳ ଆଲୋକ ତାହାଙ୍କ ଚାରିପଟ ଝଲସି ଉଠିଲା ଏବଂ ସେ ଭୂମିରେ ପଡିଗଲେ କେହି ଜଣେ ନିମ୍ନ ବାକ୍ୟ କହିବାର ଶାଉଲ ଶୁଣୀଲେ, "ଶାଉଲ! ଶାଉଲ! ତୁମ୍ଭେ କାହିଁକି ମୋତେ ତାଡନା କରୁଅଛ?" ଶାଉଲ ପଚାରିଲେ "ପ୍ରଭୁ, ଆପଣ କିଏ ?" ଯୀଶୁ ଉତ୍ତର ଦଲେେ "ମୁଁ ଯୀଶୁ ଅଟେ ତୁମ୍ଭେ ମୋତେ (ବା ଆମ୍ଭକୁ) ତାଡନା କରୁଅଛ!"



ଶାଉଲ ଯେତେବେଳେ ଉଠିଲେ, ସେ କିଛି ଦେଖିପାରିଲେ ନାହିଁ  ତାହାଙ୍କ ବନ୍ଧୁମାନେ ତାହାଙ୍କୁ ଦମ୍ମେସେକକୁ ପଥ କଢାଇ ନେଲେ ଶାଉଲ ତିନିଦିନ ପର୍ଯ୍ୟନ୍ତ କିଛି ଖାଇଲେ ନାହିଁ କିମ୍ବା ପିଇଲେ ନାହିଁ



ହନନିୟ ନାମକ ଜଣେ ଶିଷ୍ୟ ଦମ୍ମେସେକରେ ରହୁଥିଲେ  ଈଶ୍ବର ତାହାଙ୍କୁ କହିଲେ "ଶାଉଲ ରହୁଥିବା ଗୃହକୁ ଯାଅ  ତାହାଙ୍କ ଉପରେ ହସ୍ତ ରଖ ଯେପରିକି ସେ ଦୃଷ୍ଟିଶକ୍ତି ଫେରିପାଇବେ " କିନ୍ତୁ ହନନିୟ କହିଲେ "ପ୍ରଭୁ, ଏହି ବ୍ୟକ୍ତି କିପରି ବିଶ୍ବାସୀମାନଙ୍କୁ ତାଡନା କରିଅଛି ତାହା ମୁଁ ଶୁଣିଅଛି " ଈଶ୍ବର ତାହାଙ୍କୁ ଉତ୍ତର ଦେଲେ "ଯାଅ! ଯିହୂଦୀ ଓ ଅନ୍ୟ ଲୋକଦଳ ମଧ୍ୟରେ ମୋର ନାମ ଘୋଷଣା କରିବା ନିମନ୍ତେ ମୁଁ ତାଙ୍କୁ ମନୋନୀତ କରିଅଛି  ସେ ମୋ ନାମ ସକାଶେ ଅନେକ ଦୁଃଖକ୍ଲେଶ ପାଇବ "



ତେଣୁ ହନନିୟ ଶାଉଲ ରହୁଥିବା ଗୃହକୁ ଗଲେ, ତାଙ୍କ ଉପରେ ଆପଣାର ହସ୍ତ ରଖିଲେ ଏବଂ କହିଲେ "ଆପଣ ଏଠାକୁ ଆସୁଥିବା ସମୟରେ ଯେଉଁ ଯୀଶୁ ଆପଣଙ୍କୁ ଦର୍ଶନ ଦେଇଅଛନ୍ତି, ସେ ମୋତେ ଆପଣଙ୍କ ନିକଟକୁ ପ୍ରେରଣ କରିଅଛନ୍ତି ଯେପରିକି ଆପଣ ଦୃଷ୍ଟିଶକ୍ତି ଫେରିପାଇବେ ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେବେ " ଶାଉଲ ସାଙ୍ଗେ ସାଙ୍ଗେ ଦୃଷ୍ଟିଶକ୍ତି ଫେରିପାଇବାକୁ ସକ୍ଷମ ହେବେ, ଏବଂ ହନନିୟ ତାଙ୍କୁ ବାପ୍ତିସ୍ମ ଦେଲେ  ତା'ପରେ ଶାଉଲ କିଛି ଖାଦ୍ୟ ଖାଇଲେ ଏବଂ ବଳ ଫେରି ପାଇଲେ



ତତ୍‌କ୍ଷଣାତ୍‌ଶାଉଲ ଦମ୍ମସେକରେ ଥିବା ଯିହୂଦୀମାନଙ୍କ ନିକଟରେ ପ୍ରଚାର କରିବାକୁ ଆରମ୍ଭ କଲେ "ଯୀଶୁ ହିଁ ଈଶ୍ବରଙ୍କ ପୁତ୍ର ଅଟନ୍ତି!" ଯେଉଁ ବ୍ୟକ୍ତି ବିଶ୍ବାସୀମାନଙ୍କୁ ବିନାଶ କରିବା ନିମନ୍ତେ ଚେଷ୍ଟା କରୁଥିଲା ଏବଂ ସେ ଯେ ଏବେ ଯୀଶୁଙ୍କଠାରେ ବିଶ୍ବାସ କରେ ସେ ବିଷୟରେ ଯିହୂଦୀମାନେ ଆଶ୍ଚର୍ଯ୍ୟଚକିତ ହେଲେ  ଶାଉଲ ଯିହୂଦୀମାନଙ୍କ ସହ ଯୁକ୍ତିତର୍କ କରି ପ୍ରମାଣିତ କଲେ ଯେ ଯୀଶୁ ହିଁ ହେଉଛନ୍ତି ଯୀଶୁ



ଅନକେ ଦିନ ଉତ୍ତାରେ, ଶାଉଲଙ୍କୁ ହତ୍ୟା କରିବା ନିମନ୍ତେ ଯିହୂଦୀମାନେ ଯୋଜନା କଲେ ସମୋନେ ତାହାଙ୍କୁ ହତ୍ୟା କରିବା ନିମନ୍ତେ ନଗର ଦ୍ଵାରରେ ଲୋକ ଜଗାଇ ରଖିଲେ କିନ୍ତୁ ଶାଉଲ ସହେି ଯୋଜନା ବିଷୟରେ ଶୁଣିବାକୁ ପାରିଲେ, ଏବଂ ସଥେିରୁ ଖସି ପଳାଇଯିବା ନିମନ୍ତେ ତାହାଙ୍କ ବନ୍ଧୁମାନେ ତାହାଙ୍କୁ ସାହାଯ୍ୟ କଲେ ଏକ ରାତ୍ରିବଳେେ ସମୋନେ ଗୋଟିଏ ଟୋକଇେରେ ପ୍ରାଚୀର ଉପରୁ ତଳକୁ ଓହ୍ଲାଇ ଦଲେେ ଶାଉଲ ଦମ୍ମସେକରୁ ଖସି ପଳାଇଗଲା ପରେ, ସେ ଯୀଶୁଙ୍କ ବିଷୟରେ ପ୍ରଚାର କରିବା ଜାରି ରଖିଲେ



ଶାଉଲ ଶିଷ୍ୟମାନଙ୍କ ସହ ମିଶିବା ନିମନ୍ତେ ଯିରୁଶାଲମକୁ ଗଲେ, କିନ୍ତୁ ସମୋନେ ତାଙ୍କୁ ଭୟ କରୁଥିଲେ ତା'ପରେ ବର୍ଣ୍ଣବ୍ବା ନାମକ ଜଣେ ବିଶ୍ଵାସୀ ଶିଷ୍ୟମାନଙ୍କ ନିକଟକୁ ଶାଉଲଙ୍କୁ ନଲେେ ଏବଂ ସମୋନଙ୍କୁ କହିଲେ ଯେ ସେ କିପରି ଦମ୍ମସେକରେ ସାହସ ପୂର୍ବକ ପ୍ରଚାର କରିଥିଲେ ତାହା ପରେ, ଶିଷ୍ୟମାନେ ଶାଉଲଙ୍କୁ ଗ୍ରହଣ କଲେ



ଯେଉଁ ଶିଷ୍ୟମାନେ ତାଡନା ସକାଶୁ ଯିରୁଶାଲମ ଛାଡି ପଳାଇଥିଲେ, ସେମାନେ ଆନ୍ତିୟଖିଆ ପର୍ଯ୍ୟନ୍ତ ଯାଇ ଯୀଶୁଙ୍କ ବିଷୟରେ ପ୍ରଚାର କରିବାକୁ ଲାଗିଲେ ଆନ୍ତିୟଖିଆରେ ଥିବା ଅଧିକାଂଶ ଲୋକ ଯିହୂଦୀ ନ ଥିଲେ, କିନ୍ତୁ ପ୍ରଥମ ଥର ନିମନ୍ତେ ସେମାନଙ୍କ ମଧ୍ୟରୁ ଅନେକେ ବିଶ୍ୱାସୀ ହେଲେ  ବର୍ଣ୍ଣବ୍ବା ଓ ଶାଉଲ ସେଠାରେ ଥିବା ନୂତନ ବିଶ୍ୱାସୀମାନଙ୍କୁ ଯୀଶୁଙ୍କ ବିଷୟରେ ଅଧିକ ଶିକ୍ଷା ଦେବା ନିମନ୍ତେ ଓ ମଣ୍ଡଳୀକୁ ମଜବୁତ କରିବା ନିମନ୍ତେ ଗଲେ  ଆନ୍ତିୟଖିଆ ମଣ୍ଡଳୀରେ ଥିବା ବିଶ୍ୱାସୀମାନଙ୍କୁ ପ୍ରଥମେ "ଖ୍ରୀଷ୍ଟିୟାନ" ବୋଲି କୁହାଗଲା



ଦିନେ, ଆନ୍ତିୟଖିଆ ମଣ୍ଡଳୀରେ ଥିବା ବିଶ୍ୱାସୀମାନେ ଉପବାସ ଓ ପ୍ରାର୍ଥନା କରୁଥିବା ସମୟରେ ପବିତ୍ରଆତ୍ମା ସେମାନଙ୍କୁ କହିଲେ "ବର୍ଣ୍ଣବ୍ବା ଓ ଶାଉଲଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ମୁଁ ଆହ୍ୱାନ କରିଛି ସେଥିନିମନ୍ତେ ସେମାନଙ୍କୁ ମୋ ନିମନ୍ତେ ପୃଥକ୍‌କର " ତେଣୁ ଆନ୍ତିୟଖିଆ ମଣ୍ଡଳୀ ବର୍ଣ୍ଣବ୍ବା ଓ ଶାଉଲଙ୍କ ନିମନ୍ତେ ପ୍ରାର୍ଥନା କରି ସେମାନଙ୍କ ଉପରେ ହସ୍ତାର୍ପଣ କଲେ ତା'ପରେ ସେମାନେ ଅନେକ ସ୍ଥାନରେ ଯୀଶୁଙ୍କ ବିଷୟକ ଶୁଭସମ୍ବାଦ ପ୍ରଚାର କରିବା ନିମନ୍ତେ ସେମାନଙ୍କୁ ପ୍ରେରଣ କଲେ  ବର୍ଣ୍ଣବ୍ବା ଓ ଶାଉଲ ବିଭିନ୍ନ ଲୋକଦଳକୁ ଶିକ୍ଷା ଦେବାକୁ ଲାଗିଲେ ଏବଂ ଅନେକ ଲୋକ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଲାଗିଲେ

# 47. ଫିଲିପ୍ପୀରେ ପାଉଲ ଓ ଶୀଲା



ଶାଉଲ ରୋମୀୟ ସାମ୍ରାଜ୍ୟ ସାରା ଯାତ୍ରା କରିବା ସମୟରେ ସେ ତାହାଙ୍କ ରୋମୀୟ ନାମ "ପାଉଲ" ବ୍ୟବହାର କରୁଥିଲେ ଦିନେ ପାଉଲ ଓ ତାଙ୍କ ବନ୍ଧୁ ଶୀଲା ଫିଲିପ୍ପୀରେ ଯୀଶୁଙ୍କ ଶୁଭସମ୍ବାଦ ଘୋଷଣା କରିବାକୁ ଗଲେ ସମୋନେ ସହର ବାହାରରେ ନଦୀ କୂଳରେ ଥିବା ଏକ ସ୍ଥାନକୁ ଗଲେ ଯେଉଁଠି ଲୋକମାନେ ପ୍ରାର୍ଥନା କରିବା ନିମନ୍ତେ ଏକତ୍ରିତ ହେଉଥିଲେ ସେଠାରେ ସମୋନେ ଲୂଦିଆ ନାମକ ଜଣେ ବ୍ୟବସାୟୀ ସ୍ତ୍ରୀଙ୍କୁ ଦେଖିଲେ ସେ ଈଶ୍ବରଙ୍କୁ ପ୍ରେମ କରୁଥିଲେ ଓ ତାଙ୍କର ଉପାସନା କରୁଥିଲେ



ଯୀଶୁଙ୍କ ବିଷୟକ ବାର୍ତ୍ତାକୁ ଯେପେରି ଲୂଦିଆ ବିଶ୍ବାସ କରିବେ ଏଥିପାଇଁ ଈଶ୍ବର ତାଙ୍କର ଚକ୍ଷୁ ଉନ୍ମୁକ୍ତ କରିଦେଲେ, ଏବଂ ସେ ଓ ତାହାଙ୍କ ପରିବାର ବାପ୍ତିଜିତ ହେଲେ ସେ ପାଉଲ ଓ ଶୀଲାଙ୍କୁ ତାଙ୍କ ଗୃହରେ ରହିବା ନିମନ୍ତେ ନିମନ୍ତ୍ରଣ କଲେ, ତେଣୁ ସମୋନେ ତାଙ୍କ ସହିତ ଓ ତାଙ୍କ ପରିବାର ସହିତ ରହିଲେ



ପାଉଲ ଓ ଶୀଲା ପ୍ରାର୍ଥନା ସ୍ଥାନରେ ଅନକେ ସମୟରେ ଲୋକମାନଙ୍କୁ ସାକ୍ଷାତ କରୁଥିଲେ ପ୍ରତିଦିନ ପରି ସମୋନେ ଯେତେବେଳେ ସେହି ପ୍ରାର୍ଥନା ସ୍ଥାନକୁ ଯାଉଥିଲେ, ସେତେବେଳେ ଭୂତାକ୍ରାନ୍ତ ଜଣେ ବାଳିକା ତାଙ୍କ ପଛେ ପଛେ ଯାଉଥିଲା ଏହି ଭୂତ ଦ୍ବାରା ସେ ଭବିଷ୍ୟତ ଗଣନା କରି ଲୋକମାନଙ୍କର ଭବିଷ୍ୟତ କହିପାରୁଥିଲା, ତେଣୁ ସେ ତା'ର ମାଲିକ ନିମନ୍ତେ ଏକ ଭବିଷ୍ୟତ କୁହାଳୀ ଭାବରେ ପ୍ରଚୁର ଅର୍ଥ ଉପାର୍ଜନ କରିଦେଉଥିଲା



ସମୋନେ ଚାଲିଯାଉଥିବା ସମୟରେ ସେହି ଭୂତାକ୍ରାନ୍ତ ଦାସୀ ଚିଲ୍ଲାଇ ଚିଲ୍ଲାଇ (ଚିତ୍କାର କରି) କହୁଥିଲା "ଏହି ଲୋକମାନେ ସର୍ବୋପରିସ୍ଥ ଈଶ୍ବରଙ୍କ ଦାସଗଣ ସମୋନେ ଉଦ୍ଧାରପ୍ରାପ୍ତ (ବା ପରିତ୍ରାଣପ୍ରାପ୍ତ) ହେବାର ଉପାୟ କହୁଅଛନ୍ତି!" ସେ ଅନକେ ସମୟ ଏପରି କରୁଥିଲା ଯେ ପାଉଲଏହା ଶୁଣିଶୁଣି ବିରକ୍ତ ହୋଇଗଲେ



ପରିଶେଷରେ ଯେତେବେଳେ ସେହି ଦାସୀ ବାଳିକା ଚିତ୍କାର କରି କହିବାକୁ ଲାଗିଲା, ପାଉଲ ବୁଲିପଡି ସେହି ଦାସୀଠାରେ ଥିବା ଆତ୍ମାକୁ କହିଲେ "ଯୀଶୁଙ୍କ ନାମରେ ଏହାଠାରୁ ବାହାରି ଯା " ସେହିକ୍ଷଣି ସେହି ଭୂତ ତାକୁ ଛାଡି ଚାଲିଗଲା



ଯେଉଁ ଲୋକ ସେହି ଦାସୀ ବାଳିକାକୁ ରଖି ବ୍ୟବହାର କରୁଥିଲା ସେ ଅତି କ୍ରୋଧ କଲା  ସେମାନେ ହୃଦୟଙ୍ଗମ କଲେ ଯେ ଭୂତ ବିହୂନେ ସେହି ଦାସୀ ବାଳିକା ଲୋକମାନଙ୍କର ଭବିଷ୍ୟତ କହିପାରିବ ନାହିଁ  ଏହାର ଅର୍ଥ ହେଉଛି ଲୋକମାନଙ୍କ ଭବିଷ୍ୟତ କହିବା ନିମନ୍ତେ ସେମାନେ ସେହି ଦାସୀ ବାଳିକାର ମାଲିକକୁ ଆଉ ଅର୍ଥ ଦେବେ ନାହିଁ



ତେଣେ ସେହି ଦାସୀ ବାଳିକାର ମାଲିକମାନେ ପାଉଲ ଓ ଶୀଲାଙ୍କୁ ରୋମୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଘେନିଗଲେ, ଯେଉଁମାନେ ପାଉଲ ଓ ଶୀଲାଙ୍କୁ ପ୍ରହାର କରି କାରାଗାରରେ ପୂରାଇ ଦେଲେ



ସେମାନେ ପାଉଲ ଓ ଶୀଲାଙ୍କୁ କାରାଗାରର ଅତି ସୁରକ୍ଷିତ ସ୍ଥାନରେ ରଖି ସେମାନଙ୍କ ପାଦକୁ ବନ୍ଧନ କରି ରଖିଦେଲେ  ତଥାପି ମଧ୍ୟରାତ୍ରିରେ ସେମାନେ ଈଶ୍ବରଙ୍କ ନିକଟରେ ସ୍ତବ କରିବାକୁ ଲାଗିଲେ



ହଠାତ୍, ଅତି ଭୟଙ୍କର ଭୂମିକମ୍ପ ହେଲା! କାରାଗାରରେ ଥିବା ସମସ୍ତ ଦ୍ଵାର ଖୋଲିଗଲା, ଏବଂ ସମସ୍ତ ବନ୍ଦୀଙ୍କ ହସ୍ତରୁ ଶିକୁଳି ଖସିପଡିଲା



କାରାରକ୍ଷକ ନିଦ୍ରାରୁ ଉଠିପଡିଲେ, ଏବଂ ଯେତେବେଳେ ସେ ଦେଖିଲେ ଯେ କାରାଗାରର ଦ୍ଵାର ସବୁ ଖୋଲା ଯାଇଛି, ସେ ଭୟଭୀତ ହୋଇଗଲେ  ସେ ଭାବିଲେ ଯେ ସମସ୍ତ ବନ୍ଦୀ ପଳାଇଯାଇଅଛନ୍ତି, ତେଣୁ ସେ ନିଜକୁ ନିଜେ ହତ୍ୟା କରିବା ନିମନ୍ତେ ଯୋଜନା କଲେ  (ସେ ଜାଣିଥିଲେ ଯେ ଯଦି ସେ ବନ୍ଦୀମାନଙ୍କୁ ମୁକ୍ତ କରିଦେଇଥିବା ବିଷୟ ରୋମୀୟ କର୍ତ୍ତୃପକ୍ଷ ଜାଣିବେ, ସେତେବେଳେ ସେମାନେ ତାଙ୍କୁ ହତ୍ୟା କରିବେ ) କିନ୍ତୁ ସେ ସେପରି କରୁଥିବା ବିଷୟକୁ ପାଉଲ ଦେଖି ଚିତ୍କାର କରି ଉଠିଲେ "ରୁହ! ନିଜର କିଛି କ୍ଷତି କରନାହିଁ  ଆମେ ସମସ୍ତେ ଏଠାରେ ଅଛୁ "



କାରାରକ୍ଷକ ଯେତେବେଳେ ପାଉଲ ଓ ଶୀଲାଙ୍କ ନିକଟକୁ ଆସିଲେ, ସେତେବେଳେ ସେ ଭୟରେ ଥରିଉଠିଲେ ପାଉଲ ଉତ୍ତର ଦେଲେ "ଯୀଶୁଙ୍କଠାରେ ବିଶ୍ୱାସ କର, ତାହା ହେଲେ ତୁମ୍ଭେ ଓ ତୁମ୍ଭ ପରିବାର ଉଦ୍ଧାରପ୍ରାପ୍ତ (ପରିତ୍ରାଣ ପ୍ରାପ୍ତ ହବେେ ତା'ପରେ ସେହି କାରାରକ୍ଷକ ତାଙ୍କ ନିଜ ଗୃହକ ମଧ୍ୟକୁ ପାଉଲ ଓ ଶୀଲାଙ୍କୁ ନେଇ ସେମାେନଙ୍କ କ୍ଷତସବୁ ବାନ୍ଧି ଦେଲେ ତାଙ୍କ ଗୃହରେ ଥିବା ସମସ୍ତଙ୍କୁ ପାଉଲ ଯୀଶୁଙ୍କ ସମ୍ବନ୍ଧୀୟ ଶୁଭସମ୍ବାଦ ପ୍ରଚାର କଲେ



କାରାରକ୍ଷକ ଓ ତାଙ୍କ ପରିବାର ସମସ୍ତେ ବିଶ୍ୱାସ କରି ବାପ୍ତିଜିତ ହେଲେ କାରାରକ୍ଷକ ପାଉଲ ଓ ଶୀଲାଙ୍କୁ ଭୋଜନ କରିବାକୁ ଦେଲେ ଏବଂ ସେମାେନେ ସମସ୍ତେ ଏକାଠି ଆନନ୍ଦିତ ହବୋକୁ ଲାଗିଲେ



ପରଦିନ ନଗରର ନେତାମାନେ ପାଉଲ ଓ ଶୀଲାଙ୍କୁ କାରାଗାରରୁ ମୁକ୍ତ କରି ସେମାନଙ୍କୁ ଫିଲିପ୍‌ପୀରୁ ଚାଲିଯିବା ନିମନ୍ତେ କହିଲେ  ପାଉଲ ଓ ଶୀଲା ଲୂଦିଆ ଓ ଅନ୍ୟ କେତେକ ବନ୍ଧୁଙ୍କୁ ସାକ୍ଷାତ କଲେ ତା'ପରେ ସେମାନେ ସେହି ନଗର ପରିତ୍ୟାଗ କଲେ  ଯୀଶୁଙ୍କ ବିଷୟକ ଶୁଭସମ୍ବାଦ ପ୍ରସାରିତ ହୋଇଚାଲିଲା, ଏବଂ ମଣ୍ଡଳୀ ମଧ୍ୟ ବୃଦ୍ଧିପାଇବାକୁ ଲାଗିଲା



ପାଉଲ ଓ ଅନ୍ୟ ଖ୍ରୀଷ୍ଟିୟ ନେତାମାନେ ଅନେକ ନଗର ଭ୍ରମଣ କଲେ ଏବଂ ଯୀଶୁଙ୍କ ଶୁଭସମ୍ବାଦ ପ୍ରଚାର କରି ଶିକ୍ଷା ଦେବାକୁ ଲାଗିଲେ  ସେମାନେ ମଣ୍ଡଳୀଗୁଡିକରେ ଥିବା ବିଶ୍ୱାସୀମାନଙ୍କୁ ଉତ୍ସାହିତ ଓ ଶିକ୍ଷା ଦେବା ନିମନ୍ତେ ଅନେକ ଚିଠି ଲେଖିଲେ  ଏହି ଚିଠିଗୁଡିକ ମଧ୍ୟରୁ କିଛି ବାଇବଲରେ ପୁସ୍ତକ ଭାବରେ ସ୍ଥାନ ପାଇଲା

# 48. ଯୀଶୁ ହଉଛନ୍ତି ପ୍ରତିଜ୍ଞାତ ମଶୀହ



ଈଶ୍ବର ଯେତେବେଳେ ପୃଥିବୀ ସୃଷ୍ଟି କଲେ, ସେତେବେଳେ ସମସ୍ତ ବିଷୟ ସମ୍ପୂର୍ଣ୍ଣ ଥିଲା କୌଣସି ପାପ ନ ଥିଲା  ଆଦମ ଓ ହବା ପରସ୍ପରକୁ ଭଲ ପାଉଥିଲେ ଓ ସେମାନେ ମିଶି ଈଶ୍ବରଙ୍କୁ ପ୍ରେମ କରୁଥିଲେ  କୌଣସି ଅସୁସ୍ଥତା ବା ମୃତ୍ୟୁ ନ ଥିଲା  ପୃଥିବୀ ଏପରି ହିଁ ହେଉ ବୋଲି ଈଶ୍ବର ଚାହୁଁଥିଲେ



ହବାଙ୍କୁ ପ୍ରତାରିତ କରିବା ନିମନ୍ତେ ଶୟତାନ ଏକ ସର୍ପ ଦ୍ବାରା କଥା କହିଲା  ତା’ ପରେ ସେ ଓ ଆଦମ ଈଶ୍ବରଙ୍କ ବିରୁଦ୍ଧରେ ପାପ କଲେ  ଯେହେତୁ ସେମାନେ ପାପ କଲେ, ସେଥିପାଇଁ ପୃଥିବୀରେ ଥିବା ସମସ୍ତେ ଅସୁସ୍ଥ ହୁଅନ୍ତି ଓ ସମସ୍ତେ ମୃତ୍ୟୁଭୋଗ କରନ୍ତି



ଯେହେତୁ ଆଦମ ଓ ହବା ପାପ କଲେ, ଏହାଠାରୁ ଆହୁରି କିଛି ଭୟଙ୍କର ବିଷୟ ଘଟିଲା  ସେମାନେ ଇଶ୍ବରଙ୍କର ଶତ୍ରୁ ହେଲେ  ଏହାର ଫଳ ସ୍ବରୂପ, ସେହି ଦିନ ଠାରୁ ଜନ୍ମ ନେଉଥିବା ପ୍ରତ୍ୟେକ ମନୁଷ୍ୟ ପାପ ସ୍ବଭାବରେ ଜନ୍ମ ନିଅନ୍ତି ଏବଂ ଇଶ୍ବରଙ୍କର ଶତ୍ରୁ ହୁଅନ୍ତି  ଇଶ୍ବର ଓ ମନୁଷ୍ୟମାନଙ୍କ ମଧ୍ୟରେ ଥିବା ସମ୍ପର୍କ ପାପ ଦ୍ବାରା ଭଙ୍ଗ ହୋଇଥିଲା  କିନ୍ତୁ ସେହି ସମ୍ପର୍କକୁ ପୁନଃପ୍ରତିଷ୍ଠିତ କରିବା ନିମନ୍ତେ ଇଶ୍ବର ଏକ ଯୋଜନା କରିଥିଲେ



ଇଶ୍ବର ପ୍ରତିଜ୍ଞା କରି କହିଥିଲେ ଯେ ହବାଙ୍କ ବଂଶରୁ ଜନ୍ମିତ ଜଣେ ଶୟତାନର ମସ୍ତକକୁ ଚୂର୍ଣ୍ଣ କରିବେ, ଏବଂ ଶୟତାନ ତାଙ୍କ ଗୋଇଠିକୁ କ୍ଷତ କରିବ  ଏହାର ଅର୍ଥ ହେଉଛି ଯେ ଶୟତାନ ମଶୀହଙ୍କୁ ହତ୍ୟା କରିବ, କିନ୍ତୁ ଇଶ୍ବର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇବେ, ଏବଂ ତା'ପରେ ମଶୀହ ଚିରଦିନ ନିମନ୍ତେ ଶୟତାନର ଶକ୍ତିକୁ ଚୂର୍ଣ୍ଣ କରିବେ  ଅନେକ ବର୍ଷ ପରେ, ଇଶ୍ବର ପ୍ରକାଶ କରି କହିଲେ ଯେ ଯୀଶୁ ହିଁ ହେଉଛନ୍ତି ସେହି ମଶୀହ



ଈଶ୍ବର ଯେତେବେଳେ ଏକ ଜଳପ୍ଲାବନ ଦ୍ବାରା ସମଗ୍ର ପୃଥିବୀକୁ ବିନଷ୍ଟ କଲେ, ସେତେବେଳେ ଯେଉଁମାନେ ତାଙ୍କଠାରେ ବିଶ୍ବାସ କଲେ ସମୋନଙ୍କୁ ରକ୍ଷା କରିବା ପାଇଁ ସେ ଜାହାଜ ଯୋଗାଇଦଲେ ଠିକ୍‌ସେହିପରି ଭାବରେ, ପ୍ରତ୍ୟକେ ମନୁଷ୍ୟ ସମୋନଙ୍କ ନିଜ ନିଜ ପାପ ନିମନ୍ତେ ବିନଷ୍ଟ ହବୋର ଯୋଗ୍ୟ ଥିଲେ, କିନ୍ତୁ ଯେଉଁମାନେ ତାହାଙ୍କଠାରେ ବିଶ୍ବାସ କରନ୍ତି ସମୋନଙ୍କୁ ରକ୍ଷା କରିବା ନିମନ୍ତେ ଈଶ୍ବର ଯୀଶୁଙ୍କୁ ଯୋଗାଇଲେ



ଶହ ଶହ ବର୍ଷ ଧରି ଲୋକମାନେ ସମୋନଙ୍କ ପାପ ଯୋଗୁଁ ଯେଉଁ ଦଣ୍ଡର ଯୋଗ୍ୟ ଥିଲେ ତାହା ଦଖୋଇବା ନିମନ୍ତେ ଯାଜକମାନେ ନିରନ୍ତର ଈଶ୍ବରଙ୍କ ନିକଟରେ ବଳି ଉତ୍ସର୍ଗ କରୁଥିଲେ କିନ୍ତୁ ଏହି ସମସ୍ତ ବଳିଦାନ ସମୋନଙ୍କର ପାପକୁ ଦୂର କରିପାରୁନଥିଲା ଯୀଶୁ ହେଉଛି ମହାନ୍‌ମହାଯାଜକ ଅନ୍ୟ ଯାଜକମାନେ ଯାହା କରିପାରୁନଥିଲେ, ଯୀଶୁ ତାହା କରି ଦଖୋଇଲେ – ଏକମାତ୍ର ବଳିଦାନ ଭାବରେ ସେ ନିଜକୁ ଉତ୍ସର୍ଗ କଲେ ଯାହା ଜଗତରେ ଥିବା ସମସ୍ତଙ୍କ ପାପକୁ ଦୂର କରିବ ଯୀଶୁ ସିଦ୍ଧ ମହାଯାଜକ ଅଟନ୍ତି କାରଣ ଜଗତରେ ଥିବା ଯେକୌଣସି ବ୍ୟକ୍ତି ଯେକୌଣସି ସମୟରେ କରିଥିବା ସମସ୍ତ ପାପର ଦଣ୍ଡକୁ ସେ ନିଜ ଉପରକୁ ନଲେେ



ଈଶ୍ବର ଅବ୍ରହାମଙ୍କୁ କହିଲେ "ପୃଥିବୀରେ ସମସ୍ତ ଲୋକଦଳ ତୁମ୍ଭଦ୍ବାରା ଆଶୀର୍ବାଦପ୍ରାପ୍ତ ହବେେ " ଯୀଶୁ ହେଉଛନ୍ତି ଅବ୍ରହାମଙ୍କର ଜଣେ ବଂଶଧର  ସମସ୍ତ ଲୋକଦଳ ତାହାଙ୍କ ଦ୍ବାରା ଆଶୀର୍ବାଦପ୍ରାପ୍ତ କାରଣ, କାରଣ ଯୀଶୁଙ୍କ ନାମରେ ବିଶ୍ବାସ କରୁଥିବା ସମସ୍ତେ ପାପରୁ ଉଦ୍ଧାର ପାଇଅଛନ୍ତି, ଏବଂ ଅବ୍ରହାମଙ୍କର ଆତ୍ମିକ ବଂଶଧରରେ ପରିଣତ ହୋଇଅଛନ୍ତି



ଅବ୍ରହାମଙ୍କୁ ତାଙ୍କ ପୁତ୍ର ଇସାହାକଙ୍କୁ ବଳିଦାନ ଭାବରେ ବଳି ଦବୋ ନିମନ୍ତେ ଯେତେବେଳେ ଈଶ୍ବର କହିଲେ, ସେତେବେଳେ ତାଙ୍କ ପୁତ୍ର ଇସାହାକଙ୍କ ପ୍ରତିବଦଳରେ ବଳିକୃତ ହବୋ ପାଇଁ ଏକ ମଷେ ଯୋଗାଇଲେ  ଆମେ ସମସ୍ତେ ଆମ୍ଭମାନଙ୍କ ପାପ ପାଇଁ ମରିବାର ଯୋଗ୍ୟ ଅଟୁ! କିନ୍ତୁ ଈଶ୍ବର ତାହାଙ୍କ ମଷେ ଯୀଶୁଙ୍କୁ ଆମ୍ଭମାନଙ୍କ ସ୍ଥାନରେ ଏକ ବଳିଦାନ ଭାବରେ ମରିବାକୁ ପ୍ରଦାନ କଲେ



ଈଶ୍ବର ଯେତେବେଳେ ମିଶରରେ ଶେଷ ମହାମାରୀ ପ୍ରେରଣ କଲେ, ସେ ପ୍ରତ୍ୟେକ ଇଶ୍ରାୟେଲୀୟ ପରିବାରକୁ ଏକ ଏକ ସିଦ୍ଧ ମେଷ ବଧ କରି ସେମାନଙ୍କ ବାଜୁବନ୍ଧ (ଦୁଆର ବନ୍ଧ) ଉପରେ ସେହି ମେଷର ରକ୍ତ ଲଗାଇବାକୁ କହିଥିଲେ ଈଶ୍ବର ଯେତେବେଳେ ସେହି ରକ୍ତ ଦେଖିଲେ, ସେ ସେମାନଙ୍କ ଗୃହ ଛାଡି ଅନ୍ୟ ଗୃହକୁ ଗଲେ ଓ ସେମାନଙ୍କ ପ୍ରଥମ ଜାତ ପୁତ୍ରମାନଙ୍କୁ ମାରିଲେ ନାହିଁ ଏହି ଘଟନାକୁ ନିସ୍ତାର ପର୍ବ କୁହାଯାଏ



ଯୀଶୁ ହେଉଛନ୍ତି ଆମ୍ଭମାନଙ୍କ ନିସ୍ତାରପର୍ବର ମେଷ ସେ ସିଦ୍ଧ ଓ ପାପଶୂନ୍ୟ ଥିଲେ ଏବଂ ନିସ୍ତାରପର୍ବ ପାଳନ ସମୟରେ ହିଁ ବଧ କରାଯାଇଥିଲେ ଯେତେବେଳେ ଯେକୌଣସି ବ୍ୟକ୍ତି ଯୀଶୁଙ୍କଠାରେ ବିଶ୍ବାସ କରୁଥିଲେ, ସେତେବେଳେ ଯୀଶୁଙ୍କ ରକ୍ତ ସେହି ବ୍ୟକ୍ତିଙ୍କ ପାପର ପ୍ରାୟଶ୍ଚିତ କରେ, ଏବଂ ଈଶ୍ବରଙ୍କ ଦଣ୍ଡ ସେହି ବ୍ୟକ୍ତି ନିକଟକୁ ଯାଏ ନାହିଁ



ଈଶ୍ୱର ଇଶ୍ରାୟଲୀୟମାନଙ୍କ ସହ ଏକ ନିୟମ କଲେ, ଯେଉଁମାନେ ତାହାଙ୍କ ମନୋନୀତ ଲୋକ ଥିଲେ  କିନ୍ତୁ ଈଶ୍ୱର ବର୍ତ୍ତମାନ ଏକ ନୂତନ ନିୟମ କରିଅଛନ୍ତି ଯାହା ସମସ୍ତଙ୍କ ନିମନ୍ତେ ଉପଲବ୍ଧ ଅଟେ  ଏହି ନୂତନ ନିୟମ ଦ୍ୱାରା, ଯେକୌଣସି ଲୋକଦଳର ଯେକୌଣସି ବ୍ୟକ୍ତି ଯୀଶୁଙ୍କୁ ବିଶ୍ୱାସ କରିବା ଦ୍ୱାରା ଈଶ୍ୱରଙ୍କ ଲୋକମାନଙ୍କର ଏକ ଅଂଶବିଶେଷ ହୋଇପାରିବେ



ମୋଶା ଜଣେ ମହାନ୍‌ଭାବବାଦୀ ଥିଲେ ଯିଏ ଈଶ୍ୱରଙ୍କ ବାକ୍ୟ ଘୋଷଣା କରିଥିଲେ  କିନ୍ତୁ ଯୀଶୁ ସମସ୍ତ ଭାବବାଦୀମାନଙ୍କ ମଧ୍ୟରୁ ସର୍ବମହାନ୍‌ଥିଲେ  ସେ ଈଶ୍ୱର ଅଟନ୍ତି, ତେଣୁ ସେ ଯାହା ଯାହା କରୁଥିଲେ ଓ ତାହା ଈଶ୍ୱରଙ୍କ କାର୍ଯ୍ୟ ଓ ଈଶ୍ୱରଙ୍କ ବାକ୍ୟ ଥିଲା  ସେଇଥିଯୋଗୁଁ ଯୀଶୁଙ୍କୁ ଈଶ୍ୱରଙ୍କ ବାକ୍ୟ କୁହାଯାଏ



ଈଶ୍ୱର ରାଜା ଦାଉଦଙ୍କୁ ପ୍ରତିଜ୍ଞା କରି କହିଲେ ଯେ ତାହାଙ୍କ ବଂଶଧରଙ୍କ ମଧ୍ୟରୁ ଜଣେ ଈଶ୍ୱରଙ୍କ ଲୋକମାନଙ୍କ ଉପରେ ଚିରକାଳ ରାଜତ୍ୱ କରିବେ  ଯେହେତୁ ଯୀଶୁ ଈଶ୍ୱରଙ୍କ ପୁତ୍ର ଓ ମଶୀହ ଥିଲେ, ସେଥିପାଇଁ ସେ ଦାଉଦଙ୍କ ବିଶେଷ ବଂଶଧର ଥିଲେ ଯିଏ ଚିରକାଳ ରାଜତ୍ୱ କରିବେ



ଦାଉଦ ଇଶ୍ରାୟେଲର ରାଜା ଥିଲେ, କିନ୍ତୁ ଯୀଶୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ରାଜା ଅଟନ୍ତି! ସେ ପୁଣି ଆସିବେ ଏବଂ ନ୍ୟାୟ ଓ ଶାନ୍ତିରେ ଚିରକାଳ ରାଜତ୍ୱ କରିବେ

# 49. ଈଶ୍ବରଙ୍କ ନୂତନ ନିୟମ



ମରିୟମ ନାମକ ଜଣେ କୁମାରୀଙ୍କୁ ଜଣେ ଦୂତ କହିଲେ ଯେ ସେ ଈଶ୍ବରଙ୍କ ପୁତ୍ରଙ୍କୁ ଜନ୍ମ ଦବେେ ତଣ୍ଡେ, ସେ କୁମାରୀ ଥିଲାବଳେେ ହେଁ, ସେ ଯୀଶୁ ନାମକ ଏକ ପୁତ୍ର ପ୍ରସବ କଲେ ଅତଏବ, ଯୀଶୁ ହେଉଛନ୍ତି ଉଭୟ ଈଶ୍ବର ଓ ମନୁଷ୍ୟ



ଯୀଶୁ ଅନକେ ଆଶ୍ଚର୍ଯ୍ୟକାର୍ଯ୍ୟ କଲେ ଯାହା ସେ ଈଶ୍ବରଙ୍କ ପୁତ୍ର ବୋଲି ପ୍ରମାଣିତ କରୁଥିଲା  ସେ ଜଳ ଉପରେ ଚାଲିଲେ, ଝଡକୁ ଶାନ୍ତ କଲେ, ଅନକେ ଅସୁସ୍ଥ ବ୍ୟକ୍ତିଙ୍କୁ ସୁସ୍ଥ କଲେ, ଭୂତମାନଙ୍କୁ ବିତାଡିତ କଲେ, ମୃତମାନଙ୍କୁ ଜୀବନଦାନ କଲେ ଏବଂ 5000 ରୁ ଅଧିକ ବ୍ୟକ୍ତିଙ୍କୁ ପାଞ୍ଚଟି ରୋଟୀ ଓ ଦୁଇଟି ମାଛରେ ଖୁଆଇଲେ



ଯୀଶୁ ଜଣେ ମହାନ୍ଶିକ୍ଷକ ମଧ୍ୟ ଥିଲେ, ଏବଂ ସେ ଅଧିକାର ସହିତ କଥା କହୁଥିଲେ କାରଣ ସେ ଇଶ୍ବରଙ୍କ ପୁତ୍ର ଥିଲେ  ସେ ଶିକ୍ଷା ଦେଇଥିଲେ ଯେ ଆପଣ ନିଜକୁ ଯେପରି ଭାବରେ ପ୍ରେମ କରନ୍ତି ସେପରି ଅନ୍ୟମାନଙ୍କୁ ମଧ୍ୟ ପ୍ରେମ କରିବାକୁ ହେବେ



ସେ ଆହୁରି ମଧ୍ୟ ଶିକ୍ଷା ଦେଲେ ଯେ ଆପଣ ଯେକୌଣସି ବିଷୟକୁ ଅଧିକ ପ୍ରେମ କରୁଥିବା ଅପେକ୍ଷା ଇଶ୍ବରଙ୍କୁ ସେ ସମସ୍ତ ଅପେକ୍ଷା ଅଧିକ ପ୍ରେମ କରିବାକୁ ହେବେ, ଯେଉଁଥିରେ ଆପଣଙ୍କର ଧନ ସମ୍ପଦ ରହିଛି



ଯୀଶୁ କହିଲେ ଯେ ଜଗତରେ ଥିବା ଯେକୌଣସି ମୂଲ୍ୟବାନ୍‌ବିଷୟ ଅପେକ୍ଷା ଇଶ୍ବରଙ୍କ ରାଜ୍ୟ ଅଧିକ ଅଧିକ ମୂଲ୍ୟବାନ୍‌ଅଟେ  ଯେକୌଣସି ବ୍ୟକ୍ତି ନିମନ୍ତେ ସବୁଠାରୁ ଗୁରୁତ୍ବପୂର୍ଣ୍ଣ ବିଷୟ ହେଉଛି ଯେ ସେ ଇଶ୍ବରଙ୍କ ରାଜ୍ୟର ଅନ୍ତର୍ଭୁକ୍ତ ହେବେ।  ଇଶ୍ବରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ, ଆପଣ ନିହାତି ଆପଣଙ୍କ ପାପରୁ ଉଦ୍ଧାର ପାଇବାକୁ ପଡିବ



ଯୀଶୁ କହିଲେ ଯେ କିଛି ଲୋକ ତାଙ୍କୁ ଗ୍ରହଣ କରି ଉଦ୍ଧାରପ୍ରାପ୍ତ ହେବେ, କିନ୍ତୁ ଅନ୍ୟମାନେ ଗ୍ରହଣ କରିବେ ନାହିଁ  ସେ କହିଲେ ଯେ କିଛି ଲୋକ ଉତ୍ତମ ଭୂମି ସଦୃଶ  ସେମାନେ ଯୀଶୁଙ୍କ ଶୁଭସମ୍ବାଦ ଶୁଣି ଉଦ୍ଧାର ପାଆନ୍ତି  ଅନ୍ୟମାନେ ରାସ୍ତା ନିକଟରେ ଥିବା ପଥୁରିଆ ଭୂମି ସଦୃଶ, ଯେଉଁଠି ଇଶ୍ବରଙ୍କ ବାକ୍ୟର ବୀଜ ପ୍ରବେଶ କରିପାରେନାହିଁ ଏବଂ ଅମଳ ନିମନ୍ତେ ଶଷ୍ୟ ଉତ୍ପନ୍ନ ହୁଏନାହିଁ  ଯେଉଁ ଲୋକମାନେ ଯୀଶୁଙ୍କ ଶୁଭସମ୍ବାଦକୁ ଅଗ୍ରାହ୍ୟ କରନ୍ତି ସେମାନେ ତାହାଙ୍କ ରାଜ୍ୟରେ ପ୍ରବେଶ କରିବେନାହିଁ



ଯୀଶୁ ଶିକ୍ଷା ଦେଇ କହିଥିଲେ ଯେ ଈଶ୍ବର ପାପୀମାନଙ୍କୁ ଅଧିକ ଭଲ ପାଆନ୍ତି  ସେ ସେମାେନଙ୍କୁ କ୍ଷମା କରି ତାହାଙ୍କ ସନ୍ତାନ କରିବାକୁ ଚାହାନ୍ତି



ଯୀଶୁ ଆମ୍ଭମାନଙ୍କୁ ଆହୁରି କହିଅଛନ୍ତି ଯେ ଈଶ୍ବର ପାପକୁ ଘୃଣା କରନ୍ତି  ଯେତେବେଳେ ଆଦମ ଓ ହବା ପାପ କଲେ, ତାହା ସେମାେନଙ୍କ ସମସ୍ତ ବଂଶଧରକୁ ପ୍ରଭାବିତ କଲା  ଏହାର ଫଳସ୍ବରୂପ, ଜଗତରେ ଥିବା ପ୍ରତ୍ୟକେେ ପାପ କରନ୍ତି ଓ ଈଶ୍ବରଙ୍କଠାରୁ ପୃଥକୀକୃତ ହୁଅନ୍ତି  ଅତଏବ, ସମସ୍ତେ ଈଶ୍ବରଙ୍କର ଶତ୍ରୁ ହାେଇଅଛନ୍ତି



କିନ୍ତୁ ଈଶ୍ୱର ଜଗତରେ ଥିବା ସମସ୍ତଙ୍କୁ ଏପରି ପ୍ରେମ କଲେ ଯେ ସେ ଆପଣା ଏକମାତ୍ର ପୁତ୍ରଙ୍କୁ ଦେଲେ ଯେପରିକି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ତା' ପାପର ଦଣ୍ଡ ନ ପାଇ ଈଶ୍ୱରଙ୍କ ସହ ଚିରଦିନ ବାସ କରିବ



ଆପଣଙ୍କ ପାପ ଯୋଗୁଁ, ଆପଣ ଦୋଷୀ ଓ ମରିବାର ଯୋଗ୍ୟ  ଈଶ୍ୱର ଆପଣଙ୍କ ଉପରେ କ୍ରୋଧ କରିବା କଥା, କିନ୍ତୁ ସେ ଆପଣଙ୍କ ଉପରେ ସେହି କ୍ରୋଧ ନ ଢାଳି ଯୀଶୁଙ୍କ ଉପରେ ଆପଣାର କ୍ରୋଧ ଢାଳି ଦେଲେ  ଯୀଶୁ ଯେତେବେଳେ କ୍ରୁଶ ଉପରେ ମୃତ୍ୟୁଭୋଗ କଲେ, ସେତେବେଳେ ସେ ଆପଣ ପାଇବାକୁ ଥିବା ଦଣ୍ଡ ପ୍ରାପ୍ତ ହେଲେ




ଯୀଶୁ କେବେ ପାପ କରିନାହାନ୍ତି, କିନ୍ତୁ ଆପଣଙ୍କର ଓ ଜଗତରେ ଥିବା ସମସ୍ତଙ୍କର ପାପଭାର ବୋହିନେଇଯିବା ନିମନ୍ତେ ଏକ ସିଦ୍ଧ ବଳିଦାନ ଭାବରେ ଦଣ୍ଡପ୍ରାପ୍ତ ହେବାକୁ ଉଚିତ ମଣିଲେ  ଯେହେତୁ ଯୀଶୁ ନିଜକୁ ନିଜେ ବଳିକୃତ କଲେ, ସେଥିପାଇଁ ଇଶ୍ୱର ଯେକୌଣସି ପାପ, ଏପରିକି ସବୁଠାରୁ ଭୟଙ୍କର ପାପ ମଧ୍ୟ କ୍ଷମା କରିପାରିବେ



ଉତ୍ତମ କାର୍ଯ୍ୟ ଆପଣଙ୍କୁ ଉଦ୍ଧାର କରିପାରିବ ନାହିଁ  ଇଶ୍ୱରଙ୍କ ସହ ସମ୍ପର୍କ ରଖିବା ନିମନ୍ତେ ଏପରି କୌଣସି ବିଷୟ ନାହିଁ  କେବଳ ଯୀଶୁ ହିଁ ଆପଣଙ୍କର ପାପକୁ ଦୂରେଇ ନେଇଯିବେ ଯୀଶୁ ଯେ ଇଶ୍ୱରଙ୍କର ପୁତ୍ର ଓ ଆପଣଙ୍କ ବଦଳରେ ଯୀଶୁ ଯେ କ୍ରୁଶରେ ମୃତ୍ୟୁଭୋଗ କଲେ ଏବଂ ଇଶ୍ୱର ଯେ ତାଙ୍କୁ ମୃତ୍ୟୁରୁ ଉଠାଇ ଜୀବିତ କଲେ ଏହି କଥାକୁ ଆପଣ ନିହାତି ବିଶ୍ୱାସ କରିବାକୁ ହେବ



ଯକେୌଣସି ବ୍ୟକ୍ତି ଯୀଶୁଙ୍କଠାରେ ବିଶ୍ବାସ କରେ ଓ ତାହାର ପ୍ରଭୁ ଭାବରେ ତାଙ୍କୁ ଗ୍ରହଣ କରେ ଈଶ୍ବର ତାହାକୁ ଉଦ୍ଧାର କରିବେ କିନ୍ତୁ ତାଙ୍କଠାରେ ଯେ ବିଶ୍ବାସ କରନୋହିଁ ସେ ତାହାକୁ ଉଦ୍ଧାର କରିବେ ନାହିଁ ଆପଣ ଧନୀ କିମ୍ବା ଦରିଦ୍ର, ପୁରୁଷ କିମ୍ବା ସ୍ତ୍ରୀ, ବୃଦ୍ଧ କିମ୍ବା ଯୁବକ ଏବଂ କେଉଁଠାରେ ରୁହନ୍ତି ସେଥିରେ କିଛି ଫରକ ପଡନୋହିଁ ଈଶ୍ବର ଆପଣଙ୍କୁ ପ୍ରମେ କରନ୍ତି ଏବଂ ଆପଣ ଯେପେରି ଯୀଶୁଙ୍କଠାରେ ବିଶ୍ବାସ କରିବେ ତାହା ଚାହାନ୍ତି ଯେପେରିକି ତାଙ୍କ ସହିତ ଆପଣଙ୍କର ଘନିଷ୍ଠ ସମ୍ପର୍କ ରହିବ



ଯୀଶୁ ଆପଣଙ୍କୁ ତାଙ୍କଠାରେ ବିଶ୍ବାସ କରିବାକୁ ଓ ବାପ୍ତିଜିତ ହେବୋକୁ ଆହ୍ବାନ କରନ୍ତି ଯୀଶୁ ଯେ ମେଶୀହ ଓ ଈଶ୍ବରଙ୍କ ଏକମାତ୍ର ପୁତ୍ର ତାହା କ'ଣ ଆପଣ ବିଶ୍ବାସ କରନ୍ତି? ଆପଣ କ'ଣ ବିଶ୍ବାସ କରନ୍ତି କି ଯେ ଆପଣ ଜଣେ ପାପୀ ଅଟନ୍ତି ଓ ଈଶ୍ବରଙ୍କଠାରୁ ଆପଣ ଦଣ୍ଡ ପାଇବାର ଯୋେଗ୍ୟ? ଆପଣ କ'ଣ ବିଶ୍ବାସ କରନ୍ତି କି ଯେ ଆପଣଙ୍କ ପାପ ବୋେହିନଇେଯିବା ନିମନ୍ତେ ଯୀଶୁ କ୍ରୁଶ ଉପରେ ମୃତ୍ୟୁବରଣ କଲେ ?



ଯୀଶୁ ଆପଣଙ୍କ ପ୍ରତି ଯାହା କରିଛନ୍ତି ଯଦି ସେଥିରେ ଆପଣ ବିଶ୍ବାସ କରନ୍ତି, ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି! ଈଶ୍ବର ଆପଣଙ୍କୁ ଶୟତାନର ଅନ୍ଧକାର ରାଜ୍ୟରୁ ବାହାର କରିଅଛନ୍ତି ଏବଂ ଈଶ୍ବରଙ୍କ ରାଜ୍ୟର ଜ୍ୟୋତିରେ ସ୍ଥାପନ କରିଅଛନ୍ତି  ଈଶ୍ବର ଆପଣ ପୁରାତନ, ପାପମୟ କାର୍ଯ୍ୟର ପଥସବୁ ନେଇଯାଇଅଛନ୍ତି ଏବଂ ସେ ଆପଣଙ୍କୁ ନୂତନ ଏବଂ ଧାର୍ମିକତାର କାର୍ଯ୍ୟର ପଥ ପ୍ରଦାନ କରିଅଛନ୍ତି



ଯଦି ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି, ତବେ ଯୀଶୁ ଯାହା କରିଅଛନ୍ତି ସେଥିଯୋଗୁଁ ଈଶ୍ବର ଆପଣଙ୍କ ପାପସବୁ କ୍ଷମା କରିଅଛନ୍ତି  ବର୍ତ୍ତମାନ, ଆପଣ ଈଶ୍ବରଙ୍କର ଜଣେ ଶତ୍ରୁ ନ ହୋଇ ବରଂ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ହେବା ପାଇଁ ଈଶ୍ବର ବିଚାର କରନ୍ତି



ଯଦି ଆପଣ ଈଶ୍ବରଙ୍କର ଜଣେ ବନ୍ଧୁ ଓ ପ୍ରଭୁ ଯୀଶୁଙ୍କ ଜଣେ ସେବକ, ତବେ ଯୀଶୁ ଯାହା ଶିକ୍ଷା ଦିଅନ୍ତି ତାହା ପାଳନ କରିବା ନିମନ୍ତେ ଆପଣ ଚାହିଁବେ ଯଦିଓ ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି, ଆପଣ ତଥାପି ପାପ କରିବା ନିମନ୍ତେ ପ୍ରଲୋଭିତ ହବେେ କିନ୍ତୁ ଈଶ୍ବର ବିଶ୍ବସ୍ତ ଅଟନ୍ତି ଏବଂ ସେ କୁହନ୍ତି ଯେ ଯଦି ଆପଣ ଆପଣଙ୍କ ପାପ ସ୍ବୀକାର କରନ୍ତି, ତବେେ ସେ ଆପଣଙ୍କୁ କ୍ଷମା ଦବେେ କିନ୍ତୁ ଈଶ୍ବର ବିଶ୍ବସ୍ତ ଅଟନ୍ତି ଏବଂ ସେ କୁହନ୍ତି ଯେ ଯଦି ଆପଣ ଆପଣଙ୍କର ପାପସବୁ ସ୍ବୀକାର କରିବେ, ସେ ଆପଣଙ୍କୁ କ୍ଷମା ଦବେେ ପାପ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ସେ ଆପଣଙ୍କୁ ବଳ ଯୋଗାଇଦବେେ



ଆପଣ ଯପେେରି ପ୍ରାର୍ଥନା କରିବେ, ତାହାଙ୍କ ବାକ୍ୟ ଅଧ୍ୟୟନ କରିବେ, ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହ ତାଙ୍କର ଉପାସନା କରିବେ ଏବଂ ସେ ଆପଣଙ୍କ ପ୍ରତି ଯାହା ଯାହା କରିଅଛନ୍ତି ତାହା ଅନ୍ୟମାନଙ୍କୁ କହିବେ ଏହା ଈଶ୍ବର ଆପଣଙ୍କୁ କୁହନ୍ତି ଏହି ସମସ୍ତ କଲେ ଏହା ଆପଣଙ୍କୁ ତାହାଙ୍କ ସହ ଏକ ଗଭୀର ସମ୍ପର୍କ ସ୍ଥାପନ କରିବା ନିମନ୍ତେ ସାହାଯ୍ୟ କରିବ

# 50. ଯୀଶୁ ପ୍ରତ୍ୟାବର୍ତ୍ତନ କରନ୍ତି



2000 ବର୍ଷରୁ ଅଧିକ ସମୟ ସମଗ୍ର ବିଶ୍ବରୁ ଅଧିକରୁ ଅଧିକ ଲୋକ ମଶୀହ ଯୀଶୁଙ୍କ ବିଷୟରେ ଶୁଭ ସମ୍ବାଦ ଶୁଣିଆସୁଅଛନ୍ତି ମଣ୍ଡଳୀ ବୃଦ୍ଧିପାଇ ଚାଲିଛି ଯୀଶୁ ପ୍ରତିଜ୍ଞା କରିଛନ୍ତି ଯେ ସେ ଜଗତର ଶେଷରେ ଆସିବେ ଯଦିଓ ସେ ଆସିନାହାନ୍ତି, ତଥାପି ସେ ତାହାଙ୍କ ପ୍ରତିଜ୍ଞା ରକ୍ଷା କରିବେ



ଆମେ ଯୀଶୁଙ୍କ ଆସିବାର ଅପେକ୍ଷା କରୁ କରୁ, ଈଶ୍ବର ଚାହାନ୍ତି ଯେପରିକି ଆମେ ଏକ ପବିତ୍ର ଏବଂ ତାହାଙ୍କୁ ଗୌରବ ପ୍ରଦାନ କରୁଥିବା ଏକ ଜୀବନ ଜୀଇଁବା ସେ ଚାହାନ୍ତି ଯେପରି ଆମେ ତାହାଙ୍କ ରାଜ୍ୟ ବିଷୟରେ ଅନ୍ୟମାନଙ୍କୁ କହୁ ଯୀଶୁ ପୃଥିବୀରେ ବାସ କରୁଥିବା ସମୟରେ କହିଲେ "ମୋ ଶିଷ୍ୟମାନେ ଈଶ୍ବରଙ୍କ ରାଜ୍ୟର ଶୁଭସମ୍ବାଦ ଜଗତରେ ଥିବା ସମସ୍ତ ଲୋକଙ୍କୁ ପ୍ରଚାର କରିବେ, ତା'ପରେ ହିଁ ଯୁଗାନ୍ତ ହେବ "



ଅନକେ ଲୋକଦଳ ଏପର୍ଯ୍ୟନ୍ତ ଯୀଶୁଙ୍କ ବିଷୟରେ ଶୁଣିନାହାନ୍ତି  ସେ ସ୍ବର୍ଗକୁ ଫେରିଯିବା ପୂର୍ବରୁ, ଯେଉଁମାନେ କେବେ ମଧ୍ୟ ସୁସମାଚାର ଶୁଣିନାହାନ୍ତି ସେମାନଙ୍କ ନିକଟରେ ସୁସମାଚାର ଘୋଷଣା କରିବା ନିମନ୍ତେ ଯୀଶୁ ଖ୍ରୀଷ୍ଟିୟାନମାନଙ୍କୁ କହିଅଛନ୍ତି  ସେ କହିଲେ “ତୁମ୍ଭମାନେ ଯାଇ ସମସ୍ତ ଲୋକଦଳଙ୍କୁ ଶିଷ୍ୟ କର!”, ଏବଂ “ଅମଳ ନିମନ୍ତେ ଶଷ୍ୟ ପାଚିଗଲାଣି!”



ଯୀଶୁ ଆହୁରି କହିଲେ “ଦାସ କର୍ତ୍ତାଠାରୁ ଶ୍ରେଷ୍ଠ ନୁହଁନ୍ତି  ଏହି ଜଗତର ଅଧିକାରପ୍ରାପ୍ତ ବ୍ୟକ୍ତିମାନେ ଯେପରି ମୋତେ ଘୃଣା କରିଅଛନ୍ତି, ଠିକ୍ ସେହିପରି ସେମାନେ ମୋ ସକାଶେ ତୁମ୍ଭମାନଙ୍କୁ ତାଡନା କରି ହତ୍ୟା କରିବେ  ଯଦିଓ ଏହି ଜଗତରେ ତୁମ୍ଭମାନେ କ୍ଲେଶଭୋଗ କରିବେ, ସାହସ ଧରି ଉତ୍ସାହିତ ହୁଅ କାରଣ ଜଗତକୁ ଶାସନ କରୁଥିବା ଶୟତାନକୁ ମୁଁ ଜୟ କରିଅଛି  ଯଦି ତୁମ୍ଭମାନେ ଶେଷ ପର୍ଯ୍ୟନ୍ତ ମୋଠାରେ ବିଶ୍ବସ୍ତ ରହିବ, ତବେ ଈଶ୍ବର ତୁମ୍ଭମାନଙ୍କୁ ରକ୍ଷା କରିବେ !”



ଜଗତ ଶଷେ ହବୋ ସମୟରେ ଲୋକମାନଙ୍କ ପ୍ରତି କ'ଣ ଘଟିବ ସେ କହିଲେ "ଜଣେ ଲୋକ ତାଙ୍କ କ୍ଷେତରେ ଉତ୍ତମ ବିହନ ବୁଣିଥିଲେ  ସେ ଶୋଇଥିବା ସମୟରେ ତାହାର ଶତ୍ରୁ ଆସି ଗହମ ସହିତ ବାଲୁଙ୍ଗା ବୁଣିଦଇେ ଚାଲିଗଲା "



"ଯେତେବେଳେ ମଞ୍ଜି ଗଜା ହଲୋ, ସହେି ଲୋକର ଦାସମାନେ ଆସି କହିଲେ 'ସାଆନ୍ତେ, ଆପଣ ସହେି କ୍ଷେତରେ ଉତ୍ତମ ବିହନ ବୁଣିଥିଲେ  ତବେେ ସେଠାେରେ କାହିଁକି ବାଲୁଙ୍ଗା ଦଖାେଦଇେଛି?" 'ସାଆନ୍ତେ ଉତ୍ତର ଦଲେେ, 'ଜଣେ ଶତ୍ରୁ ତାହା କରିଅଛି "



“ଦାସମାନେ ସମୋନଙ୍କ ମାଲିକକୁ କହିଲେ, ‘ଆମେ କ’ଣ ବାଲୁଙ୍ଗାଗୁଡିକ ଉପାଡି ପକାଇବା?” ମାଲିକ କହିଲେ ‘ନା  ଯଦି ତୁମ୍ଭମୋନେ ତାହା କରିବ, ତବେେ ତୁମ୍ଭମୋନେ କେତେକେ ଗହମକୁ ମଧ୍ୟ ଉପାଡି ପକାଇବ  ଶଷ୍ୟ ଅମଳ ହବୋ ଯାଏ ଦୁହିଁକୁ ଏକାଠି ବଢିବାକୁ ଦିଅ ଓ ଅମଳ ପରେ ବାଲୁଙ୍ଗାଗୁଡିକ ପୋଡି ପକାଅ, କିନ୍ତୁ ଗହମ ମୋ ଅମାରକୁ ଆଣ ”



ଶିଷ୍ୟମାନେ ସହେି କାହାଣୀ ବା ଦୃଷ୍ଟାନ୍ତର ଅର୍ଥ ବୁଝିପାରିଲେ ନାହିଁ, ତଣେୁ ସମୋନେ ତାହା ବୁଝାଇଦବୋ ନିମନ୍ତେ ଯୀଶୁଙ୍କୁ କହିଲେ  ଯୀଶୁ କହିଲେ “ଯଉେଁ ବ୍ୟକ୍ତି ଉତ୍ତମ ବିହନ ରୋପଣ କଲେ ସେ ମଶୀହଙ୍କୁ ବୁଝାନ୍ତି  କ୍ଷତେ ହେଉଛି ଜଗତ  ଉତ୍ତମ ବିହନ ଈଶ୍ବରଙ୍କ ରାଜ୍ୟର ଲୋକମାନଙ୍କୁ ବୁଝାଏ ”



"ବାଲୁଙ୍ଗାଗୁଡିକ ସହେିମାନଙ୍କୁ ବୁଝାଏ ଯେଉଁମାନେ ପାପାତ୍ମାର ଅଟନ୍ତି  ଯେଉଁ ଶତ୍ରୁ ବାଲୁଙ୍ଗାଗୁଡିକ ରୋପଣ କଲା ବା ବୁଣିଦଇେ ଚାଲିଗଲା ସେ ହେଉଛି ପାପାତ୍ମା  ଶଷ୍ୟ ଅମଳର ସମୟ ହେଉଛି ଜଗତର ଶଷେ ଏବଂ ଅମଳକାରୀମାନେ ହେଉଛନ୍ତି ଈଶ୍ବରଙ୍କ ଦୂତଗଣ "



ଯେତେବେଳେ ଜଗତ ଶଷେ ହବେ, ସେତେବେଳେ ଦୂତମାନେ ପାପାତ୍ମାର ସନ୍ତାନମାନଙ୍କୁ ଦୂତମାନେ ଏକାଠି କରି ପ୍ରଜ୍ଜଳିତ ଅଗ୍ନି ମଧ୍ୟରେ ପକାଇଦବେେ, ଯେଉଁଠି ରୋଦନ ଓ ଦନ୍ତର କିଡିମିଡି ହବେ  ସେତେବେଳେ ଧାର୍ମିକମାନେ ସମୋନଙ୍କ ପିତା ଈଶ୍ବରଙ୍କ ରାଜ୍ୟରେ ସୂର୍ଯ୍ୟ ପରି ତଜେୋମୟ ହବେେ "



ଯୀଶୁ ଆହୁରି ମଧ୍ୟ କହିଲେ ଯେ ଜଗତ ଶେଷ ହେବା ଠିକ୍ ପୂର୍ବରୁ ସେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ  ସେ ଯେପରି ପୃଥିବୀରୁ ସ୍ୱର୍ଗକୁ ଯାଇଥିଲେ, ସେ ଠିକ୍ ସେହିପରି ପୃଥିବୀକୁ ଫେରି ଆସିବେ  ତାଙ୍କର ଏକ ଶରୀର ଥିବ ଓ ସେ ଆକାଶରେ ମେଘମାଳାରେ ଆଗମନ କରିବେ  ଯୀଶୁ ଯେତେବେଳେ ଫେରିବେ, ଯେତେଜଣ ଖ୍ରୀଷ୍ଟିୟାନ ମୃତ୍ୟୁଭୋଗ କରିସାରିଥିବେ, ସେମାନେ ମୃତ୍ୟୁରୁ ଉଠିବେ ଏବଂ ତାହାଙ୍କୁ ଆକାଶରେ ସାକ୍ଷାତ କରିବେ



ତା'ପରେ ଯେଉଁ ଖ୍ରୀଷ୍ଟିୟାନମାନେ ଜୀବିତ ଥିବେ ସେମାନେ ମୃତ୍ୟୁରୁ ଉତ୍ଥିତ ଖ୍ରୀଷ୍ଟିୟାନମାନଙ୍କ ସହ ମିଳିତ ହୋଇ ଆକାଶ (ମଧ୍ୟ ଆକାଶ)କୁ ନୀତ ହେବେ  ସେମାନେ ସେଠାରେ ଯୀଶୁଙ୍କ ସହ ରହିବେ  ତାହା ପରେ, ଯୀଶୁ ତାହାଙ୍କ ଲୋକମାନଙ୍କ ସହ ସମ୍ପୂର୍ଣ୍ଣ ଶାନ୍ତି ଓ ଏକତାରେ ଚିରକାଳ ରହିବେ



ଯେଉଁମାନେ ଯୀଶୁଙ୍କଠାରେ ବିଶ୍ଵାସ କରନ୍ତି ସେମାନଙ୍କୁ ଏକ ମୁକୁଟ ଦେବା ପାଇଁ ଯୀଶୁ ପ୍ରତିଜ୍ଞା କରିଅଛନ୍ତି  ସେମାନେ ଈଶ୍ଵରଙ୍କ ସହ ସମ୍ପୂର୍ଣ୍ଣ ଶାନ୍ତିରେ ବାସ କରି ରାଜତ୍ଵ କରିବେ



କିନ୍ତୁ ଯେଉଁମାନେ ଯୀଶୁଙ୍କଠାରେ ବିଶ୍ଵାସ କରୁନାହାନ୍ତି ଈଶ୍ଵର ସେମାନଙ୍କର ବିଚାର କରିବେ ସେ ସେମାନଙ୍କୁ ନରକ ମଧ୍ୟରେ ନିକ୍ଷେପ କରିବେ, ଯେଉଁଠି ରୋଦନ ଓ ଦନ୍ତର କିଡିମିଡି ହେବେ ଏପରି ଏକ ଅଗ୍ନି ଯାହା କେବେ ଲିଭିବ ନାହିଁ ଏବଂ ନିରନ୍ତର ପ୍ରଜ୍ଜଳିତ ହେଉଥିବ, ଏବଂ ଯେଉଁଠି କୀଟ ସେମାନଙ୍କୁ ଭକ୍ଷଣ (ଖାଇବା)ର ବନ୍ଦ କରିବ ନାହିଁ



ଯୀଶୁ ଯତେବେଳେ ଫେରିବେ, ସେ ସମ୍ପୂର୍ଣ୍ଣରୂପେ ଶୟତାନ ଓ ତାହାର ରାଜ୍ୟକୁ ବିନାଶ କରିବେ  ସେ ଶୟତାନକୁ ନରକ ମଧ୍ୟରେ ନିକ୍ଷପେ କରିବେ ଯେଉଁଠି ଈଶ୍ବରଙ୍କ ଆଜ୍ଞାବହ ହବୋ ଅପେକ୍ଷୋ ଶୟତାନର ଅନୁଗମନ କରିବାକୁ ମନୋନୀତ କରିଥିବା ସମସ୍ତଙ୍କେ ସହ ସେ ଚିରଦିନ ନିମନ୍ତେ ପୋଡିହଉେଥିବ



ଯହେେତୁ ଆଦମ ଓ ହବା ଈଶ୍ବରଙ୍କର ଅନାଜ୍ଞାବହ ହଲେେ ଏବଂ ଏହି ଜଗତକୁ ପାପ ପ୍ରବଶେ କରାଇଲେ, ତଣେୁ ଈଶ୍ବର ଏହାକୁ ଅଭିଶାପ ଦଲେେ ଏବଂ ଏହାକୁ ବିନାଶ କରିବା ନିମନ୍ତେ ନି | କିନ୍ତୁ ଦିନେ ଈଶ୍ବର ଏକ ନୂତନ ସ୍ବର୍ଗ ଓ ନୂତନ ପୃଥିବୀ ସୃଷ୍ଟି କରିବେ ଯାହା ସିଦ୍ଧ ଓ ସମ୍ପୂର୍ଣ୍ଣ ହବେ



ଯୀଶୁ ଓ ତାହାଙ୍କ ଲୋକମାନେ ନୂତନ ପୃଥିବୀରେ ବାସ କରିବେ, ଏବଂ ଯାହା ସବୁ ରହିଛି ସେ ସମସ୍ତ ଉପରେ ସେ ଚିରକାଳ ରାଜତ୍ୱ କରିବେ  ସେ ପ୍ରତ୍ୟେକଙ୍କ ଅଶ୍ରୁଜଳ ପୋଛି ଦେବେ ଏବଂ କ୍ଲେଶଭୋଗ, ଦୁଃଖ, କ୍ରନ୍ଦନ, ମନ୍ଦତା, କଷ୍ଟ ବା ମୃତ୍ୟୁ ହେବନାହିଁ  ଯୀଶୁ ଶାନ୍ତି ଓ ନ୍ୟାୟରେ ତାହାଙ୍କ ରାଜ୍ୟ ଉପରେ ରାଜତ୍ୱ କରିବେ ଏବଂ ସେ ତାହାଙ୍କ ଲୋକମାନଙ୍କ ସହ ଚିରଦିନ ରହିବେ

## Get Involved!

We want to make this visual mini-Bible available in*every language of the world* and you can help! This is not impossible—we think it can happen if the whole body of Christ works together to translate & distribute this resource.

## Share Freely

Give as many copies of this book away as you want, without restriction. All digital versions are free online, and because of the open license we are using, you can even republish Open Bible Stories commercially anywhere in the world without paying royalties! Find out more at (http://openbiblestories.com.)

## Extend!

Get Open Bible Stories as videos and mobile phone applications in other languages at (http://openbiblestories.com.) On the website, you can also get help translating Open Bible Stories into*your* language.